بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 72

**ସମ୍ପାଦକ:**

କମ୍ବୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର କାଦିଆନ
Weekly BADAR Qadian Odia

ସଂଖ୍ୟା: 30-31
ବାର୍ଷିକ ଦେୟ : ୬୦୦/-

www.badrqadian.in
8-15 ମୁହରରମ୍ 1445 ହି.କ, 27 ୱଫା, 3 ଜହୁର୍ 1402 ହି.ଶ 27July- 3 Aug 2023 ମସିହା


### ଅଲ୍ଲାଃତାଲାଙ୍କ ବାଣୀ

مَا کَانَ مُحَمَّدٌ اَبَاۤ اَحَدٍ مِّنۡ رِّجَالِکُمۡ وَلٰکِنۡ رَّسُوۡلَ اللّٰہِ وَخَاتَمَ النَّبِیّٖنَ وَکَانَ اللّٰہُ بِکُلِّ شَیۡءٍ عَلِیۡمًا

(ଅଲ୍ ଅହଜାବ୍-41)

ମୁହମ୍ମଦ ସ.ଅ ତୁମମାନଙ୍କ ମଧ୍ୟରୁ କୌଣସି ପୁରୁଷର ପିତା ନ ଥିଲେ କି (ପିତା) ନୁହନ୍ତି (କି ପିତା ହେବେ ନାହିଁ) କିନ୍ତୁ ସେ ଅଲ୍ଲାଃତାଲାଙ୍କର ରସୁଲ୍ ଅଟନ୍ତି । ବରଂ ଏହାଠୁ ବଳି ସେ ନବୀମାନଙ୍କର ମୋହର ଅଟନ୍ତି ଏବଂ ଅଲ୍ଲାଃ ସବୁ ବିଷୟ ଭଲ ଭାବରେ ଜାଣନ୍ତି (ଅର୍ଥାତ ସର୍ବଜ୍ଞ) ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟାବାନ୍, ଦୀର୍ଘାୟୁ, ନିଜର ସକଳ-ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।


# ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ ସଂଖ୍ୟା

## ପ୍ରତିଶୃତ ମସିହ୍ ଅ.ସଙ୍କ ନିତୀବାଣୀ:-

**ଆଁହଜରତ ସ.ଅଙ୍କ ଉପରେ ଓ ତାହାଙ୍କ ସମସ୍ତ ବଂଶଧର ତଥା ସାହାବାମାନଙ୍କ ଉପରେ ଦୁରୁଦ୍ ଓ ସଲାମ୍ ଅବତୀର୍ଣ୍ଣ ହେଉ ।**

**ଆପଣ ସ.ଅ ହିଁ ଈଶ୍ୱରଙ୍କୁ ଭୁଲି ଯାଇଥିବା ସଂସାରକୁ ସଦମାର୍ଗ ପ୍ରଦର୍ଶନ କରାଇଥିଲେ ତଥା ଈଶ୍ୱରଙ୍କୁ ପାସୋରି ଦେଇଥିବା ସେହି ଜଗତକୁ ପ୍ରଶିକ୍ଷିତ ଓ ଲାଭଦାୟକ ଅସ୍ତିତ୍ୱ ଅର୍ଥାତ ଆପଣ ସ.ଅ ପୁନଃ ସଲଖ ମାର୍ଗ ଆଡ଼କୁ ଟାଣି ଆଣିଥିଲେ ।**

ହେ ଈଶ୍ୱର ! ତୁମ୍ଭର ଅଶେଷ ଅଶେଷ ଧନ୍ୟବାଦ ଯେ, ତୁମ୍ଭେ ନିଜ ପରିଚୟର ସ୍ୱତଃସ୍ଫୁତଃ ମାର୍ଗ ପ୍ରଦର୍ଶନ କରାଇଲ ଏବଂ ନିଜର ପବିତ୍ର ପୁସ୍ତକଙ୍କୁ ଅବତୀର୍ଣ୍ଣ କରି ସମସ୍ତ ପ୍ରକାରର କୁଚିନ୍ତା, ବୁଦ୍ଧିର ତ୍ରୁଟି ବିଚ୍ୟୁତି ଠାରୁ ସୁରକ୍ଷିତ ରଖିଲ । ଦୁରୁଦ୍ ଓ ସଲାମ ସେହି ସମସ୍ତ ନବୀମାନଙ୍କର ଶ୍ରେଷ୍ଠ ଓ



ନବୀଙ୍କର ବଂଶଧର ତଥା ସାହାବାମାନଙ୍କ ଉପରେ ଅବତୀର୍ଣ୍ଣ ହେଉ । ଆପଣ ସ.ଅ ହିଁ ଈଶ୍ୱରଙ୍କୁ ଭୁଲି ଯାଇଥିବା ସଂସାରକୁ ସଦମାର୍ଗରେ ପରିଚାଳିତ କରାଇଥିଲେ ତଥା ଈଶ୍ୱରଙ୍କୁ ପାସୋରି ଦେଇଥିବା ସେହି ଜଗତକୁ ପ୍ରଶିକ୍ଷିତ ଓ ଲାଭଦାୟକ ଅସ୍ତିତ୍ୱ ଅର୍ଥାତ ଆପଣ ସ.ଅ ପୁନଃ ସଲଖ ମାର୍ଗ ଆଡ଼କୁ ଟାଣି ଆଣିଥିଲେ କିମ୍ବା ସେହି ସୁନ୍ଦର ଓ ଉପକାର ତଥା ଉଦାରବାଦୀ ବ୍ୟକ୍ତି ଯିଏ ଲୋକମାନଙ୍କୁ ଶିର୍କ ଓ ପ୍ରତିମା ଉପାସନାରୁ ନିବୃତ୍ତ କରାଇଥିଲେ ଏବଂ ପ୍ରକାଶିତ ଜ୍ୟୋତି ଯିଏ ଏକେଶ୍ୱରବାଦର ଆଲୋକକୁ ସଂସାରରେ ପ୍ରସାରିତ କଲେ, ଯୁଗର ସେହି ବୈଦ୍ୟ ତଥା ଚିକିତ୍ସକ ଯିଏ ବିଗିଡ଼ି ଯାଇଥିବା ହୃଦୟଗୁଡ଼ିକୁ ସତ୍ୟ ଉପରେ ଦୃଢୀଭୂତ କଲେ, ସେହି ଉଦାର ତଥା ଉଦାରତାମୂଳକ ନିଦର୍ଶନ ଯେକି ପୁରୁଷମାନଙ୍କୁ ଜୀବନର ଅମୀୟ ଜଳ ପାନ କରାଇଲେ, ସମଗ୍ର ମୁସଲମାନ ଜାତି ନିମନ୍ତେ ଯିଏ ଦାରୁଣ ଦୁଃଖ ଓ କଷଣ ସହ୍ୟ କଲେ ସେହି ମହାନ ଅସ୍ତିତ୍ୱଙ୍କ ଉପରେ ଅଶେଷ ଦୟାବାନ ଓ ସଦାକରୁଣାମୟ ପ୍ରଭୁ ଦୟାବତୀର୍ଣ୍ଣ କରନ୍ତୁ । ସେହି ସତସାହାସୀ ପହିଲମାନ ଯିଏ ଆମମାନଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କରି ନେଇ ଆସିଥିଲେ, ସେହି ଶାନ୍ତ ତଥା ସହନଶୀଳ ଓ ନିଃସ୍ୱାର୍ଥପର ବ୍ୟକ୍ତି ଯିଏ ପ୍ରଭୁଙ୍କର ଉପାସନା କରି ପ୍ରଭୁଙ୍କ ଆଗରେ ନତମସ୍ତକ ହେଲେ, ନିଜର ଅସ୍ତିତ୍ୱକୁ ମାଟିରେ ମିଶାଇଦେଲେ, ସେହି ପୂର୍ଣ୍ଣ ଏକେଶ୍ୱରବାଦୀ, ପରିଚୟର ସାଗର ଓ ଜ୍ଞାନର ଗଙ୍ଗାଙ୍କୁ କେବଳ ପ୍ରଭୁଙ୍କ ପ୍ରତାପ ହିଁ ପସନ୍ଦ ଆସିଲା ଏବଂ ଅନ୍ୟକୁ ନିଜ ଦୃଷ୍ଟିରୁ ପତିତ କଲେ । ପ୍ରଭୁଙ୍କର ସେହି ଅପୂର୍ବ ଚମତ୍କାର ଓ ଲୀଳା ସେହି ନିରକ୍ଷର ହୋଇ ସମସ୍ତ ଐଶ୍ୱରୀକ ଜ୍ଞାନ ଉପରେ କାୟା ବିସ୍ତାର କଲା ଏବଂ ପ୍ରତ୍ୟେକ ଜାତି ତଥା ସେମାନଙ୍କର ଦୋଷ ଦୁର୍ବଳତାକୁ ଦୋଷୀ ବୋଲି ବିବେଚିତ କଲେ ।

در دلم جوشد ثنائے سرورے    آنکہ در خوبی ندارد ہمسرے
آفتاب ہر زمین و ہر زمان    رہبر ہر اسود و ہر احمرے

(ବରାହିନେ ଅହେମଦିୟା, ପ୍ରଥମ ଭାଗ, ରୁହାନୀ ଖଜାଏନ୍, ଭାଗ୍-1, ପୃ-17)

# ସାହାବାମାନଙ୍କର ଆଁହଜରତ ସ.ଅଙ୍କ ପ୍ରତି ଥିବା ପ୍ରେମ

ପ୍ରିୟ ମୁନିବ ସୟେଦିନା ହ. ମୁହମ୍ମଦ ସ.ଅଙ୍କ ବ୍ୟକ୍ତିତ୍ୱ ଅନସାର ଓ ପ୍ରବାସକାରୀଙ୍କ ମଧ୍ୟରେ ଏଭଳି ରହିଥିଲା ଯେପରି ଏକ ପ୍ରଦୀପ ଓ ଜୁଳୁଜୁଳିଆ ପୋକ ମଧ୍ୟରେ ସଂପର୍କ ରହିଥାଏ । ସାହାବାମାନଙ୍କର ମନ ଓ ପ୍ରାଣ ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ଥିଲା ଏବଂ ଆପଣ ସ.ଅଙ୍କ ପ୍ରତ୍ୟେକ ଆଦେଶକୁ ଅକ୍ଷରେ ଅକ୍ଷରେ ସାହାବାମାନେ ପାଳନ କରୁଥିଲେ, ଆପଣ ସ.ଅଙ୍କ ସହିତ ଛାୟୀ ପରି ରହୁଥିଲେ । କେତେକ ସାହାବାମାନେ ଆପଣ ସ.ଅଙ୍କର ଈଶ୍ୱରଦତ୍ତ ପ୍ରତାପ ଓ ପ୍ରକାଶବାନ ପବିତ୍ର ମୁଖମଣ୍ଡଳ ଯୋଗୁଁ ଆପଣ ସ.ଅଙ୍କୁ  ସଂପୂର୍ଣ୍ଣ ଦୃଷ୍ଟି ଉପରକୁ କରି ଦେଖିପାରୁ ନଥିଲେ, ଆପଣ ସ.ଅଙ୍କୁ ପ୍ରଶ୍ନ ପଚାରିବାରୁ ଲଜ୍ଜା ଅନୁଭବ କରୁଥିଲେ ଏବଂ ଏହି ଅପେକ୍ଷାରେ ବସି ରହୁଥିଲେ ଯେ, କୌଣସି ମଫସଲ ବ୍ୟକ୍ତି ଆଁହଜରତ ସ.ଅଙ୍କୁ ପ୍ରଶ୍ନ ପଚାରୁ ଓ ଆମେ ବି ଆପଣ ସ.ଅଙ୍କୁ ଉତ୍ତର ଶୁଣିବୁ । ଆପଣ ସ.ଅ ସେମାନଙ୍କ (ସାହାବାମାନଙ୍କ) ପାଇଁ ସଂସାରର ପ୍ରତ୍ୟେକ ବସ୍ତୁ ଅପେକ୍ଷା ଅଧିକ ମୂଲ୍ୟବାନ ଥିଲେ । ସେମାନେ ଯେକୌଣସି ପରିସ୍ଥିତିରେ ଆପଣ ସ.ଅଙ୍କ ଠାରୁ ଦୂରେଇ ରହିବାକୁ ତଥା ଆପଣ ସ.ଅଙ୍କୁ ହରାଇବାକୁ ଚାହୁଁ ନଥିଲେ । ଆବାଳ ବୃଦ୍ଧ ବନୀତାମାନଙ୍କ ମଧ୍ୟରୁ କେହିବି ଏହା ଚାହୁଁ ନଥିଲା ସେ ଆପଣ ସ.ଅଙ୍କୁ ସେମାନ ହରାନ୍ତୁ  ଓ ଆପଣ ସ.ଅଙ୍କ ଠାରୁ ସେମାନେ ଭିନ୍ନ ହଅନ୍ତୁ । ଆପଣ ସ.ଅଙ୍କ ବିୟୋଗରେ ସାହାବାମାନେ ଅତ୍ୟନ୍ତ ମର୍ମାହତ ହୋଇ ପାଗଳ ପ୍ରାୟ ହୋଇ ଯାଇଥିଲେ । ହ. ଉମର୍ ର.ଅଙ୍କ ପରି ବୀର ଓ ସାହାସୀ ବ୍ୟକ୍ତି ମଧ୍ୟ ନିସ୍ତବ୍ଧ ହତବାକ୍ ଛିଡ଼ା ହୋଇ ରହିବାକୁ ବଳ ଜୁଟାଇ ପାରିଲା ନାହିଁ ଏବଂ ପାଦ ମଧ୍ୟ ଆପଣଙ୍କ ବୋଝ ଉଠାଇବାକୁ ସକ୍ଷମ ହୋଇପାରିଲା ନାହିଁ । ଏହି ପରିପ୍ରେକ୍ଷୀରେ ହସ୍ସାନ୍ ବିନ୍ ସାବିତ ଯେକି ଆଁହଜରତ ସ.ଅଙ୍କ କବି ଥିଲେ ସେ ସାହାବାମାନଙ୍କ ଏତାଦୃଶ ଅବସ୍ଥାକୁ ଉପଲବ୍ଧି କରି କବିତା ଶୈଳୀରେ ସେମାନଙ୍କର ଅବସ୍ଥାକୁ ଅତ୍ୟନ୍ତ ସୁନ୍ଦର ଭାବରେ ଚିତ୍ରିତ କରିଥିଲେ ।  କବିଙ୍କ ଭାଷାରେ-

كُنْتَ السَّوَادَ لِنَاظِرِىْ فَعَمِىَ عَلَيْكَ النَّاظِرُ ★ مَنْ شَاءَ بَعْدَكَ فَلْيَمُتْ فَعَلَيْكَ كُنْتُ اُحَاذِرُ

ଅର୍ଥାତ ହେ ମୁହମ୍ମଦ ସ.ଅ ତୁ ତ' ମୋ ନୟନ ପିତୁଳା ଥିଲୁ ତୋର ମୃତ୍ୟୁ ଘଟିବା ଫଳରେ ମୋର ଚକ୍ଷୁ ଅନ୍ଧ ହୋଇଗଲା । ବର୍ତ୍ତମାନ ଯିଏ ମରୁଛି ମରୁ ମୁଁ କିନ୍ତୁ ତୋରି ମୃତ୍ୟୁ ଘଟିବା ଯୋଗୁଁ ଭୟଭୀତ ଥିଲି । ହ. ମସିହ୍ ମଉଦ୍ ଅ.ସ ଏକଦା ମସ୍‌ଜିଦ୍ ମୁବାରକ୍ ଠାରେ ବିଚରଣ କରୁଥିଲେ ଓ ହସ୍ସନା ବିନ୍ ସାବିତ୍ ଅନ୍‌ସାରୀ ର.ଅଙ୍କ ଉକ୍ତ କବିତାଟି ପଢି ଓ ନିଜର ପ୍ରିୟ ମୁନିବ ହ. ମୁହମ୍ମଦ ସ.ଅଙ୍କୁ ସ୍ମରଣ କରି କୋହ ଭରା ରୋଦନ କରୁଥିଲେ । ସୁତରାଂ କୌଣସି ବ୍ୟକ୍ତି ଜଣେ ଆସି ଆପଣ ଅ.ସଙ୍କୁ ପଚାରିଲେ ଯେ, ଆପଣ ଅ.ସ କାହିଁକି କାନ୍ଦୁଛନ୍ତି ? ପ୍ରତ୍ୟୁତ୍ତରରେ ଆପଣ ଅ.ସ କହିଲେ ଏପରି ହୁଅନ୍ତା ଏହି କବିତାଟି ମୋ ତୁଣ୍ଡରୁ ବାହାରି ଥାଆନ୍ତା କି !  ନିମ୍ନରେ ସାହାବାମାନଙ୍କର ଆଁହଜରତ ସ.ଅଙ୍କ ପ୍ରତି ଥିବା ପ୍ରେମ ଓ ଆନ୍ତରିକତାର ନିବିଡ଼ ସଂପର୍କ ତଥା କେତେକ ଘଟଣାବଳୀ ମଧ୍ୟରୁ କେତେକ ପଂକ୍ତି ପାଠକମଣ୍ଡଳୀଙ୍କ ଦୃଷ୍ଟି ଗୋଚରାର୍ଥେ ଉଲ୍ଲେଖ କରି ଦେଉଅଛୁ ।

ସିଫର୍ ମାସ 4 ହିଜ୍ରୀରେ ଉଜଲ୍ ସଂପ୍ରଦାୟ ଓ କାରାହ୍‌ର କେତେକ ଲୋକ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ ଯେ, ଆମ ସଂପ୍ରଦାୟର ଅନେକ ବ୍ୟକ୍ତି ଇସ୍‌ଲାମ୍ ଧର୍ମ ପ୍ରତି ଆକୃଷ୍ଟ ଓ ଆସକ୍ତ ଅଟନ୍ତି । ଆପଣ ସ.ଅ କେତେକ ବ୍ୟକ୍ତିଙ୍କୁ ଆମ ସହିତ ପ୍ରେରଣ କରନ୍ତୁ ଯେକି ଆମମାନଙ୍କୁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ କରାଇବେ ଓ ଇସ୍‌ଲାମ୍ ଧର୍ମର ଧର୍ମ ଶିକ୍ଷା ପ୍ରଦାନ କରିବେ । ଆଁହଜରତ ସ.ଅ ସେମାନଙ୍କର ଏହି ଆକାଂକ୍ଷା ସଂପର୍କରେ ଜାଣି ଅତ୍ୟନ୍ତ ପ୍ରସନ୍ନ ହେଲେ ଓ ଦଶ ଜଣ ସାହାବାମାନଙ୍କର ଏକ ଗୋଷ୍ଠୀ ସେମାନଙ୍କ ସହିତ ପ୍ରେରଣ କରିଦେଲେ । କିନ୍ତୁ ପ୍ରକୃତରେ ଜଣା ପଡ଼ିଲା ଯେ, ଏହି ଲୋକମାନେ ମିଥ୍ୟାଚାରୀ ଥିଲେ ଓ ବନୁ ଲହୟାନ୍ ସଂପ୍ରଦାୟର ପ୍ରରୋଚନାରେ ଏମାନେ ମଦିନାକୁ ଆସିଥିଲେ । ଏମାନେ ନିଜର ଅଧିପତି ସୁଫିୟାନ୍ ବିନ୍ ଖାଲିଦ୍‌ଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଏହି ଷଡ଼ଯନ୍ତ୍ର ରଚିଥିଲେ । ଅର୍ଥାତ ମୁସଲମାନଙ୍କୁ ଏହିପରି କୋମଳମତି କଥା କହି, ଭୁଆଁ ବୁଲାଇ କହିଦେଲେ ମୁସଲମାନେ ମଦିନାରୁ ବାହାରି ଆସିବେ, ଫଳତଃ ଆମେମାନେ ଏମାନଙ୍କ ଉପରେ ଆକ୍ରମଣ କରିଦେବୁ । ବନୁ ଲହ୍‌ୟାନ୍ ଉକ୍ତ ସେବା ବଦଳରେ ଉଜଲ୍ ସଂପ୍ରଦାୟ ଓ କାରାହ୍ ସଂପ୍ରଦାୟର ଲୋକମାନଙ୍କ ପାଇଁ ଅନେକ ଓଟ ପୁରସ୍କାର ସ୍ୱରୂପ ଧାର୍ଯ୍ୟ କରିଥିଲେ । ଯେତେବେଳେ ଉଜଲ୍ ଓ କାରାହ୍ ସଂପ୍ରଦାୟର ଏହି ବିଶ୍ୱାସଘାତକ ଲୋକମାନେ ଅସ୍‌ଫାନ୍ ଓ ମକ୍କାର ମଧ୍ୟବର୍ତ୍ତୀ ସ୍ଥାନରେ ପହଞ୍ଚିଲେ ସେତେବେଳେ ସେମାନେ ବନୁ ଲହ୍‌ୟାନ୍ ସଂପ୍ରଦାୟକୁ ଗୁପ୍ତ ସୂଚନା ପ୍ରେରଣ କରିଦେଲେ ଯେ, ମୁସଲମାନମାନେ ଆମ ସହିତ ଆସୁଛନ୍ତି ତୁମେମାନେ ଯଥାଶୀଘ୍ର ଆସିଯାଅ । ଫଳତଃ ବନୁ ଲହ୍‌ୟାନ୍ ସଂପ୍ରଦାୟର ଦୁଇ ଶହ ଯୁବକ ଯହିଁରେ ଏକଶହ ଧନୁର୍ଦ୍ଧର ଥିଲେ ସେମାନେ ମୁସଲମାନମାନଙ୍କର ପିଛା କଲେ ଏବଂ ରଜଇ ନାମକ ସ୍ଥାନରେ ଆସି ମୁସଲମାନମାନଙ୍କୁ ଧରି ପକାଇଲେ । ସାହାବାମାନେ ସ୍ତୁପ ଆକୃତିର ଏକ ଉଚ୍ଚ ସ୍ଥାନନ ଦେଖି ତା' ଉପରେ ଯାଇ ଚଢିଗଲେ ଏବଂ ସେମାନେ ଶତ୍ରୁଙ୍କ ସହିତ ଯୁଦ୍ଧ କଲେ । ସେହି ଦଶ ଜଣ ସାହାବାମାନଙ୍କ ମଧ୍ୟରୁ ସାତ ଜଣ ସାହାବାମାନେ ବୀରଗତି ପ୍ରାପ୍ତ କଲେ ଏବଂ ତିନି ଜଣ ସାହାବା ଯଥା- ହୁବୈବ୍ ବିନ୍ ଅଦି, ଜୈଦ୍ ବିନ୍ ଓସ୍‌ନା, ଅବ୍‌ଦୁଲ୍ଲାଃ ବିନ୍ ତାରିକଙ୍କୁ ସେମାନେ ମିଛ କହି ସ୍ତୁପ ଉପରୁ ତଳକୁ ଓହ୍ଲାଇ ଆଣିଲେ ଏବଂ କହିଲେ ଆମେ ତୁମକୁ କିଛି କ୍ଷତି ପହଞ୍ଚାଇବୁ ନାହିଁ । ତୁମେ ତଳକୁ ଓହ୍ଲାଇ ଆସିଲେ ସୁରକ୍ଷିତ ରହିବ । କିନ୍ତୁ ଏହି ତିନିଜଣ ସାହାବି ଯେତେବେଳେ ତଳକୁ ଓହ୍ଲାଇଲେ ସେତେବେଳେ ଶତ୍ରୁମାନେ ଏମାନଙ୍କୁ ବନ୍ଦୀ କରିନେଲେ । ଅବ୍‌ଦୁଲ୍ଲାଃ  ର.ଅ ଯେତେବେଳେ ଶତ୍ରୁଙ୍କ ସହିତ ଆଗକୁ ଯିବାକୁ ମନାକଲେ ସେତେବେଳେ ସେମାନେ ହ. ଅବ୍‌ଦୁଲ୍ଲାଃ ର.ଅଙ୍କୁ ବାଟରେ ହିଁ ଶହୀଦ୍ କରିଦେଲେ । ବନୁ ଲହ୍‌ୟାନର ପ୍ରତିଶୋଧ ପୂରଣ ହୋଇ ସାରିଥିଲା । ବର୍ତ୍ତମାନ ସେମାନେ କୁରୈଶ୍‌କୁ ପ୍ରସନ୍ନ କରିବା ପାଇଁ ଟଙ୍କା ପଇସାର ପ୍ରଲୋଭନ ଦେଖାଇ ଖୁବୈବ୍ ଓ ଜୈଦକୁ ସାଙ୍ଗରେ ନେଇ ମଦିନା ଅଭିମୁଖେ ବାହାରିଗଲେ ଏବଂ ସେଠାରେ ପହଞ୍ଚି ସେମାନେ ଏହି ଦୁଇ ସାହାବିଙ୍କୁ କୁରୈଶ୍‌ମାନଙ୍କ ହାତରେ ବିକ୍ରି କରିଦେଲେ ।  ସୁତରାଂ ଖୁବୈବଙ୍କୁ ତ' ହାରିସ୍ ବିନ୍ ଆମିର୍ ବିନ୍ ନୌଫଲ୍‌ଙ୍କ ପୁତ୍ର କିଣିନେଲେ । ଖୁବୈବ୍ ଓ ଜୈଦ୍ ଉଭୟଙ୍କ ଶାହାଦତ୍‌ର ଘଟଣାବଳୀ ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଓ ରୋଚକପୂର୍ଣ୍ଣ ଅଟେ । ସଫ୍‌ୱାନ୍ ବିନ୍ ଉମୈୟା ନିଜର ବନ୍ଦୀ ଜୈଦ୍ ବିନ୍ ଓସ୍‌ନାଙ୍କୁ ସାଙ୍ଗରେ ଧରି ହରମ୍‌ରୁ ବାହାରକୁ ଆସିଗଲେ । କୁରୈଶ୍‌ମାନଙ୍କର ଏକ ଗୋଷ୍ଠୀ ସାଙ୍ଗରେ ରହିଥିଲା । ବାହାରେ ପହଞ୍ଚି ସଫ୍‌ୱାନ୍ ନିଜର ଦାସ ନିସ୍ତାସ୍‌କୁ ଆଦେଶ ଦେଲା ଯେ, ଜୈଦ୍‌କୁ  ଶହୀଦ୍ କରିଦିଅ । ନିସ୍ତାସ୍ ଆଗକୁ ଅଗ୍ରସର ହୋଇ ଖଡ଼ଗ ଧରିଲା । ସେତେବେଳେ ଅବୁ ସୁଫିୟାନ୍ ବିନ୍  ହର୍ବ ଯେକି ମକ୍କାର ଧନାଢ୍ୟ ବ୍ୟକ୍ତି ଥିଲା ଓ ଦର୍ଶକଙ୍କ ମଧ୍ୟରେ ଉପସ୍ଥିତ ଥିଲା, ସେ ଆଗକୁ ଅଗ୍ରସର ହୋଇ ଜୈଦ୍‌ଙ୍କୁ କହିଲା, "ହେ ଜୈଦ୍ ! ସତ କୁହ, କ'ଣ ତୁମ ମନ ଚାହୁଁ ନାହିଁ ଯେ, ବର୍ତ୍ତମାନ ତୁମ ସ୍ଥାନରେ ଯଦି ମୁହମ୍ମଦ ସ.ଅ ମୋ ହାତରେ ଥାଆନ୍ତେ ତେବେ ମୁଁ ତାଙ୍କୁ ମାରି (**ନାଉଜୁ ବିଲ୍ଲାଃ**) ଦିଅନ୍ତି ଓ ତୁମେ ବର୍ତ୍ତି ଯାଇ ଥାଆନ୍ତ । ତୁମେ ନିଜର ପରିବାର ବର୍ଗଙ୍କ ମଧ୍ୟରେ ଆନନ୍ଦର ସହାକରେ ଜୀବନ ଅତିବାହିତ କରି ଥାଆନ୍ତ? "ଜୈଦ୍ ର.ଅଙ୍କ ଚକ୍ଷୁ ରକ୍ତ ରଞ୍ଜିତ ହୋଇ ଉଠିଲା ଏବଂ ସେ କ୍ରୋଧ ଜର୍ଜରିତ ହୋଇ କହିଲେ, "ଅବୁ ସୁଫିୟାନ୍ ! ତୁମେ ଏ କ'ଣ କୁହଛ ? ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ତ' ଏହା ମଧ୍ୟ ଚାହୁଁ ନାହିଁ ଯେ,  ମୋର ଜୀବିତ ରହିବା ବଦଳରେ ରସୁଲୁଲ୍ଲାଃ ସ.ଅଙ୍କ ପାଦରେ ଯଦି କଣ୍ଟାଟିଏ ମଧ୍ୟ ଚୁଭୁ ।"  ଅବୁ ସୁଫିୟାନ୍ ସହସା କହି ଉଠିଲା, "**ଓଲ୍ଲାଃ** ମୁଁ କୌଣସି ବ୍ୟକ୍ତିକୁ  କାହା ସହିତ ଏହିଭଳି ପ୍ରେମ କରୁଥିବାର ଦେଖି ନାହିଁ ଯେପରି ଆଁହଜରତ ସ.ଅଙ୍କର ସାହାବାମାନଙ୍କୁ ଆଁହଜରତ ସ.ଅଙ୍କ ସହିତ ପ୍ରେମ ରହିଛି ।" ଏହାପରେ ନିସ୍ତାସ୍ ହ. ଜୈଦ୍ ର.ଅଙ୍କୁ ଶହୀଦ୍ କରିଦେଲା ।

**(ସିରତ୍ ଖାତମୁନ୍ ନବୀୟିନ୍, ପୃ-513-516)**

ହ. ମୁସଲେହ୍ ମଉଦ୍ ର.ଅ କୁହନ୍ତି:- ଓହୋଦ୍ ଯୁଦ୍ଧ ପରେ ଯେତେବେଳେ ଇସ୍‌ଲାମୀୟ ସୈନ୍ୟବାହିନୀ ମଦିନା ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲା ସେତେବେଳ ପର୍ଯ୍ୟନ୍ତ ରସୁଲୁଲ୍ଲାଃ ସ.ଅଙ୍କର ଶାହାଦତ୍ ଓ ଇସଲାମୀୟ ସୈନ୍ୟଦଳର ବିକ୍ଷିପ୍ତତାର ସୂଚନା ମଦିନାରେ ପହଞ୍ଚି ଯାଇଥିଲା ।  ମଦିନାର  ମହିଳାମାନେ  **(ଅବଶିଷ୍ଟାଂଶ ପୃ10ରେ)**

# (ଖୁତ୍‌ବା ଜୁମା)

**ତୁମମାନଙ୍କୁ ଅଭିନନ୍ଦନ । ଅଲ୍ଲାଃତାଲା ମୋତେ ଦୁଇଟି ଗୋଷ୍ଠୀଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ଉପରେ ବିଜୟ ପ୍ରାପ୍ତ କରିବାର ପ୍ରତିଶୃତି ବା ଅଙ୍ଗୀକାର ପ୍ରଦାନ କରିଛନ୍ତି । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ଯେପରି ବର୍ତ୍ତମାନ ସେହି ସ୍ଥାନକୁ ଦେଖୁଅଛି ଯେଉଁଠି ଶତ୍ରୁ ପକ୍ଷର ଲୋକମାନେ ବଧ ହୋଇ ଟଳି ପଡ଼ିବେ ।**

---

**ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ବର୍ତ୍ତମାନ ଆପଣ ସ.ଅଙ୍କ ସତ୍ୟତା ଆମ୍ଭମାନଙ୍କ ଉପରେ ପରିପ୍ରକାଶିତ ହୋଇଯାଇଛି ଏବଂ ଆପଣ ସ.ଅଙ୍କ ମର୍ଯ୍ୟାଦା ମଧ୍ୟ ଆମ୍ଭମାନଙ୍କ ଉପରେ ପ୍ରକାଶ୍ୟ ହୋଇଯାଇଛି । ତେଣୁ ବର୍ତ୍ତମାନ ଆଉ କୌଣସି ଚୁକ୍ତିର କୌଣସି ପ୍ରଶ୍ନ ଉଠୁ ନାହିଁ । ସମ୍ମୁଖରେ ସମୁଦ୍ର ରହିଛି ଆପଣ ଆଦେଶ ଦିଅନ୍ତୁ ଆମେମାନେ ତହିଁରେ ନିଜର ଅଶ୍ୱ ନିକ୍ଷେପ କରିବା ପାଇଁ ମଧ୍ୟ ପ୍ରସ୍ତୁତ ଅଛୁ ଓ ଯଦି ଯୁଦ୍ଧ ହେଲା ତେବେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଆମେମାନେ ଆପଣ ସ.ଅଙ୍କ ବାମ ପାର୍ଶ୍ୱର ବି ଲଢ଼ିବୁ ଓ ଦକ୍ଷିଣ ପାର୍ଶ୍ୱରେ ମଧ୍ୟ ଲଢ଼ିବୁ, ଆମେମାନେ ଆପଣ ସ.ଅଙ୍କ ସମ୍ମୁଖର ବି ଲଢ଼ିବୁ ଓ ପଶ୍ଚାତ ପଟରେ ମଧ୍ୟ ଲଢ଼ିବୁ । ଯେପର୍ଯ୍ୟନ୍ତ ଶତ୍ରୁ ଆମମାନଙ୍କର ଶବକୁ ଦଳି ଅତିକ୍ରମ କରିଯାଇ ନାହିଁ ସେପର୍ଯ୍ୟନ୍ତ ସେ ଆପଣ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିବେ ନାହିଁ ।**

---

**ରସୁଲୁଲ୍ଲାଃ ସ.ଅ ଲୋକମାନଙ୍କ ଆଡ଼କୁ ଚାହିଁ କହିଲେ** هٰذَا مَكَّةُ قَدْ اَلْقَتْ اِلَيْكُمْ اَفْلَاذَ كَبِدِهَا **ଅର୍ଥାତ ମକ୍କା ନିଜର ଯକୃତ ଖଣ୍ଡକୁ ତୁମ ଆଗରେ ବାହାର କରି ରଖି ଦେଇଛି ।**
**ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆମେମାନେ ହ. ଅବୁ ବକର ର.ଅଙ୍କୁ ଆପଣ ସ.ଅଙ୍କ ସୁରକ୍ଷା ସକାଶେ ନିୟୋଜିତ କରିଦେଇଛୁ ଏବଂ ଏହି ଦ୍ରୁତଗାମୀ ଓଟଟି ଆପଣ ସ.ଅଙ୍କ ନିକଟରେ ବାନ୍ଧି ଦେଇଅଛୁ । ଭଗବାନ ନକରନ୍ତୁ ଯଦି ଏପରି ପରିସ୍ଥିତି ଆସେ ଯେ, ଆମେମାନେ ଗୋଟି ଗୋଟି କରି ଏହିଠାରେ ଶହୀଦ ହୋଇଯାଉ ତେବେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ଓଟ ଏଠାରେ ଉପସ୍ଥିତ ତଥା ଛିଡ଼ା ହୋଇଛି ଆପଣ ଏହି ଓଟ ଉପରେ ଆରୋହଣ ହୋଇ ମଦିନା ପହଞ୍ଚି ଯିବେ ।**

---

**ହେ ଅଲ୍ଲାଃ ! ଏହି କୁରୈଶମାନେ ଗର୍ବ ଓ ଅହଂକାରପୂର୍ବକ ତୁମ୍ଭ ସହିତ ଓ ତୁମ୍ଭର ବାର୍ତ୍ତାବହଙ୍କର ପ୍ରତ୍ୟାଖ୍ୟାନ କରିବା ନିମନ୍ତେ ଆସିଯାଇଛନ୍ତି। ମୋତେ ସାହାଯ୍ୟ କରିବା ନିମନ୍ତେ ତୁମ୍ଭେ ଯେଉଁ ପ୍ରତିଶୃତି ଦେଇଅଛ ତାହାକୁ ତୁମ୍ଭେ ପୂର୍ଣ୍ଣ କରି ଆଜି ହିଁ ସେମାନଙ୍କର ଅନ୍ତ ଘଟାଇ ଦିଅ ।**

**"ବଦର ଯୁଦ୍ଧର ପ୍ରସ୍ତୁତି ପର୍ବର ପରିସ୍ଥିତି ଓ ଘଟଣାବଳୀ ତଥା ସାହାବା ର.ଅଙ୍କର ନିଜର ପ୍ରିୟ ମୁନିବ ତଥା ଆଜ୍ଞାବହ ହ. ମୁହମ୍ମଦ ସ.ଅଙ୍କ ପ୍ରତି ରୋଚକପୂର୍ଣ୍ଣ ଆଜ୍ଞାପାଳନ ଓ ପ୍ରେମର ଚର୍ଚ୍ଚା । "**

**ଯାମିଆ ଅହେମଦିୟା ରବୱାର ପୂର୍ବତନ ପ୍ରଧାନ ଶିକ୍ଷକ ଏବଂ ରବୱା ସ୍ଥିତ ମଦରସତୁଲ୍ ହିଫଜର ତତ୍ତ୍ୱାବଧାରକ ସମ୍ମାନନୀୟ କାରି ମୁହମ୍ମଦ ଆଶିକ୍ ହୁସୈନ୍ ସାହେବଙ୍କ ନମାଜ ଯନାଜାଃ ଓ ସିରୀୟାର ସମ୍ମାନନୀୟ ନୁରୁଦ୍ଦୀନ ଅଲ୍ ହିସନି ସାହେବଙ୍କ ଉତ୍ତମ ଚର୍ଚ୍ଚା ତଥା ନମାଜ ଯନାଜାଃ ଗାଏବ୍**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା**

**23 Jun 2023 ମସିହା ଅନୁଯାୟୀ ୨୩ ଇହସାନ୍ / ୧୪୦୨ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ଯେପରିକି ବିଗତ ଖୁତବାରେ ଏକଥା ଆଲୋଚନା ହୋଇଥିଲା ଯେ, ହ. ମୁହମ୍ମଦ ସ.ଅଙ୍କ ଦ୍ୱାରା ପ୍ରେରିତ ଗୁପ୍ତଚରମାନେ ଏହି ସୂଚନା ଦେଲେ ଯେ, ମକ୍କାର ଅମାନ୍ୟକାରୀମାନଙ୍କ ସେନା ନିଜ ବାଣିଜ୍ୟିକ ଦଳକୁ ରକ୍ଷା କରିବା ନିମନ୍ତେ ଧାଇଁ ଆସୁଛନ୍ତି । ସେତେବେଳେ ହୁଜୁର ସ.ଅ ସାହାବାମାନଙ୍କୁ ପରିସ୍ଥିତି ସଂପେର୍କରେ ଅବଗତ କରାଇ ସେମାନଙ୍କ ମତାମତ ଲୋଡ଼ିଲେ । ପ୍ରତ୍ୟୁତ୍ତରରେ ହ. ଅବୁ ବକର ର.ଅ ଛିଡ଼ା ହେଲେ ଓ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ବାର୍ତ୍ତାଳାପ କଲେ । ପୁନଶ୍ଚ ହ. ମିକ୍‌ଦାଦ୍ ବିନ୍ ଉମ୍ରୋ ର.ଅ କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଯେଉଁଆଡ଼େ ପ୍ରସ୍ଥାନ କରିବାକୁ ଆଦେଶ ଦେଇଛନ୍ତି ଆପଣ ସେହିଆଡ଼େ ହିଁ ପ୍ରସ୍ଥାନ କରନ୍ତୁ । ଆମେ ଆପଣ ସ.ଅଙ୍କ ସହିତ ଅଛୁ । ଆମେ ଈଶ୍ୱରଙ୍କ ଶପଥ କରି କହୁଛୁ ଯେ, ଯେପରି ବନୀ ଇସ୍ରାଇଲ୍‌ର ଜାତି ହ. ମୁସା ଅ.ସଙ୍କୁ ଉତ୍ତର ଦେଇଥିଲେ ଆମେ ସେପରି ଉତ୍ତର ଦେବୁ ନାହିଁ । ଅର୍ଥାତ ସେମାନେ କହିଥିଲେ ଯେ, فَاذْهَبْ أَنْتَ وَرَبُّكَ فَقَاتِلَآ اِنَّا هَاهُنَا قَاعِدُوْنَ **(ଅଲ୍ ମାଏଦା: 25)** ଅର୍ଥାତ୍ ତୁମ୍ଭେ ଓ ତୁମ୍ଭର ପାଳନକର୍ତ୍ତା ଯାଇ ଲଢ଼ ଆମେମାନେ ତ' ଏହିଠାରେ ହିଁ ବସି ରହିବୁ । ସାହାବାମାନେ କହିଲେ, ବରଂ ଆମେମାନେ ତ' ଆପଣ ସ.ଅଙ୍କ ସାଥିରେ ଅଛୁ । ଆପଣ ସ.ଅ ଯାହା ନିଷ୍ପତ୍ତି ନେବେ ଆମେ ଆପଣ ସ.ଅଙ୍କ ସହିତ ମିଶି ଶତ୍ରୁ ପକ୍ଷର ମୁକାବିଲା କରିବୁ ।

ଆମେ ସେହି ପରାକ୍ରମୀ ପ୍ରଭୁଙ୍କ ଶପଥ କରି କହୁଛୁ ଯେକି ଆପଣ ସ.ଅଙ୍କୁ ସତ୍ୟତାର ସହିତ ପ୍ରେରଣ କରିଛନ୍ତି । ଯଦି ଆପଣ ସ.ଅ ଆମମାନଙ୍କୁ ବର୍କୁଲ୍ ଗୁମାଦ୍ (ଏକ ସ୍ଥାନର ନାମ) ପର୍ଯ୍ୟନ୍ତ ଘେନି ନିଅନ୍ତି ତେବେ ମଧ୍ୟ ଆମେ ଆପଣ ସ.ଅଙ୍କ ସଥିରେ ଚାଲିଯିବୁ । ବର୍କୁଲ୍ ଗୁମାଦ୍ ସଂକ୍ରାନ୍ତରେ ଏହା ଉଲ୍ଲେଖ ରହିଛି ଯେ, ଉକ୍ତ ସ୍ଥାନଟି ମକ୍କା ଠାରୁ ପାଞ୍ଚ ଶହ ମାଇଲ ଦୂରରେ ଅବସ୍ଥିତ ଅଟେ । ଅର୍ଥାତ ଏହି ସ୍ଥାନଟି ୟମନ୍‌ରେ ଅବସ୍ଥିତ । ପୁନଶ୍ଚ ସାହାବାମାନେ କହିଲେ ଯେ, ଆମେ ଆପଣ ସ.ଅଙ୍କ ସାହଚର୍ଯ୍ୟତ୍ୱରେ ଶତ୍ରୁ ସହିତ ଯୁଦ୍ଧ କରି ଚାଲିବୁ ଏପର୍ଯ୍ୟନ୍ତ କି ଆମେମାନେ ସେଠାରେ ପହଞ୍ଚିଯିବୁ । ଉକ୍ତ ଉତ୍ତର ଶୁଣିବା ପରେ ହୁଜୁର୍ ସ.ଅ ସେମାନଙ୍କ ମଙ୍ଗଳ କାମନା କରି ଦୁଆ କଲେ ।

**(ଅସସିରତୁନ୍ ନବୱିୟତୁ ଲିଇବ୍‌ନି ହିଶ୍ଶାମି, ପୃ-420-421, ଦାରୁଲ୍ କିତାବୁଲ୍ ଇଲ୍‌ମିୟାହ୍, ବୈରୁତ୍ 2001 ମସିହା) (ଗଜ୍‌ୱାତୁନ୍ ନବୀ ସ.ଅ, ଲେଖକ-ଅବୁଲ୍ କଲାମ୍ ଆଜାଦ୍, ପୃ-30, ପ୍ରକାଶନୀ ସଂସ୍ଥା, ସିଟି ବୁକ୍ ପଏଣ୍ଟ 20014 ମସିହା)**

ଜଣେ ଲେଖକ ଏହା ଉଲ୍ଲେଖ କରିଛନ୍ତି ଯେ, ବର୍କୁଲ୍ ଗୁମାଦ୍ ମକ୍କାର ଦକ୍ଷିଣ ଦିଗକୁ ପ୍ରାୟ ୪୩୦ କି.ମି ଦୂରତାରେ ସାଧାରଣ ରାଜପଥରୁ ପୃଥକ ଏକ ଦୂରବର୍ତ୍ତୀ ସ୍ଥାନ ଥିଲା । ଯାହାକି ନିଜ ଯାତ୍ରାର ଦୀର୍ଘତା ଓ ପୀଡ଼ା ପାଇଁ ଲୋକୋକ୍ତି ରୂପେ ବ୍ୟବହୃତ ହେଉଥିଲା । ଯେପରିକି ଉର୍ଦ୍ଦୁରେ କୋହେ କାଫ୍ ଶବ୍ଦଟି ବ୍ୟବହୃତ ହୁଏ

ଯାହାକି ଦୂରତାର ଅର୍ଥକୁ ସୂଚାଏ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ଆପଣ ସ.ଅ ଯେତେ ଦୀର୍ଘ ଯାତ୍ରା କରି ନିଅନ୍ତୁ ପଛେ ଆମେମାନେ ଆପଣ ସ.ଅଙ୍କ ସାଥିରେ ଅଛୁ । **(ଦାଏରାହ୍ ମୁଆରିଫ୍ ସିରତ୍ ମୁହମ୍ମଦ ସ.ଅ. ଭାଗ-6. ପୃ-139, ବଜ୍ମ୍ ଇକ୍‌ବାଲ୍ ଲାହୋର୍, ଏପ୍ରିଲ 2022 ମସିହା )**

ତତ୍‌ସଂକ୍ରାନ୍ତରେ ଏକ ସ୍ୱଷ୍ଟୀକରଣ ମଧ୍ୟ ରହିଛି ଯେ, କେତେକ ଜୀବନୀକାର ଇତ୍ୟବସରରେ ଏହି ପ୍ରଶ୍ନ ଉତ୍ଥାପିତ କରିଛନ୍ତି ଯେ, ହ. ମିକ୍‌ଦାଦ୍ ଯେକି ସେହି ଅବସରରେ ଉକ୍ତ ଆୟତ୍‌ଟି ପାଠ କରିଥିଲେ ତାହା ସୁରାହ୍ ମାଏଦାର ଆୟତ୍ ଅଟେ ଏବଂ ଉକ୍ତ ସୁରାହଟି ବହୁ ପରେ ଅବତୀର୍ଣ୍ଣ ହୋଇଥିବା ସୁରାହ୍ ଅଟେ। ଅତଃ ଇତ୍ୟବସରରେ ଏହି ଆୟତ୍ ପାଠ କରିବା ଯଥାର୍ଥ ଅଟେ । କିନ୍ତୁ ବ୍ୟାଖ୍ୟାକାରମାନେ ଏହାର ଔଚିତ୍ୟତା ମଧ୍ୟ ଉପସ୍ଥାପିତ କରନ୍ତି । ଉଦାହରଣ ସ୍ୱରୂପ ସେ ବନୀ ଇସ୍ରାଇଲ୍ ଠାରୁ ଏହା ଶୁଣିଥିବେ କିମ୍ବା ପରେ କୌଣସି ବର୍ଣ୍ଣନାକାରୀ ଉକ୍ତ ଆୟତ୍ ସାମିଲ୍ କରି ନେଇଥିବ । ସେ ଯାହା ହେଉ ନା କାହିଁକି ଉକ୍ତ ଆପତ୍ତିଟି ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ । କାରଣ ଜୀବନୀ ପୁସ୍ତକରେ ଏହା ଉଲ୍ଲେଖ ରହିଛି ଯେ, ସୁରାହ୍ ମାଏଦା ସଂପୂର୍ଣ୍ଣ ରୂପେ ହଜ୍ଜତୁଲ୍ ୱିଦା ଅବସରରେ ଅବତୀର୍ଣ୍ଣ ହେବା କଥାଟି ଆଦୌ ସଠିକ୍ ନୁହେଁ । ଏହାର କେତେକ ଆୟାତ୍ ଅନେକ ସମୟ ପୂର୍ବେ ଅବତୀର୍ଣ୍ଣ ହୋଇ ସାରିଥିଲା । ସେହି ଆୟତ୍ ମଧ୍ୟରୁ ଗୋଟିଏ ଆୟତ୍ ହ. ମିକ୍‌ଦାଦ୍ ର.ଅ ବଦର୍ ଯୁଦ୍ଧ ଅବସରରେ ଆବୃତ୍ତି କଲେ। କିନ୍ତୁ ସେ ଯାହା ହେଉ ନା କାହିଁକି ଇହୁଦୀମାନଙ୍କ ଠାରୁ ହିଁ କଥା ଶୁଣିଥିଲେ । ସମ୍ଭବତଃ ତାହା ସଠିକ୍ ହୋଇଥାଇ ପାରେ ?

ପୁନଶ୍ଚ ବର୍ଣ୍ଣିତ ହୋଇଛି ଏହି ତିନିଜଣ ଅର୍ଥାତ ହ. ଅବୁ ବକର ର.ଅ, ହ. ଉମର୍ ର.ଅ, ହ. ମିକ୍‌ଦାଦ୍ ର.ଅ ଯଦିଓ ପ୍ରବାସକାରୀଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଅତଃ ରସୁଲୁଲ୍ଲାଃ ସ.ଅଙ୍କର ଏହି ଇଚ୍ଛା ଥିଲା ଯେ, ଅନ୍‌ସାର୍‌ମାନଙ୍କ ରାୟ ଜାଣି ନିଅନ୍ତୁ । (ଅର୍ ରହିକୁଲ୍ ମଖ୍‌ତୁମ୍, ଲେଖକ- ମୌଲାନା ସଫିଉର୍ ରହ୍‌ମାନ, ମୁବାରକପୁରୀ, ପୃ-285, ଅଲ ମକ୍‌ତବତୁସ୍ ସଲ୍‌ଫିୟାହ୍ ଲାହୋର୍) (ଫତ୍‌ହୁଲ୍ ବାରି, ଭାଗ-2 ପୃ-201, ପ୍ରାମାଣ୍ୟ-ଦାଏରାହ୍ ମୁଆରିଫ୍, ସିରତ୍ ମୁହମ୍ମ ସ.ଅ ଭାଗ-6, ପୃ-139, ବଜମ୍ ଇକ୍‌ବାଲ୍ ଲାହୋର, ଏପ୍ରିଲ୍ 2022 ମସିହା) ସୁତରାଂ ରସୁଲୁଲ୍ଲାଃ ସ.ଅ କହିଲେ: ହେ ଲୋକମାନେ ! ତୁମେମାନେ ମୋତେ ପରାମର୍ଶ ପ୍ରଦାନ କର । ତହିଁରୁ ଆପଣ ସ.ଅଙ୍କର ତାତ୍ପର୍ଯ୍ୟ ଅନ୍‌ସାର୍‌ମାନେ ଥିଲେ । ସମ୍ଭବତାଃ ଏହାର ଆଉ ଏକ କାରଣ ଏହା ମଧ୍ୟ ହୋଇଥାଇ ପାରେ ଯେ, ବୈଅତେ ଅକ୍‌ବା ସମୟରେ ସେମାନେ କହିଥିଲେ ଯେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ନିଃସନ୍ଦେହ ଆମେମାନେ ସେପର୍ଯ୍ୟନ୍ତ ଦାୟିତ୍ୱରୁ ମୁକ୍ତ ଅଛୁ ଯେପର୍ଯ୍ୟନ୍ତ ଆପଣ ଆମର ସହରରେ ଆଗମନ କରି ନେଇ ନାହାନ୍ତି । କିନ୍ତୁ ଯେତେବେଳେ ଆପଣ ସେଠାରେ ଅର୍ଥାତ ମଦିନାରେ ଆଗମନ କରିବେ ସେତେବେଳେ ଆପଣ ସ.ଅ ଆମମାନଙ୍କର ଦାୟିତ୍ୱ ହେବେ । ଆମେମାନେ ପ୍ରତ୍ୟେକ ବସ୍ତୁରୁ ଆପଣ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରିବୁ ଯହିଁରୁ ଆମେମାନେ ନିଜର ପତ୍ନୀ ଓ ସନ୍ତାନମାନଙ୍କର ସୁରକ୍ଷା କରିଥାଉ । ଏଣୁ ଆଁହଜରତ ସ.ଅ ଏହା ଆଶଙ୍କା ବ୍ୟକ୍ତ କରୁଥିଲେ ଯେ, ଅନ୍‌ସାରମାନେ କେବଳ ସେହି ଶତ୍ରୁ ଠାରୁ ଆପଣ ସ.ଅଙ୍କର ସୁରକ୍ଷା ନକରନ୍ତୁ ଯିଏ ପବିତ୍ର ମଦିନା ନଗରୀ ଉପରେ ହଠାତ୍ ଆକ୍ରମଣ କରିଦେବେ ଏବଂ ସେମାନେ ଏହା ଭାବୁଥିବେ ଯେ, ସେମାନେଙ୍କ ଉପରେ ନିଜ ସହରରୁ ବାହାରକୁ ଯାଇ ଶତ୍ରୁ ସହିତ ମୁକାବିଲା କରିବା ବାଧ୍ୟତାମୂଳକ ନୁହେଁ । କିନ୍ତୁ ରସୁଲୁଲ୍ଲାଃ ସ.ଅ ଯେତେବେଳେ ଏହି କଥା କହିଲେ ସେତେବେଳେ ହ. ସାଆଦ୍ ବିନ୍ ମୁଆଜ ର.ଅ ଆପଣ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏପରି ପ୍ରତିତ ହେଉଛି ଆପଣ ସ.ଅ ଆମମାନଙ୍କର ମତ ଲୋଡୁଛନ୍ତି । ରସୁଲୁଲ୍ଲାଃ ସ.ଅ କହିଲେ, ଅବଶ୍ୟ ମୁଁ ତୁମମାନଙ୍କର ପରାମର୍ଶ ଲୋଡୁଛି । ହ. ସାଆଦ୍ ର.ଅ କହିଲେ ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆମେମାନେ ନିର୍ଦ୍ଦ୍ୱନ୍ଦ୍ୱରେ ଆପଣ ସ.ଅଙ୍କ ଉପରେ ବିଶ୍ୱାସ ଆଣିଛୁ, ଆମେମାନେ ଆପଣ ସ.ଅଙ୍କର ପୁଷ୍ଟି କରିଛେ, ଆମେମାନେ ସାକ୍ଷ୍ୟ ଦେଇଛୁ ଯେ, ଆପଣ ସ.ଅ ଯେଉଁ ଧର୍ମ ନେଇ ଆସିଛନ୍ତି ତାହା ସତ୍ୟ ଓ ଆମେମାନେ ଏଥିପାଇଁ ପ୍ରତିଜ୍ଞା ମଧ୍ୟ କରିଛୁ । ଆମେମାନେ ଆପଣ ସ.ଅଙ୍କ ଆଦେଶ ଶୁଣିବା ଓ ଏହାକୁ ପାଳନ କରିବା ନିମନ୍ତେ ଦୃଢ ପ୍ରତିଜ୍ଞା ମଧ୍ୟ କରିଛୁ। ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଯୁଆଡ଼େ ଚାହୁଁଛନ୍ତି ଆପଣ ଯାଆନ୍ତୁ ଆମେ ଆପଣ ସ.ଅଙ୍କ ସଥିରେ ଅଛୁ । ଆମେ ସେହି ସତ୍ତାଙ୍କ ରାଣ ଖାଇ କହୁଛୁ ଯିଏ ଆପଣ ସ.ଅଙ୍କୁ ସତ୍ୟର ସହିତ ପ୍ରେରଣ କରି ଅଛନ୍ତି । ଆପଣ ସ.ଅ ଯଦି ଆମମାନଙ୍କୁ ସମୁଦ୍ରକୁ ନେଇଯିବେ ଓ ସ୍ୱୟଂ ତହିଁରେ ପ୍ରେବେଶ କରିବେ ତେବେ ଆମେମାନେ ମଧ୍ୟ ସମୁଦ୍ର ମଧ୍ୟକୁ ଲମ୍ଫ ପ୍ରଦାନ କରିବୁ । ଆମମାନଙ୍କ ମଧ୍ୟରୁ କେହି ବି ପଶ୍ଚାତପଦ ହୋଇ ରହିବ ନାହିଁ । ଆମେମାନେ ଏକଥାକୁ ନାପସନ୍ଦ କରୁ ନାହୁଁ ଯେ, ଆପଣ ସ.ଅ କାଲି ଆମମାନଙ୍କ ସାଙ୍ଗରେ ଧରି ଶତ୍ରୁର ମୁକାବିଲା କରିବା ନିମନ୍ତେ ଯାଆନ୍ତୁ ଓ ଆମେମାନେ ଯୁଦ୍ଧ କରିବାକୁ ମନା କରିବୁ। ଆମେମାନେ ଯୁଦ୍ଧ କରିବାରେ ଧୈର୍ଯ୍ୟ ପ୍ରର୍ଶନକାରୀ ଅଟୁ । ଶତ୍ରୁ ସହିତ ମୁହାଁମୁହିଁ ପରିସ୍ଥିତିରେ ଆମେମାନେ ବିଶ୍ୱସ୍ତତା ପ୍ରଦର୍ଶନ କରିଥାଉ । ଆମେମାନେ ଆଶା କରୁଛୁ ଅଲ୍ଲାଃତାଲା ଆମମାମନାଙ୍କ ଦ୍ୱାରା ଆପଣ ସ.ଅଙ୍କୁ ସେହି କୃତିତ୍ୱ ଦେଖାନ୍ତୁ ଯଦ୍ୱାରା ଆପଣ ସ.ଅଙ୍କ ଚକ୍ଷୁ ଶୀତଳ ହୋଇଯିବ । ସୁତରାଂ ଅଲ୍ଲାଃତାଲାଙ୍କ ଆଶିଷର ଅଧିକାରୀ ହେବା ସକାଶେ ଆପଣ ସ.ଅ ଆମମାନଙ୍କୁ ନିଜ ସାଥିରେ ଘେନି ନିଅନ୍ତୁ ।

ସେହି ମୁସଲିମର ଏକ ବର୍ଣ୍ଣନାରେ ଏହି ଶବ୍ଦ ହ. ସାଆଦ୍ ବିନ୍ ଉବାଦାଙ୍କ ପକ୍ଷରୁ ଇଙ୍ଗିତ ହୋଇଅଛି କିନ୍ତୁ ଅନେକ ବର୍ଣ୍ଣନାନୁଯାୟୀ ହ. ସାଆଦ୍ ବିନ୍ ଉବାଦାହ୍ ର.ଅ ବଦର୍ ଯୁଦ୍ଧରେ ଅଂଶ ଗ୍ରହଣ କରି ନଥିଲେ । ଅତଃ ଜୀବନୀକାର ଏହାର ସମାନତା ପ୍ରଦାନ କରିଛନ୍ତି ଯେ, ସମ୍ଭବତଃ ସାହାବାମାନଙ୍କ ସହିତ ଦୁଇ ଥର ପରାମର୍ଶ କରାଯାଇଥିବ । ପ୍ରଥମ ଥର ମଦିନାରେ ଯେତେବେଳେ ଆପଣ ସ.ଅଙ୍କୁ ବୈଣିଜ୍ୟିକ ଦଳ ସଂପର୍କରେ ସୂଚନା ମିଳିଥିଲା ଓ ମଦିନାରେ ହ. ଉବାଦାହ୍ ର.ଅ ଏହି ଭାଷଣ ଦେଇଥିବେ ଓ ଦ୍ୱିତୀୟ ଥର ଯେତେବେଳେ ଆପଣ ସ.ଅ ଯାତ୍ରାରେ ଥିଲେ ସେତେବେଳେ ଆପଣ ସ.ଅ ପରାମର୍ଶ କରିଥାଇ ପାରନ୍ତି । ସୁତରାଂ ସେତେବେଳେ ହ. ସାଆଦ୍ ବିନ୍ ମୁଆଜ୍ ର.ଅ ଏହି ବାର୍ତ୍ତାଳାପ କରିଥିବେ। ସେ ଯାହା ହେଉ ନା କାହିଁକି ଏହା ତ' ବ୍ୟାଖ୍ୟାରେ ଶାରେହ୍ ନିଜ ଅନୁଯାୟୀ ଉଲ୍ଲେଖ କରୁଛନ୍ତି । କିନ୍ତୁ ପ୍ରକୃତ ଘଟଣାଟି ଏହିପରି ଯେପରି ହ. ସାଆଦ୍ ର.ଅ ଏହା ହିଁ ବର୍ଣ୍ଣନା କରିଛନ୍ତି । ହ. ସାଆଦ୍ ର.ଅଙ୍କ ଏହି କଥନ ଶୁଣି ରସୁଲୁଲ୍ଲାଃ ସ.ଅ ବେଶ୍ ପ୍ରସନ୍ନ ହେଲେ ଓ କହିଲେ, ତୁମେମାମନ ବାହାରି ପଡ଼ ଓ ତୁମମାନଙ୍କୁ ଶୁଭସମାଚାର ପ୍ରାପ୍ତ ହେଉ । ଅଲ୍ଲାଃତାଲା ମୋତେ ଦୁଇଟି ଦଳ (ଅର୍ଥାତ ସିରୀୟା ଅଭିମୁଖେ ଥିବା ବଣିକ ଦଳ ଓ ମକ୍କାର ଅମାନ୍ୟକାରୀ ସୈନ୍ୟଦଳ) ମଧ୍ୟରୁ ଗୋଟିଏ ଉପରେ ବିଜୟ ପ୍ରଦାନ କରିବାର ପ୍ରତିଶୃତି ପ୍ରଦାନ କରିବାର ପ୍ରତିଶୃତି ଦେଇଛନ୍ତି । ମୁଁ ସେହି ସ୍ଥାନ ଦେଖୁଅଛି ଯେଉଁ ସ୍ଥଳେ ଶତ୍ରୁମାନେ ନିହତ ହୋଇ ଟଳି ପଡ଼ିବେ ।

**(ଅସ୍ ସିରତୁନ୍ ନବ୍‌ୱିୟାହ୍ ଲିଇବ୍‌ନି ହିଶ୍ଶାମି, ପୃ-421, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍ 20010 ମସିହା) (ଶରହୁଲ୍ ଜର୍କାନୀ, ଭାଗ-2, ପୃ-270, ପ୍ରକାଶନ ସ୍ଥାନ- ଦାରୁଲ୍ କିତାବୁଲ୍ ଇଲମିୟା ବୈରୁତ୍ 1996 ମସିହା ।)**

"ସାହାବାମାନେ ଆପଣ ସ.ଅଙ୍କ ଏହି କଥା ଶୁଣି ଆନନ୍ଦିତ ହୋଇଗଲେ । କିନ୍ତୁ ତତ୍‌ସହିତ ଆଶ୍ଚର୍ଯ୍ୟ ଭାବ ବ୍ୟକ୍ତ କରି କହିଲେ, هَلَّا ذَكَرْتَ لَنَا الْقِتَالَ فَنَسْتَعِدَّ ଅର୍ଥାତ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଯଦି ଆପଣ ସ.ଅଙ୍କୁ ପୂର୍ବରୁ ହିଁ ଅମାନ୍ୟକାରୀ ସୈନ୍ୟଦଳର ଆଗମନର ଖବର ଜଣା ଥିଲା ତେବେ ଆପଣ ସ.ଅ ଆମମାନଙ୍କୁ ମଦିନାରେ ହିଁ କାହିଁକି ଯୁଦ୍ଧ ହେବା ସଂକ୍ରାନ୍ତରେ ସୂଚିତ କଲେ ନାହିଁ ? ଯଦ୍ୱାରା ଆମେମାନେ ସେଥି ନିମନ୍ତେ ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ବାହାରି ଥାଆନ୍ତୁ । କିନ୍ତୁ ଏହି ସୂଚନା ମିଳିବା ସତ୍ତ୍ୱେ ଏବଂ ହ. ମୁହମ୍ମଦ ସ.ଅଙ୍କର ଏହି ସୁସମାଚାର ପ୍ରଦାନ କରିବା କି ଦୁଇଟି ଦଳ ମଧ୍ୟରୁ ଗୋଟିଏ ଦଳ ଉପରେ ପରମେଶ୍ୱର ଆମକୁ ବିଜୟ ବିମଣ୍ଡିତ କରିବେ । ମୁସଲମାନମାନଙ୍କୁ ବର୍ତ୍ତମାନ ସୁଦ୍ଧା ସଠିକ୍ ରୂପେ ଏହା ଜ୍ଞାତ ନଥିଲା ଯେ, ସେମାନଙ୍କର ମୁକାବିଲା କେଉଁ ଦଳ ସହିତ ହେବ। ସେମାନେ ଚିନ୍ତା କରୁଥିଲେ ଯେ, ଯେକୌଣସି ଗୋଟିଏ ଦଳ ସହିତ ନିଶ୍ଚିତ ଆମେମାନେ ମୁହାଁମୁହିଁ ହେବୁ । ସ୍ୱଭାବ ଦୃଷ୍ଟିରୁ ସେମାନେ ଦୁର୍ବଳ ଦଳ ସହିତ ମୁହାଁମୁହିଁ ହେବାର ଅଭିଳାଷୀ ଥିଲେ ।"

**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହେବ୍‌ଜାଦା ବଶୀର୍ ଅହମଦ୍**

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

**ସାହେବ ଏମ୍.ଏ ର.ଅ, ପୃ-355, ପ୍ରକାଶନ ବର୍ଷ-1996 ମସିହା)**

ତତ୍‌ସଂକ୍ରାନ୍ତରେ ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: ବଦର ଅବସରରେ ଯେତେବେଳେ ମଦିନା ବାହାରେ ଯୁଦ୍ଧା ହେବାକୁ ଲାଗିଲା ସେତେବେଳେ ରସୁଲ୍ କରୀମ୍ ସ.ଅ ସମସ୍ତ ସାହାବାମାନଙ୍କୁ ଏକତ୍ରିତ କଲେ ଓ କହିଲେ ହେ ଲୋକମାନେ! ତୁମେମାନେ ମୋତେ ପରାମର୍ଶ ଦିଅ । କାରଣ ମୋତେ ଜ୍ଞାତ ହୋଇଛି ଯେ, ଆମମାନଙ୍କର ଯୁଦ୍ଧ ଅମକ ଦଳ ସହିତ ହେବ ନାହିଁ ବରଂ ମକ୍କାର ସୈନ୍ୟଦଳ ସହିତ ଆମର ମୁକିବିଲା ହେବ । ଏକଥା ଶୁଣି ଗୋଟିଏ ପରେ ଗୋଟିଏ ପ୍ରବାସକାରୀମାନେ ଛିଡ଼ା ହେଲେ ଏବଂ ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଅବଶ୍ୟ ଯୁଦ୍ଧ କରନ୍ତୁ ଆମେମାନେ ଆପଣ ସ.ଅଙ୍କ ସାଥିରେ ଅଛୁ । କିନ୍ତୁ ପ୍ରତ୍ୟେକ ଥର ଯେତେବେଳେ କୌଣସି ପ୍ରବାସକାରୀ ନିଜ ଚିନ୍ତାଧାରା ବ୍ୟକ୍ତ କରିବା ପରେ ବସି ଯାଉଥିଲା ସେତେବେଳେ ଆପଣ ସ.ଅ କହିଲେ, ହେ ଲୋକମାନେ ! ଆପଣମାନେ ମୋତେ ପରାମର୍ଶ ଦିଅନ୍ତୁ । ଆଁହଜରତ ସ.ଅଙ୍କ ମସ୍ତିଷ୍କରେ ଏକଥା ରହିଥିଲା ଯେ, ପ୍ରବାସକାରୀମାନେ ତ' ପରାମର୍ଶ ଦେଉଛନ୍ତି, କିନ୍ତୁ ପ୍ରକୃତ ପ୍ରସଙ୍ଗ ହେଉଛି ଅନ୍‌ସାରାମାନଙ୍କର । ତେଣୁ ଆପଣ ସ.ଅ ନୀରବ ଥିଲେ । କାରଣ ଲଢିଲାବାଲା ମକ୍କାବାସୀ ଥିଲେ, ସେମାନେ ଭାବୁଥିଲେ ଯେ, ଆମେମାନେ ଯଦି ଏହା କହିଲୁ କି ଆମେମାନେ ଲଢିବା ପାଇଁ ପ୍ରସ୍ତୁତ ଅଛୁ ତେବେ ସମ୍ଭବତଃ ଆମମାନଙ୍କର ଏହି କଥା ପ୍ରବାସକାରୀମାନଙ୍କୁ ଖରାପ ଲାଗିପାରେ ଓ ସେମାନେ ଭାବିବେ ଯେ, ଏହି ଲୋକମାନେ ବୁଝିବେ ଯେ, ଏହି ଲୋକମାନେ ଆମର ଭାଇ ବନ୍ଧୁଙ୍କ ଗଳା କାଟିବା ପାଇଁ ଆଗକୁ ବଢି ବଢି କଥା କରୁଛନ୍ତି । କିନ୍ତୁ ଯେତେବେଳେ ରସୁଲ୍ କରୀମ୍ ସ.ଅ ବାରମ୍ବାର କହିଲେ ଯେ, ହେ ଲୋକମାନେ ! ମୋତେ ପରାମର୍ଶ ପ୍ରଦାନ କର । ତେବେ ଜଣେ ଅନ୍‌ସାରୀ ବ୍ୟକ୍ତି ଛିଡ଼ା ହେଲେ ଓ ସେ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କୁ ତ' ପରାମର୍ଶ ମିଳୁଅଛି । ଗୋଟିଏ ପରେ ଗୋଟିଏ ପ୍ରବାସକାରୀ ଉଠୁଛି ଏବଂ ସେ କହୁଛି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଲଢନ୍ତୁ । କିନ୍ତୁ ଆପଣ ସ.ଅ ବାରମ୍ବାର ଏହା ହିଁ କହୁଥିଲେ ଯେ, ହେ ଲୋକମାନେ ! ତୁମେମାନେ ମୋତେ ପରାମର୍ଶ ଦିଅ । ତହିଁରୁ ମୁଁ ଏହା ମନେକରୁଛି ଯେ, ଆପଣ ସ.ଅଙ୍କର ଯଥାର୍ଥ ସମ୍ଭବତଃ ଅନ୍‌ସାରମାନେ ଅଟନ୍ତି । ରସୁଲ୍ କରୀମ୍ ସ.ଅ କହିଲେ, ଠିକ୍ ଅଛି । ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଏଇଥିପାଇଁ ଚୁପ୍ ରହିଥିଲୁ ଯେ, ଆମେମାନେ ଭୟ କରୁଥିଲୁ ଯେ, ଆମ ପ୍ରବାସକାରୀ ଭାଇମାନଙ୍କର ମନ ଯେପରି ଦୁଃଖିତ ନହେଉ । ଆମେମାନେ ଯଦି କହିଲୁ କି ଆମାମାନେ ଯୁଦ୍ଧ ବା ଲଢିବା ପାଇଁ ପ୍ରସ୍ତୁତ ଅଛୁ ତେବେ ସେମାନଙ୍କ ମନରେ ଏହି ଚିନ୍ତାଧାରା ଉଦ୍ରେକ ହେବ ଯେ, ଏମାନେ ଆମର ଭାଇମାନଙ୍କୁ ଓ ସଂପର୍କୀୟଙ୍କୁ ମାରିବା ନିମନ୍ତେ ପରାମର୍ଶ ଦେଉଛନ୍ତି । ପୁନଶ୍ଚ ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସମ୍ଭବତଃ ଆପଣ ସ.ଅଙ୍କ ଇଙ୍ଗିତ ବୈଅତେ ଅକ୍‌ବା ଆଡ଼କୁ ରହିଛି । ଯହିଁରେ ଆମେମାନେ ଏହା ସ୍ୱୀକାରୋକ୍ତି ପ୍ରକାଶ କରିଥିଲୁ ଯେ, ମଦିନା ଉପରେ ଯଦି କୌଣସି ଶତ୍ରୁ ଆକ୍ରମଣ କରେ ତେବେ ଆମେମାନେ ଆପଣ ସ.ଅଙ୍କୁ ସମର୍ଥନ ଜଣାଇବୁ । କିନ୍ତୁ ଯଦି ମଦିନା ବାହାରକୁ ଯାଇ ଲଢିବାକୁ ପଡ଼ିଲା ତେବେ ଆମ ଉପରେ କୌଣସି କଟକଣା ରହିବା ନାହିଁ । ଅର୍ଥାତ ଆମେମାନେ ବାଧ୍ୟ ହେବୁ ନାହିଁ । ରସୁଲୁଲ୍ଲାଃ ସ.ଅ କହିଲେ, ହଁ "ଏହି କଥା ରହିଛି" ସେ କହିଲା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଯେତେବେଳେ ସେହି ଚୁକ୍ତି କରିଥିଲୁ ସେତେବେଳେ ଆମେମାନଙ୍କୁ ସଠିକ୍ ରୂପେ ଜ୍ଞାତ ନଥିଲା ଯେ, ଆପଣ ସ.ଅଙ୍କର କ'ଣ ଭବ୍ୟତା ରହିଛି ?

ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ବର୍ତ୍ତମାନ ତ' ଆପଣ ସ.ଅଙ୍କ ସତ୍ୟତା ଆମ ଉପରେ ପ୍ରକଟିତ ହୋଇଯାଇଛି ଏବଂ ଆପଣ ସ.ଅଙ୍କ ମର୍ଯ୍ୟାଦା ଆମ ଉପରେ ସ୍ପଷ୍ଟ ହୋଇଯାଇଛି । ତେଣୁ ବର୍ତ୍ତମାନ ଆଉ କୌଣସି ଚୁକ୍ତିର ପ୍ରଶ୍ନ ଉଠୁ ନାହିଁ । ସମ୍ମୁଖରେ ସମୁଦ୍ର ରହିଛି ଆପଣ ଆମମାନଙ୍କୁ ଆଦେଶ ଦେଇ ଦଖନ୍ତୁ ଆମେମାନେ ତହିଁରେ ନିଜର ଅଶ୍ୱମାନଙ୍କୁ ନିକ୍ଷେପ କରିବା ପାଇଁ ପ୍ରସ୍ତୁତ ଅଛୁ। ଯଦି ଯୁଦ୍ଧ ହୁଏ ତେବେ ଈଶ୍ୱରଙ୍କ ଶପଥ କରି କହୁଛୁ ! ଆମେମାନେ ଆପଣ ସ.ଅଙ୍କ ବାମ ପାର୍ଶ୍ୱରେ ମଧ୍ୟ ଲଢିବୁ ଓ ଦକ୍ଷିଣ ପାର୍ଶ୍ୱରେ ବି ଲଢିବୁ, ପଛରେ ଲଢିବୁ ଆଗରେ ଲଢିବୁ । ଯେପର୍ଯ୍ୟନ୍ତ ଶତ୍ରୁ ଆମର ଶବକୁ ପାଦ ତଳେ ଦଳି ଅତିକ୍ରମ କରିନେଇ ନାହିଁ ସେପର୍ଯ୍ୟନ୍ତ ଶତ୍ରୁ ଆପଣ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ ।

**(ସେରେ ରୁହାନୀ ସଂଖ୍ୟା-4, ଅନୱାରୁଲ୍ ଉଲୁମ୍ ଭାଗ-19, ପୃ-532-533)**

ଉକ୍ତ ପରାମର୍ଶ ପରେ ରସୁଲୁଲ୍ଲାଃ ସ.ଅ ସେଠାରୁ ପ୍ରସ୍ଥାନ କଲେ ଓ ବିଭିନ୍ନ ମାର୍ଗ ଦେଇ ଅତିକ୍ରମ କରି ବଦର ଭୂମି ନିକଟବର୍ତ୍ତୀ ସ୍ଥାନରେ ଅବତରଣ କଲେ ।

ବଦର୍ ଯୁଦ୍ଧର ବିସ୍ତୃତ ବିବରଣୀ ପୂର୍ବେ ମଧ୍ୟ ବର୍ଣ୍ଣିତ ହୋଇ ସାରିଛି । କିନ୍ତୁ ଏଠାରେ ପୁନଃ ବର୍ଣ୍ଣନା କରି ଦେଉଅଛି । ମଦିନାର ଦକ୍ଷିଣ ପଶ୍ଚିମରେ ୧୫୦ କି.ମି ବ୍ୟବଧାନରେ ଅବସ୍ଥିତ ଭୂମିକୁ ବଦର କୁହାଯାଏ । ଏହା ଏକ ଧବଳ ଆକୃତିର ସାଢେ ପାଞ୍ଚ ମାଇଲ୍ ଲମ୍ବ ଓ ଚାରି ମାଇଲ୍ ଓସାର ମରୁଭୂମିରେ ଅବସ୍ଥିତ ଏକ ସ୍ଥାନ ଅଟେ । ଏହା ଆଖପାଖରେ ଉଚ୍ଚ ପର୍ବତ ଶୃଙ୍ଖଳା ରହିଛି । ତହିଁରେ ଅନେକ କୂପ ଓ ଉଦ୍ୟାନ ମଧ୍ୟ ରହିଥିଲା ଯେଉଁଠି ସାଧାରଣତଃ ବଣିକ ଦଳର ସୈନ୍ୟ ଦଳମାନେ ଶିବିର ସ୍ଥାପନ କରୁଥିଲେ । ବଦର ଭୂମି ନିକଟବର୍ତ୍ତୀ ଅବତରଣ କରିବାର କିଛି ସମୟ ପରେ ଆପଣ ସ.ଅ ଓ ହ. ଅବୁ ବକର ର.ଅ ଆରୋହଣ ହୋଇ ବାହାରି ପଡ଼ିଲେ । ଏପର୍ଯ୍ୟନ୍ତ କି ଜଣେ ଆରବ୍ୟ ବୃଦ୍ଧ ନିକଟରେ ଯାଇ ଅଟକିଗଲେ ଓ ତା'କୁ କୁରୈଶ୍ ଓ ମୁହମ୍ମଦ୍ ସ.ଅ ତଥା ଆପଣ ସ.ଅଙ୍କର ସାଥିମାନଙ୍କ ସଂକ୍ରାନ୍ତରେ କିଛି ନକହି ପଚାରିଲେ ଯେ, ଆପଣ କିଏ? ବୃଦ୍ଧ ଜଣକ କିହବାକୁ ଲାଗିଲା ଯେ, ମୁଁ ମୋ ବିଷୟରେ ତୁମକୁ ସେତେବେଳେ ଯାଇ କହିବି ଯେତେବେଳେ ତୁମେ ମୋତେ ଏହା କହିବ ଯେ, ତୁମେ କେଉଁ ସଂପ୍ରଦାୟର ଅଟ ? ରସୁଲୁଲ୍ଲାଃ ସ.ଅ କହିଲେ, ତୁମେ ଯେତେବେଳେ ମୋତେ ନିଜ ସଂକ୍ରାନ୍ତରେ କହିବ ସେତେବେଳେ ମୁଁ ତୁମକୁ ନିଜ ବିଷୟରେ କହିବି ଓ ସୂଚିତ କିରଦେବି ଯେ, ମୁଁ କିଏ ? ସେ କହିଲା ଯେ, ଏହା ତ' ଅଦଳର ବଦଳ ଅଟେ ? ରସୁଲ୍ କରୀମ୍ ସ.ଅ କହିଲେ, ହଁ । ବୃଦ୍ଧ ଜଣକ କହିଲା ମୋତେ ଜ୍ଞାତ ହୋଇଛି ଯେ, ମୁହମ୍ମଦ ସ.ଅ ଓ ଆପଣଙ୍କ ସାହାବାମାନେ ଅମକ ଅମକ ଦିନ ପ୍ରସ୍ଥାନ କରିଛନ୍ତି । ଯଦି ମୋତେ କହିଲାବାଲା ସତ କହିଥିଲା ତେବେ ସେମାନେ ଆଜି ଅମକ ସ୍ଥାନରେ ହେବେ । ବୃଦ୍ଧ ଜଣକ ସେହି ସ୍ଥାନର ନାମ ନେଲା ଯେଉଁଠି ରସୁଲ୍ କରୀମ୍ ସ.ଅ ପହଞ୍ଚିଥିଲେ । ବୃଦ୍ଧ ପୁନଶ୍ଚ କହିବାକୁ ଲାଗିଲା ଏହା ମଧ୍ୟ ଖବର ମିଳିଛି ଯେ, କୁରୈଶ ଅମକ ଦିନ ବାହାରିଛନ୍ତି । ମୋତେ ଯଦି କହିଲାବାଲା ସତ୍ୟ କହିଛି ତେବେ ସେମାନେ ଆଜି ଅମକ ସ୍ଥାନରେ ହେବେ । ସେ ସେହି ସ୍ଥଳର ନାମ ନେଲା ଯେଉଁଠି କୁରୈଶ୍‌ମାନେ ପହଞ୍ଚିଥିଲେ । ବୃଦ୍ଧ ଜଣକ ଉଭୟ କଥା ସଠିକ୍ କହିଲା । ସେ ଯେତେବେଳେ ନିଜର ସୂଚନା ଦେବାରୁ ବିରତ ହେଲା ସେତେବେଳେ କହିଲା, ତୁମେ କେଉଁ ସଂପ୍ରଦୟର ଅଟ ?

ରସୁଲୁଲ୍ଲାଃ ସ.ଅ କହିଲେ, ଆମେମାନେ ପାଣିରୁ ଅଟୁ । ପୁନଶ୍ଚ ଆପଣ ସ.ଅ ତା' ପାଖରୁ ଫେରି ଆସିଲେ । ସେ କହିବାକୁ ଲାଗିଲା ଯେ, ପାଣିରୁ ଅଟ, ଏହାର କି ଅର୍ଥ ? କ'ଣ ଇରାକର ଜଳରୁ ଅଟ ? ଆପଣ ସ.ଅଙ୍କର ଏହି ଉତ୍ତର ଅତ୍ୟନ୍ତ ଅର୍ଥପୂର୍ଣ୍ଣ ପ୍ରତିତ ହେଉଥିଲା । ଏହା ଉପରେ ଇତିହାସବିତ୍‌ମାନେ ମଧ୍ୟ ଯୁକ୍ତି ଓ ବିତର୍କ କରିଛନ୍ତି । ଆମର ପ୍ରାମାଣ୍ୟ ସନ୍ଧାନକାରୀମାନେ ବିଭିନ୍ନ ଇତିହାସବିତ୍‌ଙ୍କର ଏ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ମଧ୍ୟ ଉପସ୍ଥାପିତ କରିଛନ୍ତି । ଏଠାରେ ମୁଁ ସାରାଂଶ ସ୍ୱରୂପ ଉପସ୍ଥାପିତ କରିଦେଉଛି । ଇତିହାସବିତମାନେ ଏହି ପ୍ରଶ୍ନ ଉତ୍ଥାପିତ କରିଛନ୍ତି ଯେ, ପ୍ରକାଶ୍ୟ ରୂପେ ଏହା ଜଣାପଡ଼େ ଯେ, ନବୀ କରୀମ୍ ସ.ଅ ତା'କୁ ଭୁଲ୍ ଉତ୍ତର ଦେଲେ ନାହିଁ । ହଁ ଆପଣ ସ.ଅ ତା'କୁ ଉତ୍ତର ଅର୍ଥପୂର୍ଣ୍ଣ ଢଙ୍ଗରେ ଦେଇଥିଲେ, ଯାହା ମିଥ୍ୟା ମଧ୍ୟ ନୁହେଁ ଓ ସେହି ଭୟଙ୍କର ଯୁଦ୍ଧ ପରିସ୍ଥିତିରେ ନିର୍ଦ୍ଦିଷ୍ଟ ସ୍ଥାନର ଠିକଣା ମଧ୍ୟ କହିଲେ ନାହିଁ । କାରଣ ଆପଣ ସ.ଅ ଯାହା କହିଥିଲେ ଯେ, ଆମେ ଜଳରୁ ଅଛୁ । ତେବେ ତହିଁରୁ ଯଥାର୍ଥ ସେହି କୁରଆନୀୟ ଆଦେଶାବଳୀ ଥିଲା ଯେ, ଆମେମାନେ ପ୍ରତ୍ୟେକ ଜୀବିତ ବସ୍ତୁକୁ ଜଳରୁ ସୃଷ୍ଟି କରିଛୁ । ଜଣେ ଜୀବନୀକାର ଏହା ଉଲ୍ଲେଖ କରିଛନ୍ତି ଯେ, ହ ଅବୁ ବକର ର.ଅ ଜାବିରୁଲ୍ ଯଜାଏରୀ ଅଟନ୍ତି । ଆଉ ଜଣେ ଇତିହାସବିତ୍ କୁହନ୍ତି ଯେ, ଆରବୀୟମାନଙ୍କର ଏହି ପରମ୍ପରା ରହିଥିଲା ଯେ, ଯେଉଁଠି ଲୋକମାନେ ବାସ କରୁଥିଲେ ସେଠାକାର ଠିକଣା ଅର୍ଥାତ ଝରଣା ଆଦିର ନାମ ନେଇ କହୁଥିଲେ ଯେ, ଆମେମାନେ ଅମକ ଜଳ ଓ ଅମକ ଜଳ ଅଞ୍ଚଳର ଲୋକ ଅଟୁ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃର ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ବୋଲି କହିଥିଲେ ଯେପରିକି ଉକ୍ତ ବୃଦ୍ଧ ଜଣକ କହିଥିଲା । କିନ୍ତୁ ଇଙ୍ଗିତ ସେହି ଢଙ୍ଗରେ କଲେ ଯେ, ସେମାନେ ବୃଦ୍ଧ ଇରାକର ଦିଗ ବୁଝିଥିବେ ଏବଂ ବଦରର ସେହି ଝରଣା ଇରାକ୍ ଦିଗର ଗୋଟିଏ ପାର୍ଶ୍ୱ ହୋଇଥିବ । ସେ ଯାହା ହେଉ ନା କାହିଁକି ଅଲ୍ଲାଃତାଲା ହିଁ ଭଲ ଭାବରେ ଜାଣନ୍ତି ।

ପୁନଶ୍ଚ ରସୁଲ୍ କରୀମ୍ ସ.ଅ ସାହାବାମାନଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କଲେ। ଯେତେବେଳେ ସନ୍ଧ୍ୟା ହେଲା ସେତେବେଳେ ରସୁଲ୍ କରୀମ୍ ସ.ଅ ହ. ଅଲୀ, ର.ଅ, ହ. ଜୁବୈର୍ ବିନ୍ ଅୱାମ୍ ର.ଅ ଓ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କୁ କେତେକ ସାହାବାମାନଙ୍କ ସାଥିରେ ଝରଣା ଆଡ଼କୁ ପ୍ରେରଣ କଲେ । କାରଣ ସେମାନେ ଆପଣ ସ.ଅଙ୍କ ପାଇଁ ସେଠାକାର ସୂଚନା ସଂପର୍କରେ ସୂଚନା ଆଣି ଦେବେ । ସେହି ସାହାବାମାନଙ୍କୁ କୁରୈଶ୍ ପାଇଁ ଜଳ ନେଇଯାଉଥିବା ଦୁଇଟି ଦାସ ମିଳିଲେ ଯାହାଙ୍କୁ ସାହାବାମାନେ ଧରି ଆଣିଥିଲେ ଓ ସେମାନଙ୍କୁ ପଚରା ଉଚୁରା କଲେ । ହେଲେ ରସୁଲ୍ କରୀମ୍ ସ.ଅ ସେତେବେଳେ ଛିଡ଼ା ହୋଇ ନମାଜ ପାଠ କରୁଥିଲେ । ସେହି ଦୁହେଁ କହିଲେ ଯେ, ଆମେମାନେ କୁରୈଶ୍‌ଙ୍କ ପାଇଁ ଜଳ ନେଇଯିବୁ । ସେମାନେ ଅମକ ଜଳ ଆଣିବା ପାଇଁ ପ୍ରେରଣ କରିଛନ୍ତି। ସାହାବାମାନେ ଏମାନଙ୍କର କୌଣସି କଥା ଶୁଣିଲି ନାହିଁ ଓ ଭାବିଲେ ଯେ, ସମ୍ଭବତଃ ଏମାନେ ଅବୁ ସୁଫିୟାନ୍‌ର କର୍ମଚାରୀ ଅଟନ୍ତି । ତେଣୁ ସାହାବାମାନେ ଏମାନଙ୍କୁ ମାର୍‌ପିଟ ବା ବାଡ଼ାବାଡ଼ି କଲେ ଓ ଯେତେବେଳେ ସେମାନଙ୍କୁ ବହୁତ ହଇରାଣ ହରକତ କଲେ ସେତେବେଳେ ସେମାନେ କହିଦେଲେ ଯେ, ହଁ ଆମେମାନେ ଅବୁ ସୁଫିୟାନ୍‌ର ଦାସ ଓ ତା'ର କର୍ମଚାରୀ ଅଟୁ । ଫଳତଃ ସାହାବାମାନେ ଏମାନଙ୍କୁ ଛାଡ଼ିଦେଲେ । ରସୁଲ୍ କରୀମ୍ ସ.ଅ ଯେତେବେଳେ ସଲାମ୍ ଫେରିଲେ (କରି ସାରିଲେ) ସେତେବେଳେ କହିଲେ, ସେମାନେ ଯେତେବେଳେ ତୁମମାନଙ୍କୁ ସତ୍ୟ କହିଲେ ସେତେବେଳେ ତୁମେମାନେ ସେମାନଙ୍କୁ ମାଡ଼୍‌ପିଟ୍ କଲ ଓ ଯେତେବେଳେ ସେମାନେ ତୁମକୁ ମିଛ କହିଲେ ସେତେବେଳେ ତୁମେମାନେ ଛାଡ଼ିଦେଲ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ସେମାନେ ସତ୍ୟ କହିଛନ୍ତି । ନିଃସନ୍ଦେହ ରୂପେ ମୋନେ କୁରୈଶ୍‌ର ଦାସ ଅଟନ୍ତି । ପୁନଶ୍ଚ ଆପଣ ସ.ଅ ସେହି ଦୁହିଁଙ୍କ ଆଡ଼କୁ ମୁହଁ କରି କହିଲେ ମୋତେ କୁରୈଶ୍ ସଂକ୍ରାନ୍ତରେ ଅବଗତ କରିଦିଅ । ସେମାନେ ଦୁହେଁ କହିଲେ, ଆମେମାନେ ଈଶ୍ୱରଙ୍କ ଶପଥ କରି କହୁଛୁ! ସେମାନେ ସେହି ସ୍ତୂପର ପଛ ଉପତ୍ୟକାର ଉଭୟ ପାର୍ଶ୍ୱରେ ଶିବିର ପକାଇଛନ୍ତି । ରସୁଲୁଲ୍ଲାଃ ସ.ଅ ପୁନଶ୍ଚ ପଚାରିଲେ ଯେ, ସେମାନେ କେତେଜଣ ଅଛନ୍ତି ? ଉତ୍ତର ଦେଲେ ଯେ, ବହୁ ସଂଖ୍ୟକ ଅଟନ୍ତି । ସେମାନଙ୍କୁ ପଚରାଗଲା ଯେ, କେତେ ସଂଖ୍ୟ ଅଛନ୍ତି ? ସେମାନେ କହିବାକୁ ଲାଗିଲେ ଯେ, ଆମକୁ ଜଣା ନାହିଁ । ଆପଣ ସ.ଅ ପୁନଃ ପଚାରିଲେ ଯେ, ସେମାନେ ଖାଇବା ପାଇଁ ଦୈନିକ କେତେ ସଂଖ୍ୟକ ଓଟ ଜେବହ୍ କରୁଛନ୍ତି ? ସେମାନେ ଉତ୍ତର ଦେଲେ, କେଉଁ ଦିନ ୯ଟି ଓ ଆଉ କେଉଁ ଦିନ ୧୦ଟି ଓଟ । ଏକଥା ଶୁଣି ରସୁଲୁଲ୍ଲାଃ ସ.ଅ କହିଲେ ଶତ୍ରୁମାନଙ୍କର ସଂଖ୍ୟା ୯୦୦ କିମ୍ବା ୧୦୦୦ ମଧ୍ୟରେ ରହିଛି । ଆଁହଜରତ ସ.ଅ ଓଟର ଜେବହ୍ ହେବାରୁ ଠଉରାଇ ନେଲେ । ପୁନଶ୍ଚ ଆପଣ ସ.ଅ ସେମାନଙ୍କୁ ପଚାରିଲେ ଯେ, ସେମାନଙ୍କ ମଧ୍ୟରେ କୁରୈଶ୍‌ର ପ୍ରମୁଖ ଲୋକମାନେ କିଏ କିଏ ଅଛନ୍ତି ? ସେମାନେ କୁରୈଶ୍‌ର ଅନେକ ଅଧିପତିଙ୍କର ନାମ କହିଲେ ଯହିଁରେ ଅବୁ ଜହଲ୍, ଅତ୍‌ବା, ଶୈବା, ହକିମ୍ ବିନ୍ ହିଜାମ୍, ଉମୈୟା ବିନ୍ ଖଲ୍‌ଫ୍ ଆଦି ଲୋକମାନେ ସାମିଲ୍ ବା ଅନ୍ତର୍ଭୁକ୍ତ ଅଟନ୍ତି । ପୁନଶ୍ଚ ରସୁଲୁଲ୍ଲା ସ.ଅ ଲୋକମାନଙ୍କ ଆଡ଼କୁ ଧ୍ୟାନ ମୁହାଁ ହେଲେ ଓ କହିଲେ, هٰذَا مَكَّةُ قَدْ اَلْقَتْ اِلَيْكُمْ اَفْلَاذَ كَبِدِهَا ଅର୍ଥାତ ମକ୍କା ନିଜର ଯକୃତ ଖଣ୍ଡକୁ ତୁମ ଆଗରେ ବାହାର କରି ରଖି ଦେଇଛି । ଏହା ଅତ୍ୟନ୍ତ ବୌଦ୍ଧିକତାପୂର୍ଣ୍ଣ ଓ ଦାର୍ଶନିକପୂର୍ଣ୍ଣ ଶବ୍ଦ ଥିଲା ଯାହା ଆପଣ ସ.ଅଙ୍କ ତୁଣ୍ଡରୁ ନିଃଶଙ୍କୋଚ ରୂପେ ବାହାରିଥିଲା । କାରଣ କୁରୈଶ୍‌ମାନେ ଖ୍ୟାତିସମ୍ପନ୍ନ ହେବା ପରିବର୍ତ୍ତେ ଅଧିପତିମାନଙ୍କର ଚର୍ଚ୍ଚା ଯେତେବେଳେ ହେଉଥିଲା ସେତେବେଳେ ଦୁର୍ବଳ ସ୍ୱଭାବ ମୁସଲମାନମାନେ ଉଦାସୀନ ହେଉଥିଲେ ଏହି ଶବ୍ଦଗୁଡ଼ିକ ସେମାନଙ୍କର ଚିନ୍ତା ଶକ୍ତି ଏହି ଆଡ଼କୁ ଆକର୍ଷିତ କରିଦେଲା ଯେ, ସେମାନେ ଯେପରି ସେହି କୁରୈଶୀୟ ଅଧିପତିମାନଙ୍କୁ ତ' ଈଶ୍ୱର ମୁସଲମାନମାନଙ୍କର ଶିକାର ହେବା ନିମନ୍ତେ ପ୍ରେରଣ କରିଛନ୍ତି ।

**(ସିରତ୍ ଖାମୁନ୍ ନବୀୟିନ୍, ଲେଖକ-ହ. ସାହେବଜାଦା ମିର୍ଜା ବଶୀରୁଦ୍ଦୀନ ସାହେବ ଏମ୍.ଏ, ପୃ-356, ପ୍ରକାଶନ ବର୍ଷ- 1996 ମିସିହା)**

ଏହାପରେ ଆଁହଜରତ ସ.ଅ ନିଜର ସୈନ୍ୟଦଳକୁ ଆନ୍ଦୋଳିତ କଲେ । କାରଣ ସେମାନେ ଅମାନ୍ୟକାରୀଙ୍କ ଠାରୁ ପୂର୍ବେ ବଦରର ଝରଣା ପାଖରେ ପହଞ୍ଚି ଯାଆନ୍ତୁ ଓ ଅମାନ୍ୟକାରୀଙ୍କୁ ଝରଣା ଉପରେ ଅଧିକାର ସାବ୍ୟସ୍ତ କରିବାକୁ ସୁଯୋଗ ନ ଦିଅନ୍ତୁ । ସୁତରାଂ ଇଶା ସମୟରେ ଆପଣ ସ.ଅ ବଦର ନିକଟବର୍ତ୍ତୀ ଝରଣା ପାଖରେ ଅବତରଣ କଲେ ।

**(ଅର୍ ରହିକୁଲ୍ ମଖ୍‌ତୁମ୍, ଲେଖକ- ମୌଲାନା ସଫିଉର୍ ରହମାନ ମୁବାରକପୁରୀ, ପୃ-288, ଅଲ)**

ଇତ୍ୟବସରରେ ହ. ହୁବ୍‌ବାବ୍ ବିନ୍ ମୁନ୍‌ଜର୍ ର.ଅ ଏକ ପରାମର୍ଶ ଦେଇଥିଲେ। ଯେତେବେଳେ ଆଁହଜରତ ସ.ଅ ବଦରର ସବୁଠୁ ନିକଟବର୍ତ୍ତୀ ଝରଣା ପାଖରେ ଶିବିର ଲଗାଇଲେ ସେତେବେଳେ ହୁବ୍‌ବାବ୍ ବିନ୍ ମୁନ୍‌ଜର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଆଦେଶକ୍ରମେ ଏହି ସ୍ଥାନରେ ଅବସ୍ଥାନ କରିଛନ୍ତି କି ଆମେମାନେ ଏଠାରୁ ଆଗକୁ ଅଗ୍ରସର ହୋଇପାରିବୁ ନାହିଁ ଓ ନା ହିଁ ଆମେମାନେ ଏଠାରୁ ପଛକୁ ଘୁଞ୍ଚି ପାରିବୁ ଅବା ଏହା କେବଳ ଆପଣ ସ.ଅଙ୍କର ରାୟ ଓ ଯୁଦ୍ଧର କୂଟନୈତିକ ଚାଲ୍ (ଚକ୍ରାନ୍ତ) ଅଟେ ? ହୁଜୁର ସ.ଅ କହିଲେ, ଏହା କେବଳ ମୋର ରାୟ ଅଟେ ଓ ଯୁଦ୍ଧର କୂଟନୈତିକ ଚାଲ୍ ଅଟେ । ସେତେବେଳେ ହ. ହୁବ୍‌ବାବ୍ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ସ୍ଥାନଟି ଶିବିର ନିମନ୍ତେ ଉଚିତ ନୁହଁ । ବରଂ ଆପଣ ସ.ଅ ଲୋକମାନଙ୍କୁ ଏଠାରୁ ହଟାଇ ନିଅନ୍ତୁ ଓ ସେଠାରେ ଯାଇ ଅବସ୍ଥାନ କରନ୍ତୁ ଯାହା ଶତ୍ରୁର ଜଳକୁଣ୍ଡର ନିକଟବର୍ତ୍ତୀ ସ୍ଥାନ ହୋଇଥିବ । ସେହି ଜଳକୁଣ୍ଡ ବ୍ୟତୀତ ଆଉ ଯେତେ କୂପ ରହିଛି ସେହି ସମସ୍ତ କୂପକୁ ବନ୍ଦ କରି ଦିଆଯାଉ ଏବଂ ନିଜ ନିମନ୍ତେ ଏକ ଜଳକୁଣ୍ଡ ପ୍ରସ୍ତୁତ କରିନିଆଯାଉ ସେହି କୁଣ୍ଡକୁ ଜଳ ଦ୍ୱାରା ପୂର୍ଣ୍ଣ କରିଦିଆଯାଉ । ଏହାପରେ ଆମେମାନେ ଶତ୍ରୁ ସହିତ ମୁକାବିଲା ଯଦି ବି କରୁ ତେବେ ଆମମାନଙ୍କୁ ଜଳ ଅତି ସହଜରେ ଉପଲବ୍ଧ ହେବ ଓ ଶତ୍ରୁ ପକ୍ଷ ଜଳରୁ ବଞ୍ଚିତ ରହିବ । ହୁଜୁର ସ.ଅ କହିଲେ ଯେ, ହୁବବାବ୍ ! ତୁମର ପରାମର୍ଶ ତ' ଅତି ଉତ୍ତମ ଅଟେ । ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ସମସ୍ତ ସୈନ୍ୟଦଳ ସମେତ ସେହି ଜଳକୁଣ୍ଡ ନିକଟକୁ ଆସିଲେ ଯାହା କୁରୈଶ୍ ଠାରୁ ନିକଟବର୍ତ୍ତୀ ଥିଲା ଏବଂ ସେଠାରେ ଆସି ଶିବିର ସ୍ଥାପନ କଲେ ଏବଂ ଆପଣ ସ.ଅଙ୍କ ଆଦେଶ କ୍ରମେ ଅନ୍ୟ ସମସ୍ତ କୂପକୁ ଅଚଳ କରିଦିଆଗଲା ଓ ଯେଉଁ କୂପ ନିକଟରେ ଶିବିର ସ୍ଥାପନ କରାଗଲା ସେଠାରେ ଏକ ଜଳକୁଣ୍ଡ ପ୍ରସ୍ତୁତ କରି ତାହାକୁ ଜଳ ଦ୍ୱାରା ଭର୍ତ୍ତି କରିଦିଆଗଲା । ଉକ୍ତ ପ୍ରାମାଣ୍ୟଟି ସିରତ୍ ଇବ୍‌ନେ ହିଶ୍ଶାମ୍‌ର ଅଟେ ।

**(ସିରତ୍ ଇବ୍‌ନେ ହିଶ୍ଶାମ, ପୃ-424, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁିତ୍ 2001 ମସିହା)**

ସ୍ଥାନ ନିରୂପଣ ତଥା ସ୍ଥାନ ଚିହ୍ନଟ ହେବା ପରେ ଆଁହଜରତ ସ.ଅଙ୍କ ଅବସ୍ଥାନର ସ୍ଥାନ ତିଆରି କରିବାର ପ୍ରସ୍ତୁତି ପର୍ବ ଥିଲା । ସୁତରାଂ ସାଆଦ୍ ବିନ୍ ମୁଆଜ୍ ଯେକି ୱସ୍ ସଂପ୍ରଦାୟର ଅଧିପତି ଥିଲେ ତାଙ୍କ ପ୍ରସ୍ତାବ କ୍ରମେ ସାହାବାମାନେ ଯୁଦ୍ଧଭୂମିର ଏକ ଅଂଶରେ ଆଁହଜରତ ସ.ଅଙ୍କ ସକାଶେ ଏକ ଶିବିର ତମ୍ବୁ ପ୍ରସ୍ତୁତେ କଲେ । ହ. ସାଆଦ୍ ବିନ୍ ମୁଆଜ୍ ର.ଅ ହୁଜୁର ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! କ'ଣ ଆମେମାନେ ଆପଣ ସ.ଅଙ୍କ ଲାଗି ଏକ ତମ୍ବୁ ପ୍ରସ୍ତୁତ କରିବୁ ନି ଯହିଁରେ ଆପଣ ସ.ଅ ଅବସ୍ଥାନ ଓ ବିଶ୍ରାମ ନେଇ ପାରିବେ ?

**(ସିରତ୍ ଇବ୍‌ନେ ହିଶ୍ଶାମ, ଭାଗ-2, ପୃ-213, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁିତ୍ 2002 ମସିହା)**

ଏଥି ସଂକ୍ରାନ୍ତରେ ହ. ମିର୍ଜା ବଶୀର ଅହେମଦ ସାହେବ ଯେଉଁ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି ତାହା ପୂର୍ବେ ମଧ୍ୟ ଏକଦା ବର୍ଣ୍ଣନା ହୋଇ ସାରିଛି । କିନ୍ତୁ ଏଠାରେ ତାହା ପୁନଃ ବର୍ଣ୍ଣନା କରିଦେବା ଉଚିତ ବୋଲି ମନେ ହେଉଛି । "ୱସ୍ ସଂପ୍ରଦାୟର ଧନାଢ୍ୟ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ପ୍ରସ୍ତାବ କ୍ରମେ ସାହାବାମାନେ ବଦର ଭୂମିର ଏକ ପାର୍ଶ୍ୱରେ ଆଁହଜରତ ସ.ଅଙ୍କ ସକାଶେ ଏକ ତମ୍ବୁ ପ୍ରସ୍ତୁତ କରିଦେଲେ ଓ ସାଆଦ୍ ର.ଅ ଆଁହଜରତ ସ.ଅଙ୍କ ସବାରୀ ତମ୍ବୁ ନିକଟରେ ବାନ୍ଧି ଦେଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ସେହି ତମ୍ବୁ ନିକଟରେ ବିଶ୍ରାମ୍ କରନ୍ତୁ । ଆମେ ଅଲ୍ଲାଃଙ୍କ ନାମ ନେଇ ଶତ୍ରୁ ସହିତ ମୁକୁବିଲା କରୁଛୁ । ଭଗବାନ ଯଦି ଆମକୁ ଜୟଯୁକ୍ତ କଲେ ତେବେ ଏହା ଆମର ଆକାଂକ୍ଷା ଅଟେ । କିନ୍ତୁ ଭଗବାନ ନ କରନ୍ତୁ ପରିସ୍ଥିତି ଯଦି ଓଲଟା ହୋଇଗଲା ଅର୍ଥାତ ପରାଜୟର ମୁହଁ ଦେଖିବାକୁ ମିଳିଲା ତେବେ ଆପଣ ସ.ଅ ନିଜର ସବାରୀ ଉପରେ ଆରୋହଣ ହୋଇ ଯେମିତି ବି ହେଉ ମଦିନା ପହଞ୍ଚି ଯାଆନ୍ତୁ । ସେଠାରେ ଆମର ଏଭଳି ଭାଇ ବନ୍ଧୁମାନେ ଉପସ୍ଥିତ ଅଛନ୍ତି ଯେକି ପ୍ରେମ ଓ ନିଷ୍ଠାରେ ଆମ ଠରୁ କିଛି କମ୍ ନୁହନ୍ତି । କିନ୍ତୁ ସେମାନଙ୍କୁ (ସାହାବାମାନଙ୍କୁ) ଏହା ଜଣା ନଥିବଲା ଯେ, ଉକ୍ତ ଅଭିଯାନରେ ସେମାନେ ଯୁଦ୍ଧର ସମ୍ମୁଖୀନ ହେବେ । ସେଇଥିପାଇଁ ସେମାନେ ଆମ ସହିତ ଆସିଲେ ନାହିଁ ଅନ୍ୟଥା ସେମାନେ କଦାପି ପଛରେ ରହିଯାଇ ନଥାଆନ୍ତେ । କିନ୍ତୁ ଯେତେବେଳେ ସେମାନେ ପରିସ୍ଥିତି ସଂପର୍କରେ ଅବଗତ ହେବେ ସେତେବେଳେ ସେମାନେ ଆପଣ ସ.ଅଙ୍କ ସୁରକ୍ଷାରେ ଜୀବନ ଦେବା ପାଇଁ ମଧ୍ୟ କୁଣ୍ଠାବୋଧ କରିବେ ନାହିଁ । ଏହା ଥିଲା ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ଉତ୍ସାହମୂଳକ ନିଷ୍ଠାପରତା ଯାହା ପ୍ରତ୍ୟେକ ପରିସ୍ଥିତିରେ ପ୍ରଶଂସାଯୋଗ୍ୟ ଅଟେ । ଅନ୍ୟଥା ଈଶ୍ୱରଙ୍କ ବାର୍ତ୍ତାବହ ସେ ପୁଣି ରଣଭୂମି ଛାଡ଼ି ପଳାୟନ କରିବ, ଏହା କିପରି ସମ୍ଭବପର ହୋଇପାରିବ ? ସୁତରାଂ ହୁନୈନ୍ ରଣଭୂମିରେ ଆମେମାନେ ଦେଖିଲୁ ଯେ, ବାର ହଜାର ସୈନ୍ୟ ବାହିନୀ ପଳାୟନ କିରଥିଲେ, କିନ୍ତୁ ଏକେଶ୍ୱରବାଦର ଏହି କେନ୍ଦ୍ର ଅର୍ଥାତ ଆଁହଜରତ ସ.ଅ ନିଜ ସ୍ଥାନରୁ ଟିକିଏ

ହେଲେ ଅବିଚଳିତ ହେଲେ ନାହିଁ । ସେ ଯାହା ହେଉ ନା କାହିଁକି ତମ୍ବୁ ପ୍ରସ୍ତୁତ କରାଗଲା ଓ ହ. ସାଆଦ୍ ଏବଂ ଅନ୍ୟାନ୍ୟ କେତେକ ଅନସାରମାନେ ଏହାର ଆଖପାଖରେ ପ୍ରହରୀ ଦେବା ପାଇଁ ଛିଡ଼ା ହୋଇଗଲେ । ଆଁହଜରତ ସ.ଅ ଓ ହ. ଅବୁ ବକର ର.ଅ ସେହି ତମ୍ବୁ ଭିତରେ ରାତ୍ରୀ ଯାପନ କଲେ । ଏକ ବର୍ଣ୍ଣନାରେ ଏହି ଚର୍ଚ୍ଚା ମଧ୍ୟ ରହିଛି ଯେ, ହ. ଅବୁ ବକର ର.ଅ ତମ୍ବୁ ଭିତରେ ଫୁଙ୍ଗୁଳା ଖଡ୍ଗ ଉତ୍ତୋଳନ କରି ଆପଣ ସ.ଅଙ୍କ ସୁରକ୍ଷା ସକାଶେ ଛିଡ଼ା ହୋଇ ରହିଥିଲେ ଏବଂ ଆଁହଜରତ ସ.ଅ ଅହୋରାତ୍ର ଅଲ୍ଲାଃତାଲାଙ୍କ ସମକ୍ଷ ବିନତୀ ତଥା କାକୁତି ମିନତୀ କରି ଦୁଆ କଲେ । ସେହିପରି ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ସମସ୍ତ ସୈନ୍ୟଦଳରେ କେବଳ ଆପଣ ସ.ଅ ହିଁ ଅହୋରାତ୍ର ଉଜାଗର ରହିଥିଲେ । କିନ୍ତୁ ଅନ୍ୟମାନେ ସମସ୍ତେ ପାଳି କରି ନିଦ୍ରା ନେଉଥିଲେ ।"

**(ସିରତ୍ ଖାତମୁନ୍ ନବୀୟିନ୍ ସ.ଅ ଲେଖକ-ହ. ସାହେବ ଜାଦା ମିର୍ଜା ବଶୀର୍ ଅହମଦ ର.ଅ ଏମ୍.ଏସ ପୃ-357, ପ୍ରକାଶନ ବର୍ଷ-1996 ମସିହା) (ସବ୍ଲୁଲ୍ ହୁଦା, ଭାଗ-11, ପୃ-398, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍ 1993 ମସିହା)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଏଥିସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି ଯେ, "ଯେତେବେଳେ ଆଁହଜରତ ସ.ଅ ବଦର୍ ଯୁଦ୍ଧ ଭୂମିରେ ପହଞ୍ଚିଲେ ସେତେବେଳେ ସାହାବାମାନେ ଆଁହଜରତ ସ.ଅଙ୍କୁ ଏକ ଉଚ୍ଚ ସ୍ଥାନରେ ବସାଇ ଦେଲେ । ସାହାବାମାନେ ପରସ୍ପର ସହିତ ପରାମର୍ଶ କରିବାକୁ ଲାଗିଲେ ଯେ, ସବୁଠାରୁ ଦ୍ରୁତଗାମୀ ଓଟ କାହା ପାଖରେ ରହିଛି ? ସୁତରାଂ ସାହାବାମାନେ ଦ୍ରୁତଗାମୀ ଓଟକୁ ନେଇ ଆଁହଜରତ ସ.ଅଙ୍କ ପାଖରେ ବାନ୍ଧି ଦେଲେ । ରସୂଲ୍ କରୀମ୍ ସ.ଅ ଯେତେବେଳେ ସେହି ଓଟଟିକୁ ଦେଖିଲେ ସେତେବେଳେ କହିଲେ, ଏ କ'ଣ ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଆମେମାନେ ସ୍ୱଳ୍ପ ସଂଖ୍ୟକ ଲୋକ ଅଛୁ ଏବଂ ଶତ୍ରୁମାନେ ଅଧିକ ସଂଖ୍ୟାର ଅଛନ୍ତି । ଆମେମାନେ ଆତଙ୍କିତ ଯେ, ଆମେମାନେ ସମସ୍ତେ ଏହି ସ୍ଥାନରେ ଶହୀଦ୍ ନହୋଇଯାଉ । ଆମମାନଙ୍କୁ ନିଜ ମୃତ୍ୟୁର କୌଣସି ଦୁଃଖ ନାହିଁ । କିନ୍ତୁ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କେବଳ ଆପଣ ସ.ଅଙ୍କ ପାଇଁ ଚିନ୍ତିତ ଅଟୁ । କାରଣ ଆପଣ ସ.ଅଙ୍କୁ ଯେପରି କୌଣସି କଷ୍ଟ ନପହଞ୍ଚୁ । ଆମେମାନେ ଯଦି ମୃତ୍ୟୁବରଣ କରୁ ତେବେ ଇସଲାମ୍ ଧର୍ମର କୌଣସି କ୍ଷତି ହେବ ନାହିଁ । କିନ୍ତୁ ଆପଣ ସ.ଅଙ୍କ ସହିତ ଇସଲାମ୍ ଧର୍ମର ଜୀବନ ସଂଶ୍ଳିଷ୍ଟ ହୋଇ ରହିଛି । ସୁତରାଂ ଆମେମାନେ ଆପଣ ସ.ଅଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିଦେବାକୁ ଚାହୁଁଛୁ ।

ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହ. ଅବୁ ବକର ର.ଅଙ୍କୁ ଆମେମାନେ ଆପଣ ସ.ଅଙ୍କ ସୁରକ୍ଷା ସକାଶେ ମୁତୟନ କରିଦେଇଛୁ ଏବଂ ଏକ ଦ୍ରୁତଗାମୀ ଓଟ ମଧ୍ୟ ଆପଣ ସ.ଅଙ୍କ ନିକଟରେ ବାନ୍ଧି ଦେଇଛୁ । ଭଗବାନ ନକରନ୍ତୁ ଯଦି ଏପରି କୌଣସି ସମୟ ଆସେ ଯେ, ଆମେମାନେ ଗୋଟି ଗୋଟି କରି ଏଠାରେ ଟଳିପଡୁ ତେବେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏଠାରେ ଓଟ ଉପସ୍ଥିତ ରହିଛି ଆପଣ ସ.ଅ ଏହି ଓଟ ଉପରେ ଆରୋହଣ ହୋଇ ମଦିନା ପହଞ୍ଚିଯିବେ ।

ସେଠାରେ ଆମର ଆଉ କେତେକ ଭାଇମାନେ ଉପସ୍ଥିତ ଅଛନ୍ତି ସେମାନଙ୍କୁ ଜଣା ନଥିଲା ବା ଜ୍ଞାତ ନଥିଲା ଯେ, ଯୁଦ୍ଧ ହେବାକୁ ଅଛି । ଯଦି ଜଣା ଥାଆନ୍ତା ତେବେ ସେମାନେ ଆମମାନଙ୍କ ସହିତ ସାମିଲ୍ ହୋଇଥାଆନ୍ତେ । ଆପଣ ସ.ଅ ସେମାନଙ୍କ ନିକଟକୁ ପହଞ୍ଚି ଯାଆନ୍ତୁ ସେମାନେ ଆପଣ ସ.ଅଙ୍କର ରକ୍ଷା କରିବେ ଏବଂ ଶତ୍ରୁମାନଙ୍କର ଅନିଷ୍ଟତା ଠାରୁ ଆପଣ ସ.ଅଙ୍କୁ ସୁରକ୍ଷିତ ରଖିବେ।"**(ଅହମଦିୟା ସଂପ୍ରଦାୟର ସଂସ୍ଥାପକ କୌଣସି ନୂତନ ଧର୍ମ ଉପସ୍ଥାପିତ କରି ନାହାନ୍ତି, ଅନୱାରୁଲ୍ ଉଲୁମ୍, ଭାଗ-15, ପୃ-244-245)** କିନ୍ତୁ ସେ ଯାହା ହେଉ ନା କାହିଁକି ଆଁହଜରତ ସ.ଅ ତ' ସେମାନଙ୍କ କଥା ନ ମାନି ପାରିଥାଆନ୍ତେ। କିନ୍ତୁ ଏହା ସେମାନଙ୍କର ଅର୍ଥାତ ସେହି ସାହାବାମାନଙ୍କର ଏକ ଉତ୍ସାହ ଥିଲା ।

ଏଥି ସଂକ୍ରାନ୍ତରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଅତିରିକ୍ତ ଚର୍ଚ୍ଚା କରି କୁହନ୍ତି: "ଏକଦା ହ. ଅଲୀ ର.ଅ କହିଲେ ସାହାବାମାନଙ୍କ ମଧ୍ୟରେ ସର୍ବାଧିକ ବୀର ଓ ସାହାସୀ ବ୍ୟକ୍ତି ହେଉଛନ୍ତି ହ. ଅବୁ ବକର ର.ଅ । ହ. ଅଲୀ ର.ଅ ପୁନଶ୍ଚ କହିଲେ, ବଦର୍ ଯୁଦ୍ଧରେ ଯେତେବେଳେ ଆଁହଜରତ ସ.ଅଙ୍କ ସକାଶେ ଏକ ପୃଥକ ମଞ୍ଚ ତିଆରି କରାଯାଇଥିଲା ସେତେବେଳେ ଏହି ପ୍ରଶ୍ନ ଉତ୍ଥାପିତ ହେଲା ଯେ, ଆଜି ରସୁଲୁଲ୍ଲାଃ ସ.ଅଙ୍କ ସୁରକ୍ଷା ଦାୟିତ୍ୱ କେଉଁ ବ୍ୟକ୍ତି ଉପରେ ନ୍ୟସ୍ତ କରାଯିବ ? ପ୍ରତ୍ୟୁତ୍ତରରେ ହ. ଅବୁ ବକର ର.ଅ ତତ୍‌କ୍ଷଣାତ ଫୁଙ୍ଗୁଳା ଖଡ୍ଗ ଧରି ଛିଡ଼ା ହୋଇଗଲେ ଏବଂ ସେ ଏହି ଭୟଙ୍କର ପରିସ୍ଥିତିରେ ଅତ୍ୟନ୍ତ ସାହାସିକତାର ସହିତ ଆଁହଜରତ ସ.ଅଙ୍କର ସୁରକ୍ଷା ଦାୟିତ୍ୱ ତୁଲାଇଥିଲେ ।"

**(ତଫସିର୍ କବୀର୍ ଭାଗ-7, ପୃ-364-365)**

ସେ ଯାହା ହେଉ ନା କାହିଁକି ପ୍ରଭାତ ସମୟରେ ଆପଣ ସ.ଅ ନିଜ ରହଣୀ ସ୍ଥାନରୁ ସମ୍ମୁଖଗାମୀ ହେଲେ । ରସୁଲୁଲ୍ଲାଃ ସ.ଅ ଯେତେବେଳେ ତାଙ୍କୁ ଦେଖିଲେ ସେତେବେଳେ କହିଲେ, ହେ ଅଲ୍ଲାଃ ! ଏହି କୁରୈଶ୍‌ମାନେ ଅହଂକାରପୂର୍ବକ ତୁମ୍ଭ ସହିତ ଓ ତୁମ୍ଭର ବାର୍ତ୍ତାବାହଙ୍କ ସହିତେ ଲଢ଼ିବା ପାଇଁ ଆଗେଇ ଆସିଛନ୍ତି । ତୁମ୍ଭେ ମୋ ସହିତ ଯେଉଁ ପ୍ରତିଶୃତି ବା ଅଙ୍ଗୀକାର କରିଅଛ ତାହାକୁ ତୁମ୍ଭେ ପୂର୍ଣ୍ଣ କର ଏବଂ ଆଜି ହିଁ ଏହି ଅମାନ୍ୟକାରୀଙ୍କୁ ନିପାତ କରିଦିଅ ।

ଅମାନ୍ୟକାରୀଙ୍କ ମଧ୍ୟରୁ ଆଁଜରତ ସ.ଅ ଅତ୍‌ବା ରବିୟାଙ୍କୁ ଏକ ଲୋହିତ ବର୍ଣ୍ଣର ଓଟ ଉପରେ ଆରୋହଣ ହୋଇଥିବାର ଦେଖିଲେ । ଆପଣ ସ.ଅ କହିଲେ: ସେମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ନିକଟରେ ପୁଣ୍ୟତା ରହିଛି ତେବେ ଏହି ଲୋହିତ ବର୍ଣ୍ଣର ଓଟ ଉପରେ ଆରୋହଣ ହୋଇଥିବା ବ୍ୟକ୍ତି ନିକଟରେ ରହିଛି। ସେମାନେ ଯଦି ସେହି ବ୍ୟକ୍ତିର କଥା ମାନି ନେବେ ତାହାହେଲେ ସେମାନେ ସଦ୍‌ମାର୍ଗ ପ୍ରାପ୍ତ କରିନେବେ ।

ଅବିଶ୍ୱାସକାରୀଙ୍କର ଜଳକୁଣ୍ଡରୁ ଜଳ ପାନ କରିବାର ଘଟଣାର ଚର୍ଚ୍ଚା ମଧ୍ୟ ମିଳେ । ମୁସଲମାନମାନେ ଯଦିଓ ଜଳକୁଣ୍ଡ ଉପରେ ନିଜର ଆଧିପତିତ୍ୱ ବିସ୍ତାର କରିଥିଲେ କିନ୍ତୁ ଯେତେବେଳେ ଏମାନେ ଅର୍ଥାତ କୁରୈଶ୍‌ମାନେ ବଦର ଭୂମିରେ ଅବତୀର୍ଣ୍ଣ ହେଲେ ସେତେବେଳେ ସେମାନଙ୍କ ମଧ୍ୟରୁ ଦଳେ ଗୋଷ୍ଠୀ ହୁଜୁର ସ.ଅଙ୍କ ଜଳକୁଣ୍ଡ ପାଖରେ ଆସି ଜଳ ପାନ କରିବାକୁ ଲାଗିଲା । ତନ୍ମଧ୍ୟରେ ହକିମ୍ ବିନ୍ ହିଜାମ୍ ମଧ୍ୟ ସାମିଲ ଥିଲା । ରସୁଲୁଲ୍ଲାଃ ସ.ଅ କହିଲେ: ହେ ସାହାବାମାନେ! ସେମାନଙ୍କୁ ଜଳପାନ କରିବାକୁ ଦିଅ । ସେଦିନ ସେହି ଜଳପାନକାରୀଙ୍କ ମଧ୍ୟରୁ ଯିଏ ବି ଜଳପାନ କରିଥିଲା ସମସ୍ତେ ନିହତ ହେଲେ । କିନ୍ତୁ ହକିମ୍ ବିନ୍ ହିଜାମ୍ ନିହତ ହେଲେ ନାହିଁ । କାରଣ ସେ ଏହି ଘଟଣା ପରେ ମୁସଲମାନ ହୋଇଯାଇଥିଲେ । ସେ ମଧ୍ୟ ଏହି ଶପଥ କରି କହୁଥିଲେ ଯେ, ସେହି ସର୍ବୋଚ୍ଚ ସତ୍ତାଙ୍କର ଶପଥ କରି କହୁଛି ! ଯିଏ ମୋତେ ବଦର୍ ଯୁଦ୍ଧ ଦିନ ମୋକ୍ଷ ପ୍ରଦାନ କରିଥିଲେ । **(ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-424, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ 2001 ମସିହା)**

ଯୁଦ୍ଧ ନିମନ୍ତେ ଧାଡ଼ି ସଳଖ କରିବା ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ସକାଳ ସମୟରେ କୁରୈଶ୍‌ମାନଙ୍କର ଆସିବା ପୂର୍ବରୁ ଆପଣ ସ.ଅ ସାହାବାମାନଙ୍କର ଧାଡ଼ି ସିଧା କଲେ । ଆପଣ ସ.ଅ ତୀର ସାହାଯ୍ୟରେ ଧାଡ଼ି ସିଧା କରୁଥିଲେ । ଆପଣ ସ.ଅ ତୀର ଦ୍ୱାରା ଇଙ୍ଗିତ କରୁଥିଲେ ଯେ, ଆଗକୁ ଆସ, ଟିକେ ପଛେଇ ଯାଅ ଏପର୍ଯ୍ୟନ୍ତକି ସେମାନେ (ସାହାବାମାନେ) ସିଧା ହୋଇଗଲେ । ଆପଣ ସ.ଅ ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କୁ ଧ୍ୱଜା ପ୍ରଦାନ କଲେ । ହ. ମୁସ୍‌ଅବ୍ ର.ଅ ଧ୍ୱଜାକୁ ସେହି ସ୍ଥାନରେ ରଖି ଦେଇଥିଲେ ଯେଉଁ ସ୍ଥାନରେ ଆଁହଜରତ ସ.ଅ ତାଙ୍କୁ ରଖିବା ନିମନ୍ତେ ଆଦେଶ ଦେଇଥିଲେ । ଏହାପରେ ହୁଜୁର ସ.ଅ ଧାଡ଼ିମାନଙ୍କର ସମୀକ୍ଷା କରିବାକୁ ଲାଗିଲେ ଆପଣ ସ.ଅଙ୍କର ମୁହଁ ପଶ୍ଚିମ ଦିଗ ଆଡ଼କୁ ଥିଲା ।

**(ସବ୍ଲୁଲ୍ ହୁଦା ଓର୍ ରଶ୍ଶାଦି, ବୃହତ୍ ବଦର୍ ଯୁଦ୍ଧର ଚର୍ଚ୍ଚା, ଭାଗ-4, ପୃ-33, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ 1993 ମସିହା)**

ସେହି ସମସ୍ତ ଅବଧିରେ ଯେତେବେଳେ ଆଁହଜରତ ସ.ଅ ଧାଡ଼ି ସିଧା କରୁଥିଲେ ସେତେବେଳେ ଏକ ବିଚିତ୍ର ଘଟଣା ଘଟିଥିବାର ଚର୍ଚ୍ଚା ମଧ୍ୟ ମିଳେ। ସେହି ଘଟଣାଟି ହେଉଛି ହ. ସୱାଦ୍ ବିନ୍ ଗଜିୟାହ୍‌ଙ୍କର । ରସୁଲୁଲ୍ଲାଃ ସ.ଅ ଯାହାଙ୍କୁ ଭଲ ପାଇବାର ଇଚ୍ଛା ପରିପ୍ରକାଶ କରିଥିଲେ । ଉଲ୍ଲେଖ ରିହଛି ଯେ, ବଦର୍ ଯୁଦ୍ଧରେ ଧାଡ଼ି ସିଧା କରିବା ସମୟରେ ଯେତେବେଳେ ରସୁଲୁଲ୍ଲାଃ ସ.ଅ ସୱାଦ୍ ବିନ୍ ଗଜିୟାହ୍‌ଙ୍କ ପାଖ ଦେଇ ଅତିକ୍ରମ କଲେ ସେତବେଳେ ସେ ଧାଡ଼ି ବାହାରକୁ ଟିକିଏ ବାହାରିଥିଲେ । ଆପଣ ସ.ଅ ତାଙ୍କ ପେଟ ଉପରେ ତୀର ସ୍ପର୍ଶ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କରି ଇଙ୍ଗିତ କଲେ ଯେ, ହେ ସୱାଦ୍ ! ସିଧା ଠିଆ ହୋଇଯାଅ । ହ. ସୱାଦ୍ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ମୋତେ କଷ୍ଟ ଦେଇଛନ୍ତି। ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସତ୍ୟ ଓ ନ୍ୟାୟର ସହିତ ପ୍ରେରଣ କରିଛନ୍ତି । ଆପଣ ମୋତେ ଏହାର କ୍ଷତିପୂରଣ ତଥା ପ୍ରତିଶୋଧ ଦିଅନ୍ତୁ । ଆପଣ ମୋତେ ଆଘାତ ଦେଇ ମୋ ପେଟରେ ତୀର ମାରିଛନ୍ତି । ହୁଜୁର ସ.ଅ ନିଜ ପେଟରୁ କପଡ଼ା ଟେକିଲେ ଓ କହିଲେ ହେଇ ନିଅ ତୁମେ ନିଜର ପ୍ରତିଶୋଧ ନେଇନିଅ । ହ. ସୱାଦ୍ ଆପଣ ସ.ଅଙ୍କୁ ଆଲିଙ୍ଗନ କରିନେଲେ ଓ ଆପଣ ସ.ଅଙ୍କର ଶରୀରକୁ ଚୁମ୍ବନ ଦେବାକୁ ଲାଗିଲେ । ହୁଜୁର ସ.ଅ ପଚାରିଲେ: ହେ ସୱାଦ୍ ! ତୁମେ ଏପରି କାହିଁକି କଲ? ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଅବଲୋକନ କରୁଛନ୍ତି ଯେ, ବର୍ତ୍ତମାନ କେଉଁ ସମୟ ଚାଲିଛି ଅର୍ଥାତ ଯୁଦ୍ଧର ସମୟ । ଜଣା ନାହିଁ ଯେ, ମୁଁ ଜୀବିତ ରହିବି କି ନାହିଁ । ତେଣୁ ମୁଁ ଚାହିଁଲି ଯେ, ଆପଣ ସ.ଅଙ୍କ ସହିତ ମୋର ଶେଷ କିଛି ମୁହୂର୍ତ୍ତ କଟିଯାଉ । ତେଣୁ ତାହା ଏହିପରି ଯେ, ମୋର ଶରୀର ଆପଣ ସ.ଅଙ୍କର ପବିତ୍ର ଶରୀରକୁ ସ୍ପର୍ଶ କରୁ । ହୁଜୁର ସ.ଅ ସେମାନଙ୍କ ପାଇଁ ପୁଣ୍ୟ ପ୍ରାର୍ଥନା କଲେ । **(ଅସ୍‌ସିରତୁଲ୍ ହଲ୍‌ବିୟାହେ୍, ବାବ୍ ଜକ୍ରୁ ମୁଗାଜିୟାହ୍ ସ.ଅ , ଭାଗ-2, ପୃ-220-221, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍ 2002 ମସିହା)** ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଥିଲା ସାହାବାମାନଙ୍କର ପ୍ରେମ ଓ ଅନ୍ତରୀକତାର ଦୃଶ୍ୟ । ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ବର୍ତ୍ତମାନ ମୁଁ କେତେକ ମୃତକଙ୍କର ଉତ୍ତମ ଚର୍ଚ୍ଚା କରିଦେବାକୁ ଚାହୁଁଛି । ତନ୍ମଧ୍ୟରେ ପ୍ରଥମ ମୃତକ ହେଲେ ସମ୍ମାନନୀୟ ସ୍ୱର୍ଗତ କାରି ମୁହମ୍ମଦ୍ ଆଶିକ ସାହେବ । ସ୍ୱର୍ଗତ କାରି ସାହେବ ଯାମିୟା ଅହମଦିୟାର ଶିକ୍ଷକ ଥିଲେ ଓ ମଦରସତୁଲ୍ ହିଫଜର ତତ୍ତ୍ୱାବଧାରକ ତଥା ପ୍ରଧାନ ଶିକ୍ଷକ ଥିଲେ । ବିଗତ ଦିନ ୮୫ ବର୍ଷ ବୟସରେ ତାଙ୍କର ଅକାଳ ବିୟୋଗ ହୋଇଯାଇଛି । اِنَّا لِلّٰہِ وَاِنَّا اِلَیْہِ رَاجِعُوْنَ- ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ କାରି ସାହେବ ମୁସି (ଓସିୟତ୍) କରିଥିଲେ । କାରି ମୁହମ୍ମଦ ଆଶିକ୍ ସାହେବ ପବିତ୍ର କୁରଆନ କରୀମ୍‌ର ହିଫଜ୍ (ମୁଖସ୍ତ) କରିବାରେ ଓ ତଜ୍‌ୱିଦ୍ (ଶୁଦ୍ଧୋଚ୍ଚାରଣ) ଶିକ୍ଷା କରିବା ପରେ ଅହେମଦିୟତ୍ ସ୍ୱୀକାର କରିବା ପୂର୍ବରୁ ପାକିସ୍ତାନର ବିଭିନ୍ନ ସ୍ଥାନରେ ଏହଲେ ହଦିସ୍‌ଙ୍କ ମାଦ୍ରାସାରେ ଅଧ୍ୟାପନା ତଥା ଶିକ୍ଷାଦାନ କରିବାରୁ ଅବସର ପ୍ରାପ୍ତ ନେଇଥିଲା । ସେ ସ୍ୱୟଂ ବୈଅତ୍ କରିଥିଲେ । କାରି ମୁହମ୍ମଦ୍ ଆଶିକ୍ ସାହେବ ବୈଅତ୍ କରିବା ପୂର୍ବରୁ ଏହଲେ ହଦିସ୍ ଧର୍ମମତାମ୍ବଲମ୍ବୀ ଥିଲେ । କାରି ସାହେବ ସ୍ୱୟଂ ନିଜ ସଂପର୍କରେ ଯେଉଁ ପୁସ୍ତକ ଉଲ୍ଲିଖିତ କରାଇଥିଲେ ତହିଁରେ ସେ ନିଜ ସଂପର୍କରେ ଆଲୋଚନା କରିଛନ୍ତି । କାରି ସାହେବ କୁହନ୍ତି ୧୯୫୭ ମସିହାର ଘଟଣା, ଯେତେବେଳେ ମୁଁ କରାଚୀରେ ଥିଲି ସେଠାରେ କେତେକ ବିଦ୍ୱାନ ବନ୍ଧୁଗଣଙ୍କ ସହିତ ମୋର ଉଠାବସା ରହିଥିଲା । ମୁଁ ଅଧିକାଂଶ ସମୟ ସେମାନଙ୍କ ନିକଟକୁ ଚାଲି ଯାଇଥିଲି । ସେଠାରେ ସମ୍ବାଦପତ୍ରର ଅଧ୍ୟୟନ କରୁଥିଲି ଓ କେତେକ ବିଦ୍ୱାନ୍‌ମାନଙ୍କ ସହିତ ସଭା ସମିତିରେ ମଧ୍ୟ ବସୁଥିଲି। ଦିନେ ମୁଁ ସେଠାରେ ବସି ଖବରକାଗଜ ପଢୁଥିଲି କି ଜଣେ ବନ୍ଧୁ ଯାହାଙ୍କ ଅଧ୍ୟୟନ ଅଧୀନ ହ. ମସିହ୍ ମଉଦ୍ ଅ.ସଙ୍କ କୌଣସି ପୁସ୍ତକ ଥିଲା (ଅର୍ଥାତ ହ. ମସିହ୍ ମଉଦ୍ ଅ.ସଙ୍କର କୌଣସି ପୁସ୍ତକ ଉକ୍ତ ବ୍ୟକ୍ତି ଜଣକ ଅଧ୍ୟୟନ କରୁଥିଲେ) ଉକ୍ତ ବ୍ୟକ୍ତି କହିବାକୁ ଲାଗିଲେ ଆରେ ବଡ଼ ବିଚିତ୍ର କଥା ! ମୁଁ କହିଲି ଭାଇ କି ବିଚିତ୍ର କଥା? କହିବାକୁ ଲାଗିଲେ ଯେ, ଆମର ବିଦ୍ୱାନ୍‌ମାନେ ବିଭିନ୍ନ ଆୟତ୍ ନାସିଖ୍ ଓ ମନ୍‌ସୁଖ୍ ସମ୍ବନ୍ଧୀୟ ମତାମତ ରଖନ୍ତି । କିନ୍ତୁ ମିର୍ଜା ଗୁଲାମ ଅହେମଦ୍ କାଦିଆନୀ ସାହେବ କୁହନ୍ତି ଯେ, ପବିତ୍ର କୁରଆନ୍ କରୀମ୍‌ର ବିନ୍ଦୁଟିଏ ମଧ୍ୟ ମନ୍‌ସୁଖ୍ (ରଦ୍ଦ) ନୁହେଁ। ତେବେ କାରି ସାହେବ କୁହନ୍ତି ଯେ, ମୁଁ ଏହି କଥା ଶୁଣି ମୋ ମନ ଭିତରେ ଖାଲି ଜିଜ୍ଞାସା ଭାବ ଉତ୍ପନ୍ନ ହେଲା । ତେଣୁ ମୁଁ ଭାବିଲି ଯେ, ତତ୍‌ସଂପର୍କରେ ଅବଶ୍ୟ ଅନୁସନ୍ଧାନ ତଥା ଗବେଷଣା କରାଯାଉ ଯେ, ହ. ମସିହ୍ ମଉଦ୍ ଅ.ସ ସତ୍ୟବାଦୀ ଅଟନ୍ତି ନା ମିଥ୍ୟାବାଦୀ । ପୁନଶ୍ଚ ସେ ନିଜର ଆତ୍ମ ଜୀବନୀରେ ଉଲ୍ଲେଖ କରନ୍ତି ଯେ, ଦିନେ ମୁଁ ଅହେମଦିୟତ୍ ସଂକ୍ରାନ୍ତରେ ପରିଚୟ ପ୍ରାପ୍ତ କରିବା ପାଇଁ କରାଚୀ ସ୍ଥିତ ଅହେମଦିୟ ହଲ୍‌ରେ ନମାଜ ପରେ ଗଲି । ଜଣେ ଅହେମଦି ସହିତ ମୋର ଦେଖାହେଲା । ମୁଁ ତାଙ୍କୁ କହିଲି ଯେ, ମତାନ୍ତର ପ୍ରସଙ୍ଗ ସଂପର୍କରେ କିଛି ତଥ୍ୟ ଚାହୁଁଛି । ତେଣୁ ଏଥି ସଂକ୍ରାନ୍ତରେ ମୋତେ ଆପଣ ଟିକେ ସାହାଯ୍ୟ କରନ୍ତୁ ଓ ମୋର ମାର୍ଗଦର୍ଶନ କରନ୍ତୁ । ସେଠାରେ ବସିଥିବା ଜଣେ ବନ୍ଧୁ ମୋତେ ଅହେମଦିୟା ହଲ୍‌ରୁ ନିଜ ଘରକୁ ନେଇଗଲେ । ସେ ମୋତେ କିଛି ପୁସ୍ତକ ପଢିବା ପାଇଁ ଦେଲେ । ମୁଁ ସେହି ପୁସ୍ତକ ଅଧ୍ୟୟନ କଲି ଓ ନିଜର ବିଦ୍ୱାନା ମନୀଷୀ ବନ୍ଧୁଙ୍କ ମଧ୍ୟରୁ ଜଣେ ମୌଲବୀ ସାହେବଙ୍କୁ ଦେଖାଇଲି ଯେ, ଏହା ତ' ଠିକ୍ ଇସ୍‌ଲାମୀୟ ଅନୁଯାୟୀ ଅଟେ । ମୌଲବୀ ସାହେବ କହିଲେ ଆପଣ ବହୁତ ସାଧୁ ସ୍ୱଭାବର ବ୍ୟକ୍ତି ଅଟନ୍ତି । ଆପଣଙ୍କୁ ଜଣା ନାହିଁ ତେଣୁ ମୁଁ ଆପଣଙ୍କୁ କହି ଦେଉଛି ଯେ, ମିର୍ଜା ସାହେବଙ୍କ କ୍ଷୁଦ୍ର ପୁସ୍ତକ ସଂକଳନରେ ଯେଉଁ ଆସ୍ଥା ଉଲ୍ଲେଖ ରହିଛି ତାହା ଇସ୍‌ଲାମୀୟ ଆସ୍ଥା ଅନୁଯାୟୀ ଅଟେ । ଏହା ହେଉଛି ସେହି ପୁସ୍ତକ ଯାହାକୁ ଆପଣ ଅ.ସ ପ୍ରାରମ୍ଭିକ କାଳରେ ଉଲ୍ଲେଖ କରିଥିଲେ । କିନ୍ତୁ ବୃହତ ପୁସ୍ତକ ଯାହାକି ପରେ ଉଲ୍ଲିଖିତ କରାଯାଇଛି ତହିଁରେ ମିର୍ଜା ସାହେବ ନିଜର ମିଥ୍ୟା ଚିନ୍ତାଧାରା ଓ ମିଥ୍ୟା ଧର୍ମମତ ଉଲ୍ଲିଖିତ ହୋଇଛି । କିନ୍ତୁ ବରାହିନେ ଅହେମଦିୟା ତ' ପ୍ରାରମ୍ଭରେ ଲେଖାଯଇଥିଲା ଏବଂ ତାହା ହିଁ ଇସ୍‌ଲାମ୍ ଧର୍ମର ମୌଳିକ ଶିକ୍ଷା ଥିଲା । ପରବର୍ତ୍ତୀ ସମୟରେ ଆହୁରି ଅନେକ ପୁସ୍ତକ ରହିଛି। ସେ ଯାହା ହେଉ ନା କାହିଁକି ବୃହତାକାୟ ପୁସ୍ତକ ଦେବାରେ ସେ ଟାଳଟୁଳ ନୀତି ଅବଲମ୍ବନ କଲେ। କିନ୍ତୁ ହ. ମସିହ୍ ମଉଦ୍ ଅ,ସଙ୍କ ପୁସ୍ତକରେ କୌଣସି ବିରୋଧାଭାସ ନାହିଁ । ସେ ପଛେ ପୂର୍ବ ପୁସ୍ତକ ହେଉ ଅବା ପରବର୍ତ୍ତୀ ସମୟରେ ଲେଖାଯାଇଥିବା ଶେଷ ପୁସ୍ତକ ହେଉ । ସେହି ଅହେମଦିଙ୍କର କ'ଣ ବ୍ରହ୍ମଜ୍ଞାନ ନୀତି ଥିଲା କେଜାଣି, କାହିଁକି ସେ ପୁସ୍ତକ ଦେଲେ ନାହିଁ ଅଲ୍ଲାଃତାଲା ହିଁ ଏ ବିଷୟରେ ଭଲ ଭାବରେ ଜାଣନ୍ତି । କିନ୍ତୁ ସେ ଯାହ ହେଉ ନା କାହିଁକି ଏହାପରେ ପୁନଶ୍ଚ କାରି ସାହେବଙ୍କର ଯୋଗଯୋଗ ଉକ୍ତ ବ୍ୟକ୍ତିଙ୍କ ଠାରୁ ସମାପ୍ତ ହୋଇଗଲା । ଏତଦ୍‌ପରେ କାରି ସାହେବଙ୍କ ସ୍ୱରଚିତ ଆତ୍ମ ଜୀବନୀ ଅନୁଯାୟୀ ଜ୍ଞାତ ହୁଏ ଯେ, ଏକ ବିଶିଷ୍ଟ ଐଶ୍ୱରିକ ଭାଗ୍ୟ ବିଧାନ ତାଙ୍କ ମନରେ ଏକ ଆତୁରତା ଉତ୍ପନ୍ନ କରି ଦେଇଥିଲା ଏବଂ କାରି ସାହେବ ଅନେକ ଅବସରରେ ରବୱା ଆସୁଥିଲେ ଓ ସ୍ଥାନୀୟ ସ୍ତରରେ ଅହେମଦି ଲୋକମାନଙ୍କ ସହିତ ଯୋଗଯୋଗ କରୁଥିଲେ, ଦୁଆ ମଧ୍ୟ କରୁଥିଲେ । ସେହି ଦୁଆ ଅବସ୍ଥାରେ ତାଙ୍କୁ ଅନେକ ସ୍ୱପ୍ନ ମଧ୍ୟ ଦୃଶ୍ୟମାନ ହେଲା । ସେହି ସ୍ୱପ୍ନ ମଧ୍ୟରୁ ଏକ ସ୍ୱପ୍ନ ଏହିପରି ଥିଲା ଯେ, اِسْمَعُوْا صَوْتَ السَّمَاءِ جَاءَ الْمَسِیْحُ ଅର୍ଥାତ ଆକାଶରୁ ଆସୁଥିବା ସ୍ୱରକୁ ଶୁଣ ମସିହ୍ ଆସି ଯାଇଛନ୍ତି । କାରି ସାହେବ କୁହନ୍ତି ସେତେବେଳେ ଏହି ଶବ୍ଦ ମଧ୍ୟରୁ ମୋର ଧ୍ୟାନ ଅହେମଦିୟତ୍ ଆଡ଼କୁ ଗଲା ନାହିଁ । କିନ୍ତୁ ଅହେମଦି ହେବା ପରେ ଏହି ଇଲହାମ୍‌ଟି ମନେପଡ଼ିଗଲା ଯେ, ମୋର ସେହି ସ୍ୱପ୍ନ ସାକାର ହୋଇଛି । ମୁଁ ଯେଉଁ ବିଭିନ୍ନ ସ୍ୱପ୍ନ ଦେଖିଥିଲି ତନ୍ମଧ୍ୟରୁ ଏହି ସ୍ୱପ୍ନ ମଧ୍ୟ ରହିଥିଲା। କାରି ସାହେବ ଉଲ୍ଲେଖ କରନ୍ତି ଯେ, ମୁଁ ଯେତେବେଳେ ନିଜ ଜୀବନର ଘଟଣାବଳୀ ଉପରେ ଦୃଷ୍ଟି ନିକ୍ଷେପ କରେ ତେବେ ମୁଁ ଭାବିଥାଏ ଯେ, ଏହା କେବଳ ଅଲ୍ଲାଃତାଲାଙ୍କର ହିଁ କୃପା ଥିଲା ଯେ, ମୋର ଧ୍ୟାନ ବାରମ୍ବାର ଜମାଅତ୍ ଆଡ଼କୁ ଆକର୍ଷିତ ହେଉଥିଲା ଓ ପରେ ପରେ ମୋତେ ମାର୍ଦର୍ଶନ ପ୍ରାପ୍ତ ହୋଇଗଲା ।

ସ୍ୱର୍ଗତ ହାଫିଜ୍ ସାହେବ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ଅନ୍‌ସାରୁଲ୍ଲାଃର ଇଜ୍‌ତିମା ଅବସରରେ ଲାହୋରର ଶେଖ୍ ଅବ୍‌ଦୁଲ୍ କାଦିର ସାହେବ ସୌଦଗର ମଲ୍ଲ ନାମକ ଜଣେ ମୁବଲ୍ଲିଗ୍ ସିଲ୍‌ସିଲାଙ୍କ ସହିତ ମୋର ସାକ୍ଷାତ୍ ହେଲା । କାରି ସାହେବ ଯେତେବେଳେ ଅନ୍‌ସାରୁଲ୍ଲାଃ ଇଜ୍‌ତିମାରେ ଯାଇଥିଲେ ସେତେବେଳେ ସେ ବୈଅତ୍ କରି ନଥିଲେ । ଅତଃ ସେ କୁହନ୍ତି ଯେ, ମୁଁ ଇଜ୍‌ତିମାରେ ପ୍ରଥମ ଦିନର ସମସ୍ତ କାର୍ଯ୍ୟକ୍ରମ ଦେଖିଲି । ସମ୍ଭବତଃ ଇଜ୍‌ତିମାର ଦ୍ୱତୀୟ କିମ୍ବା ତୃତୀୟ ଦିନରେ ମୁଁ ଏହା ଇଚ୍ଛା ବ୍ୟକ୍ତ କଲି ଯେ, ମୋର ବୈଅତ୍ ନିଅଯାଉ । ସୁତରାଂ ଆମେମାନେ ଦପ୍ତର୍ ଇସ୍‌ଲାହ୍ ଓ ଇର୍ଶାଦ ମର୍କଜିୟାକୁ ଗଲୁ ଓ ଏହି ବିନୀତ ବୈଅତ୍ ଫର୍ମ ପୂରଣ କରି ଅହେମଦିୟତ୍‌ର ଆଲୋକରେ ଆଲୋକିତ ହୋଇଗଲି। **(କାରି ସାହେବଙ୍କ ଆତ୍ମ ଜୀବନୀ ମେରି ଦାସ୍ତାନ୍‌ରୁ ଆନୀତ, ସଂକଳନକର୍ତ୍ତା-ହାଫିଜ୍ ମସ୍‌ରୁର୍ ଅହେମଦି ଓ ମୁହମ୍ମଦ ମକ୍‌ସୁଦ୍ ଅହେମଦ୍, ପୃ-11-22, ପ୍ରକାଶନ ସ୍ଥାନ-ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍, ରବୱା, ଜାନୁଆରୀ ମାସ 2013 ମସିହା)**

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ଅହେମଦିୟତ୍ ସ୍ୱୀକାର କଲାପରେ ସ୍ୱର୍ଗେତ ଆଶିକ୍ ସାହେବଙ୍କୁ ନାନା ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଅନ୍ୟ ପଟରେ ତାଙ୍କର ଅଣଅହେମଦି ଶିଷ୍ୟ ତଥା ମାର୍ଗେଦର୍ଶକଙ୍କ ପକ୍ଷରୁ ବିଭିନ୍ନ କୌଶଳ ଅବଲମ୍ବନ କରି କାରି ସାହେବଙ୍କୁ ଫେରାଇ ଆଣିବାକୁ ଅକ୍ଳାନ୍ତ ଚେଷ୍ଟା ମଧ୍ୟ କରାଗଲା । ସେମାନେ ଲୋଭ ମଧ୍ୟ ଦେଖାଇଲେ, କାରି ସାହେବଙ୍କ ଉପରେ ଅକଥନୀୟ ନିର୍ଯାତନା ମଧ୍ୟ ଦିଆଗଲା । କାରି ସାହେବ କୁହନ୍ତି,"ଅହେମଦିୟତ୍ ଗ୍ରହଣ କରିବା ପରେ ମୋ ମାର୍ଗରେ ଅନେକ ସମସ୍ୟା ଛିଡ଼ା ହୋଇଥିଲା । କିନ୍ତୁ ଅଲ୍ଲାଃତାଲା ମୋତେ ଅବିଚଳତା ପ୍ରଦାନ କଲେ ଓ ମୁଁ ପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ ମାର୍ଗ ଉପରେ ଅଗ୍ରସର ହୋଇ ଚାଲିଲି । ଅଲ୍ଲାଃତାଲାଙ୍କର ମାର୍ଗଦର୍ଶନ ଉପସ୍ଥିତ ଥିଲା । ତେଣୁ ମୋତେ କୌଣସି ସାଂସାରିକ ପ୍ରଲୋଭନ ସତ୍ୟମାର୍ଗରୁ ହଟାଇ ପାରିଲା ନାହିଁ । ମୋ ମନରେ ଜମାଅତ୍ ଅହେମଦିୟା ପ୍ରତି ଘୃଣା ସୃଷ୍ଟି କରିବା ଓ ମୋତେ ଏହ୍‌ଲେ ହଦୀସ୍‌ରେ ପୁନଃ ଫେରାଇ ନେଇଯିବା ପାଇଁ ଅକ୍ଳାନ୍ତ ଉଦ୍ୟମ ମଧ୍ୟ କରାଗଲା। କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ମୋ ଉପରେ ବିଶ୍ୱାସର ଯେଉଁ ରଙ୍ଗ ଲାଗିଥିଲା ସେହି କାରଣରୁ ଅଣଅହେମଦିଙ୍କ ସତ୍‌ଚେଷ୍ଟା ସତ୍ତ୍ୱେ ମଧ୍ୟ ସେମାନେ ମୋତେ ଫେରାଇ ନେଇଯିବାରେ ବିଫଳ ହେଲେ ।" **(ମେରୀ ଦାସ୍ତାନ୍, ସଂକଳକ-ହାଫିଜ୍ ମସ୍‌ରୁର୍ ଅହେମଦ ଓ ମୁହମ୍ମ ମକ୍‌ସୁଦ୍ ଅହେମଦ, ପୃ-27, ପ୍ରକାଶନ ସ୍ଥାନ- ଜୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବୱା, ଜାନୁଆରୀ ମାସ 2013 ମସିହା)**

ସ୍ୱର୍ଗତ କାରି ଆଶିକ୍ ସାହେବ ଜଣେ ବିଧବା ମହିଳାଙ୍କୁ ବିବାହ କରିଥିଲେ। ସେହି ବିଧବା ମହିଳାଙ୍କର ପୂର୍ବରୁ ତିନୋଟି ସନ୍ତାନ ମଧ୍ୟ ରହିଥିଲେ । କାରି ସାହେବଙ୍କ ଔରସରୁ ତାଙ୍କର ପତ୍ନୀଙ୍କୁ ଏକ କନ୍ୟା ସନ୍ତାନ ପ୍ରାପ୍ତ ହୋଇଥିଲା । କାରି ସାହେବଙ୍କ ଜମାଅତୀୟ ସେବା ସଂପର୍କରେ ଉଲ୍ଲେଖ ରହିଛି ଯେ, ସୁଫି ଖୁଦା ବଖ୍‌ଶ ଜେର୍‌ୱୀ ସାହେବ ଦିନେ ମସ୍‌ଜିଦରେ ମୋତେ ଭେଟ ହେଲେ ଓ ମୋତେ କହିଲେ, ହ. ମିର୍ଜା ତାହିର ଅହେମଦ ସାହେବ ଯିଏ ବର୍ତ୍ତମାନ ୱକ୍‌ଫେ ଜଦିଦ୍‌ର ଇନ୍‌ଚାର୍ଜ ଥିଲେ ତାଙ୍କର ଏହି ସନ୍ଦେଶ ରହିଛି ଯେ, ମୁଁ ଆପଣଙ୍କୁ ତାଙ୍କ ନିକଟକୁ ରବ୍‌ୱା ନେଇଯିବି । ସେତେବେଳକୁ କାରି ସାହେବ ବୈଅତ୍ କରି ସାରିଥିଲେ । ସୁତରାଂ ମୁଁ ଯେତେବେଳେ ତାଙ୍କ ନିକଟରେ ହାଜର ହେଲି ସେତେବେଳେ ମିଆଁ ସାହେବ ପୂର୍ବରୁ ହିଁ ଆପଣଙ୍କର ତିଲାୱତ୍ ଶୁଣିଲେ ଓ ପୁନଶ୍ଚ ଆପଣ ୱକ୍‌ଫେ ଜିଦଦ୍‌ର ମୁଅଲ୍ଲିମିନ୍‌ମାନଙ୍କୁ କୁରଆନ୍ କରୀମ୍‌ର ତଜ୍‌ୱିଦ୍ ଆଦି ପଢାଇବା ପାଇଁ ଡ଼ିୟୁଟି ଲଗାଇଲେ ଏବଂ ୱକ୍‌ଫେ ଜଦିଦଦ୍‌ରେ ହିଁ ଆପଣଙ୍କର ରହଣୀ ବ୍ୟବସ୍ଥା କରିଦେଲେ । (ମେରି ଦାସ୍ତାନରୁ ଆନୀତ, ସଂକଳକ-ହାଫିଜ୍ ମସ୍‌ରୁର୍ ଅହେମଦ,ଓ ମକ୍‌ସୁଦ୍ ଅହେମଦ, ପୃ-27-28, ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବ୍‌ୱା ଜାନୁଆରୀ ମାସ 2013 ମସିହା)

କାରି ସାହେବ କୁହନ୍ତି, ଉକ୍ତ ଘଟଣାଟି 1964 ମସିହାର ଘଟଣା ଅଟେ । ଜାନୁଆରୀ ମାସ 1965 ମସିହାରେ ୱକ୍‌ଫେ ଜଦିଦ୍‌ର ମୁଅଲ୍ଲିମ୍ ରୂପେ କାରି ସାହେବଙ୍କର ନିଯୁକ୍ତି ହୋଇଥିଲା । ସେହି ସମୟରେ ଯାମିଆ ଅହେମଦିୟାର ଶାହିଦ୍ ଶ୍ରେଣୀର ଛାତ୍ରମାନେ ମହୋଦୟଙ୍କ ଠାରୁ ପବିତ୍ର କୁରଆନ୍ କରୀମ ଶୁଣିବା ଓ ପାଠ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରି ୱକ୍‌ଫେ ଜଦିଦ୍‌ର କାର୍ଯ୍ୟାଳୟକୁ ଆସୁଥିଲେ ଓ ପରେ ସମ୍ମାନନୀୟ ମୀର ଦାଉଦ୍ ଅହେମଦ ସାହବେ ଯେକି ଯାମିଆ ଅହେମଦିୟାର ପୂର୍ବତନ ପ୍ରିଂସିପାଲ ଥିଲେ ତାଙ୍କ କହିବା ମୁତାବକ କାରି ସାହେବ ଯାମିଆ ଯାଇ ଛାତ୍ରମାନଙ୍କୁ ପାଠ ପଢାଇବାକୁ ଲାଗିଲେ । ତତ୍‌ସହିତ ଯାମିଆ ନୁସ୍ରତ୍ ଗାର୍ଲସ୍ କଲେଜ(ମହାବିଦ୍ୟାଳୟ)ରେ ମଧ୍ୟ ପରଦା ପ୍ରଥା ସହିତ ବାଳିକା ତଥା ଯୁବତୀମାନଙ୍କୁ ମଧ୍ୟ ପବିତ୍ର କୁରଆନ୍ କରୀମ୍ ଶିକ୍ଷା ଦାନ କରୁଥିଲେ। **(ମେରି ଦାସ୍ତାନରୁ ଆନୀତ, ସଂକଳକ-ହାଫିଜ୍ ମସ୍‌ରୁର୍ ଅହେମଦ ଓ ମକ୍‌ସୁଦ୍ ଅହେମଦ, ପୃ-27-28, ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବ୍‌ୱା ଜାନୁଆରୀ ମାସ 2013 ମସିହା)**

ଜାନୁଆରୀ ମାସ 1996 ମସିହାରେ ରବ୍‌ୱା ସ୍ଥିତ ହାଫିଜ କ୍ଲାସ୍‌ର ଇନ୍‌ଚାର୍ଜ ହାଫିଜ୍ ଶଫିକ୍ ସାହେବଙ୍କର ଅକାଳ ବିୟୋଗ ଯେତେବେଳେ ହେଲା ସେତେବେଳେ ଯାମିଆ ଅହେମଦିୟାର ପ୍ରିଂସିପାଲ ମୀର୍ ଦାଉଦ୍ ଅହେମଦ୍ ସାହବ ହାଫିଜ୍ ସାହେବଙ୍କୁ କହିଲେ, ମୌଲବୀ ସାହେବ ! ଆପଣ ଦୟାକରି ଟିକିଏ କ୍ଲାସ୍‌କୁ ଆସି ଯାଆନ୍ତୁ ଓ ସେମାନଙ୍କର କ୍ଲାସ୍ ନେଇ ନିଅନ୍ତୁ । ସେହି ଦିନରେ ଏହି କ୍ଲାସ୍ ମସ୍‌ଜିଦେ ମୁବାରକ୍‌ରେ ହେଉଥିଲା । ମୋର ବି ମନେ ଅଛି ପିଲାମାନେ ମସ୍‌ଜିଦ୍‌ରେ ବସି କୁରଆନ୍ ହିଫଜ୍ କରୁଥିଲେ । ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ପରେ ପୁଣି କାରି ସାହେବଙ୍କୁ ହାଫିଜ୍ କ୍ଲାସରେ ମଧ୍ୟ ନିଯୁକ୍ତ କଲେ, ଏହାର ଅନୁମତି ପ୍ରଦାନ କରି ଏହା ଉଲ୍ଲେଖ କଲେ ଯେ, ଆପଣ ୱକ୍‌ଫେ ଜଦିଦ୍‌ରେ ବି ପିଲାମାନଙ୍କୁ ଶିକ୍ଷା ଦାନ କରିବେ ଓ ହାଫିଜ୍ କ୍ଲାସରେ ମଧ୍ୟ ଶିକ୍ଷା ଦାନ କରିବେ । ସୁତରାଂ 1969 ମସିହାରେ ନିୟମିତ ରୂପେ ଆପଣ (ସ୍ୱର୍ଗତ କାରି ସାହେବଙ୍କର)ଙ୍କର ନିଯୁକ୍ତି ହାଫିଜ୍ କ୍ଲାସ୍‌ରେ ହେଲା । **(ମେରି ଦାସ୍ତାନରୁ ଆନୀତ, ସଂକଳକ-ହାଫିଜ୍ ମସ୍‌ରୁର୍ ଅହେମଦ,ଓ ମକ୍‌ସୁଦ୍ ଅହେମଦ, ପୃ-41-40, ପ୍ରକାଶନ- ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବ୍‌ୱା ଜାନୁଆରୀ ମାସ 2013 ମସିହା)**

ସେହିପରି କାରି ସାହେବ 1998 ମସିହାରେ ଅବସର ଗ୍ରହଣ କରିଥିଲେ । **(ମେରି ଦାସ୍ତାନରୁ ଆନୀତ, ସଂକଳକ-ହାଫିଜ୍ ମସ୍‌ରୁର୍ ଅହେମଦ,ଓ ମକ୍‌ସୁଦ୍ ଅହେମଦ, ପୃ-52, ପ୍ରକାଶନ- ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବୱା ଜାନୁଆରୀ ମାସ 2013 ମସିହା)**

କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେ 2019 ମସିହା ପର୍ଯ୍ୟନ୍ତ ମଦ୍ରସତୁଲ୍ ହିଫଜ୍ ଓ ମଦ୍ରସତୁଜ୍ ଜଫର ଠାରେ କୁରଆନ କରୀମ୍ ଶିକ୍ଷାଦାନ କରିବାର କାର୍ଯ୍ୟ ଅବ୍ୟାହତ ରଖିଥିଲେ । ଜଲ୍‌ସା ସାଲାନାର 1964 ମସିହାର କଲ୍ୟାଣମୟ ଅବସରରେ ଆପଣଙ୍କୁ (କାରି ସାହେବଙ୍କୁ) ପ୍ରଥମ ତିଲାୱତ୍ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା ।

କାରି ସାହେବ ନିଜ ସଂପର୍କରେ ଏକ ଘଟଣାର ଚର୍ଚ୍ଚା କରି କୁହନ୍ତି: ଫେବୃୟାରୀ ମାସ 1965 ମସିହାରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କୁ ସାକ୍ଷାତ୍ କରିବାକୁ ମୋତେ ସୌଭାଗ୍ୟ ପ୍ରାପ୍ତ ହେଲା । ତେଣୁ ଏହି ଐତିହାସିକ ଅନୁଭୂତି ସଂପର୍କରେ କାରି ସାହେବ କୁହନ୍ତି ଯେ, ମୁଁ ଯେତେବେଳେ ଖଲିଫା ସାନି ର.ଅଙ୍କ ସହିତ କରମର୍ଦ୍ଦନ କଲି ସେତେବେଳେ ସେହି ସମୟ ଓ ସେହି ମୁହୂର୍ତ୍ତଟି ମୋ ପାଇଁ ମୋ ଜୀବନର ଗତିପଥକୁ ସଂପୂର୍ଣ୍ଣ ରୂପେ ବଦଳାଇ ଦେଇଥିଲା । ପ୍ରାଇଭେଟ ସେକ୍ରାଟାରୀ ସାହେବ ହୁଜୁର ଅନ୍‌ୱର୍ ର.ଅଙ୍କ ସେବାରେ ମୋର ପରିଚୟ କରାଇଲେ ଯେ, ଏ ମହୋଦୟ ହେଉଛନ୍ତି କାରି ମୁହମ୍ମଦ ଆଶିକ୍ ସାହେବ ଯେକି ନବଦୀକ୍ଷିତ ଅଟନ୍ତି । ସେ ଯେତେବେଳେ ମୋର ପରିଚୟ କରାଉଥିଲେ ସେତେବେଳେ ହୁଜୁର ଦୟାପରବଶ ହୋଇ ମୋତେ ଆଖି ଭରି ଚାହିଁ ରହିଲେ ଓ ମୁଁ ମଧ୍ୟ ହୁଜୁର ଅନ୍‌ୱରଙ୍କ କଲ୍ୟାଣମୟ ହସ୍ତକୁ ଧରି ଆପଣଙ୍କ ଦର୍ଶନ କରି ନିଜକୁ ଧନ୍ୟ ମନେକଲି । **(ମେରି ଦାସ୍ତାନରୁ ଆନୀତ, ସଂକଳକ-ହାଫିଜ୍ ମସ୍‌ରୁର୍ ଅହେମଦ,ଓ ମକ୍‌ସୁଦ୍ ଅହେମଦ, ପୃ-28-30, ପ୍ରକାଶନ- ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବ୍‌ୱା ଜାନୁଆରୀ ମାସ 2013 ମସିହା)**

ସ୍ୱର୍ଗତ କାରି ସାହେବଙ୍କୁ ରମ୍‌ଜାନୁଲ୍ ମୁବାରକ ମାସରେ ଦୀର୍ଘ 15 ବର୍ଷ ପର୍ଯ୍ୟନ୍ତ ନମାଜେ ତରାୱିହ୍ ପଢେଇବାର ଡିୟୁଟି ଲାଗିଥିଲା । ମୌଲାନା ଅବ୍‌ଦୁଲ୍ ମାଲିକ୍ ଖାଁ ସାହେବ ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟା ଏକଦା ଆପଣଙ୍କୁ କହିଥିଲେ ଯେ, ମସ୍‌ଜିଦ୍ ମୁବାରକ୍‌ରେ ନମାଜେ ତେହଜ୍ଜୁଦ୍ ଓ ନମାଜେ ତରାୱିହ୍ ପଢାଇବାର ବାରମ୍ବାର ଆପଣ ଡିୟୁଟି ଏଇଥି ପାଇଁ ଲଗା ଯାଉଛି ଯେ, ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କୁ ଆପଣଙ୍କ ତିଲାୱତ୍ ବହୁତ୍ ପସନ୍ଦ ଆସୁଛି । **(ମେରି ଦାସ୍ତାନରୁ ଆନୀତ, ସଂକଳକ-ହାଫିଜ୍ ମସ୍‌ରୁର୍ ଅହେମଦ,ଓ ମକ୍‌ସୁଦ୍ ଅହେମଦ, ପୃ-35-37, ପ୍ରକାଶନ- ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବୱା ଜାନୁଆରୀ ମାସ 2013 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ହାଫିଜ୍ କାରି ସାହେବଙ୍କର ଅନେକ ଶିଷ୍ୟ ଅଛନ୍ତି ଏବଂ ବର୍ତ୍ତମାନ ସେମାନେ ପୃଥିବୀର ବିଭିନ୍ନ ସ୍ଥାନରେ ବ୍ୟାପୀ ଯାଇଛନ୍ତି । ସେମାନେ କାରି ସାହେବଙ୍କ ସଂପର୍କରେ ମୋତେ ପତ୍ର ମଧ୍ୟ ଲେଖିଛନ୍ତି ଏବଂ କାରି ସାହେବଙ୍କ ସୁଗୁଣାବଳୀ ସଂକ୍ରାନ୍ତରେ ସେମାନେ ଚର୍ଚ୍ଚା କରି ସ୍ୱର୍ଗତଙ୍କର ସୁଗୁଣାବଳୀରୁ ଓ ଜ୍ଞାନରୁ ଉପକୃତ ହୋଇଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ଥାନକୁ ଉନ୍ନୀତ କରନ୍ତୁ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ତଥା ସ୍ୱର୍ଗତଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ସ୍ୱର୍ଗତଙ୍କ ଆକାଂକ୍ଷା ଅନୁଯାୟୀ ଦୁଆ, ନିଷ୍ଠାମୂଳକ ଅବସ୍ଥା ସୃଷ୍ଟି କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଚର୍ଚ୍ଚା ଅର୍ଥାତ୍ ଯନାଜାଃ ହେଉଛି ନୁରୁଦ୍ଦୀନ୍ ଅଲ୍ ହିସ୍‌ନି ସାହେବଙ୍କର ଯେକି ସିରୀୟାର ବହୁତ ପୁରାତନ ଅହେମଦି ଥିଲେ । ଆଜିକାଲି ସେ ସାଉଦି ଆରବରେ ରହୁଥିଲେ । ଅହେମଦି ହେବା ଯୋଗୁଁ ସେ ଅନେକ ବର୍ଷ ଧରି ସାଉଦି ଆରବର ଜେଲରେ ବନ୍ଦୀ ହୋଇ ରହିଥିଲେ । ତେଣୁ ସ୍ୱର୍ଗତ ନୁରୁଦ୍ଦୀନ୍ ସାହେବ ଅସିରେ ରାହେ ମୌଲା ଥିଲେ (ଅର୍ଥାତ ଈଶ୍ୱରଙ୍କ ସକାଶେ କାରାବରଣ ଭୋଗ କରୁଥିବା ବ୍ୟକ୍ତି) । ରୋଗ, ଅସୁସ୍ଥତା ଏବଂ ଜେଲ୍‌ରେ କ୍ରୁରତା, ନିର୍ଯାତନା ସହ୍ୟ କରିବା ସତ୍ତ୍ୱେ ନିଜ ବିଶ୍ୱାସରେ ସେ ଅଟଳ ରହିଥିଲେ ଏବଂ ପରିଶେଷରେ ଜେଲରେ ବନ୍ଦୀ ଥିବା ଅବସ୍ଥାରେ ହିଁ ମେ ମାସ 25 ତାରିଖ ଦିନ 82 ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । ۔ اِنَّا لِلّٰہِ وَاِنَّا اِلَیْہِ رَاجِعُوْنَ۔

ତାଙ୍କର ପିତାଶ୍ରୀ ଅଲହାଜ୍ ଅବ୍‌ଦୁର୍ ରଉଫ୍ ଅଲ୍ ହିସ୍‌ନି ସାହେବ 1938 ମସିହାରେ ବୈଅତ୍ କରିଥିଲେ । ସିରୀୟାର ପୂର୍ବତନ ଅମୀର ଜମାଅତ୍ ସମ୍ମାନନୀୟ ସ୍ୱର୍ଗତ ନୁରୁଦ୍ଦୀନ ସାହେବ ମୁନୀର ଅଲ୍ ହିସ୍‌ନି ସାହେବଙ୍କର ବଡ଼ ବାପା ଥିଲେ । ସ୍ୱର୍ଗତ ନୁରୁଦ୍ଦୀନ୍ ସାହେବ ଆବାଲ୍ୟ କାଳରୁ ହିଁ ଇସ୍‌ଲାମୀୟ ଶିଷ୍ଟାଚାର, ସଭ୍ୟତା ଓ ଖିଲାଫତ୍‌ର ପ୍ରେମ ପରିବେଶରେ ଲାଳିତ ପାଳିତ ହୋଇ ଆସିଥିଲେ । ସ୍ୱର୍ଗତ ନୁରୁଦ୍ଦୀନ୍ ସାହେବଙ୍କୁ ଯେତେବେଳେ 13 କିମ୍ବା 14 ବର୍ଷ ହୋଇଥିଲା ସେତେବେଳେ ତାଙ୍କ ପିତାଶ୍ରୀଙ୍କର ଅକାଳ ବିୟୋଗ ଘଟିଥିଲା । ସ୍ୱର୍ଗତ ନୁରୁଦ୍ଦୀନ୍ ସାହେବଙ୍କର ପିତାଶ୍ରୀ ଅନେକ ସମୟ ନୁରୁଦ୍ଦୀନ୍ ସାହେବଙ୍କର ସହିତ ସମୟ ଅତିବାହିତ କରିଥିଲେ ଏବଂ ନୁରୁଦ୍ଦୀନ୍ ସାହେବଙ୍କ ଠାରୁ ସେ ଜମାଅତ୍ ସଂପର୍କରେ ଅନେକ କଥା ଶିକ୍ଷା କଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଯେତେବେଳେ 1955 ମସିହାରେ ଦମିଶ୍କ ଗମନ କଲେ ସେତେବେଳେ ନୁରୁଦ୍ଦୀନ୍ ସାହେବଙ୍କ ଚଚା ସମ୍ମନାନୀୟ ବଦ୍‌ରୁଦ୍ଦୀନ୍ ଅଲ ହିସ୍‌ନୀ ସାହେବଙ୍କ ଘରେ ଅବସ୍ଥାନ କରିଥିଲେ । ସେହି ଦିନମାନଙ୍କର ସ୍ୱର୍ଗତ ନୁରୁଦ୍ଦୀନ୍ ସାହେବଙ୍କୁ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସମ୍ମୁଖରେ ତିଲାୱତ୍ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ସ୍ୱର୍ଗତ ନୁରୁଦ୍ଦୀନ୍ ସାହେବ ଅହରହ ରୋଜା (ଓଷା) ରଖୁଥିଲେ । ଆପଣଙ୍କୁ ତିଲାୱତ୍ କୁରଆନ୍ କରୀମ୍‌ର ପ୍ରବଳ ଅଭିରୁଚି ରହିଥିଲା । ସେ ନମାଜେ ତେହଜ୍ଜୁଦ୍ ପାଠ କରିବା କେବେ ଛାଡ଼ି ନାହାନ୍ତି । ଜୀବନର ଶେଷ ମୁହୂର୍ତ୍ତରେ କାରାଗାରରେ ମଧ୍ୟ ସେ ବିଶ୍ୱାସରେ ଅବିଚଳ ରହିଥିଲେ ଏବଂ ଜମାଅତ୍ ସହିତ ସେ ଅବିଚଳତା ପ୍ରେଦର୍ଶନ କରିଥିଲେ । ସେ ନିଜ ମନ ଭିତରେ ଏହି ବିଶ୍ୱାସ ରଖିଥିଲେ ଯେ, ପ୍ରଭୁଙ୍କ ସାହାଯ୍ୟ ଓ ସମର୍ଥନ ନିକଟତର ରହିଛି । ଏହି କଥାଟି ସେ ମର୍ମେ ମର୍ମେ ଅନୁଭବ କରି ଜେଲ୍‌ରେ ତାଙ୍କୁ ଭେଟୁଥିବା ପ୍ରତ୍ୟେକ ବ୍ୟକ୍ତିକୁ କହୁଥିଲେ । ମୃତକ ସନ୍ତପ୍ତଙ୍କ ପରିବାରରେ ବିଧବା ପତ୍ନୀ ମଧ୍ୟ ରହିଛନ୍ତି ଯେକି ନିଜ ସ୍ୱାମୀଙ୍କ ପ୍ରତି ସର୍ବଦା ଆନ୍ତରୀକତା ଓ ବିଶ୍ୱସ୍ତତାମୂଳକ ସଂପର୍କ ପ୍ରଦର୍ଶନ କରିଛନ୍ତି । ସେହି ମହିଳା ଜଣକ ସ୍ୱର୍ଗତ ନୁରୁଦ୍ଦୀନ ସାହେବଙ୍କ କାରାଗାରରେ ଥିବା ସମୟରେ ଅନେକ ବଳିଦାନ ଦେଇଥିଲେ । ସ୍ୱର୍ଗତଙ୍କ ସନ୍ତାନମାନଙ୍କ ମଧ୍ୟରେ ତିନୋଟି ପୁତ୍ର ଯଥା- ଅବ୍‌ଦୁର୍ ରଉଫ୍ ଅଲ୍ ହିସ୍‌ନି ସାହେବ, ମୁହମ୍ମଦ୍ ମୁଆଜ୍ ଅଲ୍ ହିସ୍‌ନି ସାହେବ ଓ ଫୱାଜ୍ ଅଲ୍ ହିସ୍‌ନୀ ସାହେବଙ୍କ ବ୍ୟତୀତ କନ୍ୟା ସନ୍ତାନ ଜୈନବ ଅଲ୍ ହିସନି ସାହେବା ଆଦି ସନ୍ତାନ ଅଟନ୍ତି । ସେହିପରି ନୁରୁଦ୍ଦୀନ୍ ସାହେବଙ୍କର ପୌତ୍ର ପୌତ୍ରୀ ମଧ୍ୟ ଅଛନ୍ତି । ଅଲ୍ଲାଃତାଲାଙ୍କ କୃପାରୁ ସମସ୍ତେ ନୈଷ୍ଠିକ ଅହେମଦି ଅଟନ୍ତି ।

ସ୍ୱର୍ଗତ ନୁରୁଦ୍ଦୀନ୍ ସାହେବଙ୍କ ସୁପୁତ୍ର ମୁଆଜ୍ ଅଲ୍ ହିସ୍‌ନି କୁହନ୍ତି, ମୋର ପିତାଶ୍ରୀ ଏହା ଚାହୁଁଥିଲେ ଯେ, ଆମେ ସମସ୍ତେ ଭାଇ ଭଉଣୀ ନିଜେ ନିଜେ ସନ୍ତୁଷ୍ଟ ହୋଇ ଜମାଅତ୍‌ରେ ପ୍ରବେଶ କଲୁ । **ଅଲ୍‌ହମ୍‌ଦୁଲିଲ୍ଲାଃ** ଆମେମାନେ ପୂର୍ଣ୍ଣ ବିଶ୍ୱାସର ସହିତ ବୈଅତ୍ କଲୁ ଓ ସାଉଦି ଆରବରେ ଆମେମାନେ ଯେତବେଳେ ଥିଲୁ ସେତେବେଳେ ଜମାଅତ୍‌ର ସନ୍ଧାନ କରୁଥିଲୁ । ସୁତରାଂ ହାଶିମ୍ ସାହେବ ନାମକ ଜଣେ ୟୁ.କେର ଅଧିବାସୀ ଥିଲେ ଯେକି ସାଉଦି ଆରବ୍‌ରେ କାମ କରୁଥିଲେ, ତାଙ୍କ ସହିତ ସାକ୍ଷାତ ହେଲା । ପୁନଶ୍ଚ ଆମର ପିତାଶ୍ରୀଙ୍କ ସହିତ ଯୋଗଯୋଗ ହେବା ପରେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପିତାଶ୍ରୀ ଜମାଅତୀୟ କାର୍ଯ୍ୟରେ ଅଭ୍ୟସ୍ତ ରହିଥିଲେ । ପିତାଶ୍ରୀ ଅତ୍ୟନ୍ତ ଦୟାଳୁ ଓ ମୁକ୍ତ ହୃଦୟ ଆଦି ଅନେକ ସୁଗୁଣାବଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଅନ୍ୟମାନଙ୍କୁ ସାହାଯ୍ୟ କରିବା ଆପଣଙ୍କୁ ବହୁତ ଭଲ ଲାଗୁଥିଲା । ସେମାନେ ଉଲ୍ଲେଖ କରନ୍ତି ଯେ, 2019 ମସିହାରେ ତାଙ୍କୁ ଡ଼ାକି ବନ୍ଦୀ କରିନିଆଗଲା । ଅନେକ ସତ୍‌ଚେଷ୍ଟା ତଥା ଧାଁ ଧପଡ଼ ପରେ ଜଣା ପଡ଼ିଲା ଯେ, ପିତାଶ୍ରୀ ଅହେମଦି ହେବା ଯୋଗୁଁ ଓ ଶୋଶିଆଲ୍ ମିଡ଼ିଆରେ (ସାମାଜିକ ଗଣମାଧ୍ୟମରେ) ତବ୍‌ଲିଗ୍ କରିବା ଦୋଷରେ ତାଙ୍କୁ ହାଜତ୍‌ରେ ପୂରାଇ ଦିଆଯାଇଥିଲା । ଆମେମାନେ ଦୁଇ ବର୍ଷ ପର୍ଯ୍ୟନ୍ତ ପିତାଶ୍ରୀଙ୍କୁ କାରାମୁକ୍ତ କରିବା ନିମନ୍ତେ ଯଥାସମ୍ଭବ ପ୍ରୟାସ କଲୁ, ଅନେକ ଓକିଲଙ୍କୁ ଧରିଲୁ । ଫଳତଃ ପିତାଶ୍ରୀଙ୍କୁ କାରାମୁକ୍ତ କରିବାରେ କୋର୍ଟ ଆଦେଶ ମଧ୍ୟ ଦେଲେ ଏବଂ ପିତାଶ୍ରୀ ଖଲାସ୍ ମଧ୍ୟ ହେଲେ । କିନ୍ତୁ ଜେଲରୁ ମୁକୁଳିବା ବା ଖଲାସ ହେବାର କିଛି ଘଣ୍ଟା ପରେ ପୋଲିସ୍ ତାଙ୍କୁ ଫୋନ୍ କରି ଥାନାକୁ ଡକାଇଲା ଏବଂ ପୁନଃ ଗିରଫ କରିନେଲା । ଏଥର ପିତାଶ୍ରୀଙ୍କ ଉପରେ ପୂର୍ବାପେକ୍ଷା ଅଧିକ କ୍ରୁରତା ଓ କଠୋରତା ଅବବଲମ୍ବନ କରାଗଲା । ପିତାଶ୍ରୀଙ୍କୁ ସାକ୍ଷାତ୍ କରିବାକୁ ମଧ୍ୟ ଅନୁମତି ଦିଆଗଲା ନାହିଁ । ଫୋନ୍‌ରେ ମଧ୍ୟ କଥା ହେବାକୁ ଅନୁମତି ମିଳିଲା ନାହିଁ । ଫଳତଃ ପିତାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗିଡ଼ି ଚାଲିଲା । ରୋଗ ଓ ବାର୍ଦ୍ଧକ୍ୟଜନିତ ଅବସ୍ଥା ହେତୁ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ମଧ୍ୟ ଯାଉଥିଲେ । କିନ୍ତୁ ଘରର ଲୋକଙ୍କ ସହିତ ତାଙ୍କୁ ସାକ୍ଷାତ୍ କରିବାକୁ ଦିଆଗଲା ନାହିଁ ।

ସ୍ୱର୍ଗତଙ୍କ ସୁପୁତ୍ର ଅବ୍‌ଦୁର୍ ରଉଫ୍ ଅଲ ହିସ୍‌ନି ଯେକି କାନାଡ଼ାରେ ରୁହନ୍ତି ସେ ମଧ୍ୟ ଏ ସଂକ୍ରାନ୍ତରେ ଉଲ୍ଲେଖ କରନ୍ତି ଯେ, ପିତାଶ୍ରୀ ଜମାଅତ୍ ନିମନ୍ତେ ମନ ଭିତରେ ଅସୀମ ନିଷ୍ଠା ଓ ପ୍ରେମ ରଖୁଥିଲେ । ନିଜର ଆସ୍ଥା ଓ ବିଶ୍ୱାସ ଉପରେ ଦୃଢ଼ ରୂପେ ଅଟଳ ଥିଲେ । ଏହାପରେ ରଉଫ୍ ସାହେବ ପିତାଶ୍ରୀଙ୍କ ଉପାସନା ଓ ନିଷ୍ଠାର ଚର୍ଚ୍ଚା କରିଛନ୍ତି । ସେ ବିସ୍ତୃତ ବିବରଣୀ ଉଲ୍ଲେଖ କରିଛନ୍ତି ଯେ, 2016 ମସିହାରେ ଯେତେବେଳେ ପିତାଶ୍ରୀଙ୍କୁ କୈଦ୍ କରିନିଆଗଲା ସେତେବେଳେ ଆପଣ ରୋଜା (ଓଷା) ରଖିଥିଲେ ଏବଂ ଓଷା ଫିଟାଇବା ପସନ୍ଦ କଲେ ନାହିଁ । କିନ୍ତୁ ଆପଣ ଜାଣିଥିଲେ ଯେ, ଆପଣଙ୍କୁ କାରାଗାରରେ ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିବ । ଯେତେବେଳେ ଅଫିସର ଜଳ ଉପସ୍ଥାପିତ କଲା ସେତେବେଳେ ଆପଣ କହିଲେ, ମୋର ଓଷା ରଖିଛି । ଏହାପରେ ପିତାଶ୍ରୀ ଅଫିସରଙ୍କ ଠୁ ନମାଜେ ଅସର୍ ପାଠ କିରିବା ନିମନ୍ତେ ଅନୁମତି ଲୋଡ଼ିଲେ । ସେ ଅନୁମତି ପ୍ରଦାନ କରିଦେଲା । ପିତାଶ୍ରୀ ଅଫିସର୍‌ଙ୍କ ସମ୍ମୁଖରେ ନମାଜ ପଢିଲେ। ଏହାପରେ ଅଫିସର ଜଣକ କହିବାକୁ ଲାଗିଲା ଆପଣ ତ' ଆମମାନଙ୍କ ପରି ନମାଜ ପଢୁଛନ୍ତି । ସେ ଯାହା ହେଉ ନା କାହିଁକି ପିତାଶ୍ରୀଙ୍କ ଅଫିସର ଆଗରେ ଅସର୍ ନମାଜ ପଢିବାର ବହୁତ ଗଭୀର ପ୍ରଭାବ ପଡ଼ିଲା ତେଣୁ ସେତେବେଳେ ସେ ପିତାଶ୍ରୀଙ୍କୁ ଛାଡ଼ିଦେଲା। ପୁନଶ୍ଚ 2019 ମସିହାରେ ବିନା କୌଣସି କାରଣ ଦର୍ଶାଇ ପୁନଃ ପୋଲିସ ପିତାଶ୍ରୀଙ୍କୁ ଗିରଫ କରିନେଲା ଓ ହାଜତରେ ପୂରାଇ ଦେଲା । ସୁତରାଂ ଏହିପରି ବନ୍ଦୀ ଅବସ୍ଥାରେ ହିଁ ପିତାଶ୍ରୀଙ୍କର ପରଲୋକ ହୋଇଗଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ସ୍ୱର୍ଗତଙ୍କର ପୁଣ୍ୟାବଳୀ ଓ ଅନ୍ୟାନ୍ୟ ସୁଗୁଣାବଳୀ ଆପଣାଇବା ନିମନ୍ତେ ସେମାନଙ୍କର ସନ୍ତାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ ଜୁମା ପରେ ଏହି ଦୁଇ ମୃତକ ଦ୍ୱୟଙ୍କର ନମାଜ ଯନାଜାଃ ମଧ୍ୟ ପଢେଇବି । **ଇନ୍‌ଶାଅଲ୍ଲାଃ** ।

☆ ☆ ☆

**ପୃ 2ର ଅବଶିଷ୍ଟାଂଶ......**

ଓ ପିଲାମାନେ ପାଗଳଙ୍କ ପରି ୱହୋଦ୍ ପର୍ବତ ଆଡ଼କୁ ଦଉଡ଼ିଲେ । ଅନେକଙ୍କୁ ବାଟରେ ଏହି ସୂଚନା ପ୍ରାପ୍ତ ହେଲା ଓ ସେମାନେ ଅଟକି ଗଲେ । କିନ୍ତୁ ବନୁ ଦିନାର ସଂପ୍ରଦାୟର ଜଣେ ମହିଳା ପାଗେଳିନୀଙ୍କ ପରି ଆଗକୁ ଅଗ୍ରସର ହୋଇ ୱହୋଦ୍ ପର୍ବତ ପର୍ଯ୍ୟନ୍ତ ପହଞ୍ଚିଗଲା । ମହିଳା ଜଣକ ଯେତେବେଳେ ପାଗେଳୀ ହୋଇ ୱହୋଦ୍ ପର୍ବତ ଆଡ଼କୁ ଯାଉଥିଲା ସେତେବେଳେ ସେହି ମହିଳାର ସ୍ୱାମୀ, ଭାଇ ଓ ପିତା ୱହୋଦ୍ ଠାରେ ପ୍ରାଣ ହରାଇଥିଲେ । ଅନ୍ୟ କେତେକ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

" ଯୁବ ଖୁଦ୍ଦାମ ଓ ଅତଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ ବିସମିଲ୍ଲାଃହି ପାଠ କରୁ ଆଉ ଯଦି ବିସମିଲ୍ଲାଃ କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ ବିସମିଲ୍ଲାଃହି ଅୱଲହୁ ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଉକ୍ତ ଯୁଦ୍ଧରେ ସେହି ମହିଳାର ପୁତ୍ର ମଧ୍ଧ ମୃତ୍ୟୁବରଣ କରିଥିଲା । ଯେତେବେଳେ ସେହି ମହିଳାକୁ ତା'ର ପିତାଙ୍କ ମୃତ୍ୟୁର ସୂଚନା ପ୍ରଦାନ କରାଗଲା ସେତେବେଳେ ସେ କହିଲା ଆପଣଲମାନେ ମୋତେ କୁହନ୍ତୁ ଯେ, ମୁହମ୍ମଦ୍ ସ.ଅ କେମିତି ଅଛନ୍ତି, ତାଙ୍କର ଅବସ୍ଥା କିପରି ରହିଛି ? ଯଦିଓ ଖବରଦାତା ଆଁହଜରତ ସ.ଅଙ୍କ ପକ୍ଷରୁ ଥିଲେ ସେମାନେ ଆଶ୍ୱସ୍ତ ଥିଲେ ଯେ, ଆଁହଜରତ ସ.ଅ ସକୁଶଳେ ଅଛନ୍ତି । ତେଣୁ ସୋମନେ କ୍ରମ ଅନୁସାରେ ଉକ୍ତ ମହିଳାର ଭାଇ, ସ୍ୱାମୀ ଓ ପୁତ୍ରର ମୃତ୍ୟୁ ସମ୍ବାଦ ଦେଇ ଚାଲିଲେ । କିନ୍ତୁ ସେ କେବଳ ଏତିକି କହୁଥିଲା ଯେ, مَا فَعَلَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمَ ଅର୍ଥାତ ରସୁଲୁଲ୍ଲାଃ ସ.ଅ କ'ଣ କଲେ ? ପ୍ରକାଶ ରୂପେ କହିବାକୁ ଗଲେ ଏହି ପଂକ୍ତିଟି ଭୁଲ୍ ବୋଲି ଜଣାପଡୁଛି ଏବଂ ଏହି କାରଣରୁ ଇତିହାସବିତ୍‌ମାନେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ବାକ୍ୟର ଅର୍ଥ ଏହା ଥିଲା ଯେ, ରସୁଲ୍ କରୀମ୍ ସ.ଅଙ୍କ କ'ଣ ହେଲା? କିନ୍ତୁ ବାସ୍ତବରେ ଉକ୍ତ ବାକ୍ୟଟୁ ଭୁଲ୍ ନୁହେଁ । ବରଂ ମହିଳାମାନଙ୍କର କଥନ ଓ ପ୍ରବାଦ ଅନୁଯାୟୀ ସଂପୂର୍ଣ୍ଣ ରୂପେ ଠିକ୍ ଅଟେ । ନାରୀମାନଙ୍କର ଆବେଗ ସ୍ୱଭାବ ଅତ୍ୟନ୍ତ କ୍ଷିପ୍ରତର ଓ ଆତୁର ହୋଇଥାଏ । ବେଳେବେଳେ ସେମାନେ ମୃତକକୁ ଜୀବିତ ମନେକରି କଥାବାର୍ତ୍ତା କରିଥାନ୍ତି । ଯେପରିକି କେତେକ ମହିଳାଙ୍କର ସ୍ୱାମୀ ଓ ପୁତ୍ରଙ୍କର ଯେତେବେଳେ ବିୟୋଗ ହୁଏ ସେତେବେଳେ ସେମାନେ ମୃତ୍ୟୁ ଯୋଗୁଁ ମର୍ମାହତ ହୋଇ ନିଜର ମୃତକ ସ୍ୱାମୀ ଓ ପୁତ୍ରଙ୍କୁ ସମ୍ବୋଧିତ କରି ଏହି ଧରଣର କଥାବାର୍ତ୍ତା କରିଥାନ୍ତି । ଅର୍ଥାତ ହେ ମୋର ପୁତ୍ର ଓ ସ୍ୱାମୀ ମୋତେ କାହିଁକି ଛାଡ଼ି ଚାଲିଗଲ ? ଏହି ପରିଣତ ବାର୍ଦ୍ଧକ୍ୟ ବୟସରେ ମୋ ଠାରୁ କାହିଁକି ମୁହଁ ମୋଡ଼ି ନେଲ ? ଏହା ଅତ୍ୟଧିକ ଦୁଃଖ ହେବା ଯୋଗୁଁ ମନୁଷ୍ୟ ସ୍ୱଭାବର ଏକ ସୂକ୍ଷ୍ମ ଭାବାବେଗ ସ୍ୱତଃ ରୂପେ ପ୍ରକାଶିତ ହୋଇଥାଏ । ସେହିପରି ରସୁଲୁଲ୍ଲାଃ ସ.ଅଙ୍କ ବିୟୋଗର ଖବର ଶୁଣି ଉକ୍ତ ମହିଳାର ମଧ୍ଧ ସମାନ ଅବସ୍ଥା ହୋଇଥିଲା। ସେହି ମହିଳା ଜଣକ ଆପଣ ସ.ଅଙ୍କୁ ମୃତ ବୋଲି ମାନିବାକୁ ଜମା ରାଜି ନଥିଲା ବା ପ୍ରସ୍ତୁତ ନଥିଲା । ଅନ୍ୟ ପଟରେ ସେ ଏହି ଖବରକୁ ଖଣ୍ଡନ ମଧ୍ଧ କରିପାରୁ ନଥିଲା। ତେଣୁ ଅତ୍ୟଧିକ ଦୁଃଖ ହେତୁ ସେ ଏହି କଥା କହି ଚାଲିଥିଲା ଯେ, ଆରେ ଆଁହଜରତ ସ.ଅ ଏ କ'ଣ କଲେ ? ଅର୍ଥାତ ଏଭଳି ବିଶ୍ୱସ୍ତ ବ୍ୟକ୍ତି ଆମକୁ ଏହି ଦୁଃଖ ଦେବାକୁ କିପରି ପ୍ରସ୍ତୁତ ହୋଇଗଲେ, ଏହି ଘନ କାଳରେ କାହିଁକି ଛାଡ଼ି ଚାଲିଗଲ ?

ଯେତେବେଳେ ଲୋକମାନେ ଦେଖିଲେ ଯେ, ଉକ୍ତ ମହିଳା ଜଣକ ନିଜର ସ୍ୱାମୀ, ପିତା ଓ ପୁତ୍ରର କୌଣସି ଚିନ୍ତା ନାହିଁ ସେତେବେଳେ ସେମାନେ ମହିଳା ଜଣକର ପ୍ରକୃତ ଭାବାବେଗ ସଂପର୍କରେ ଜାଣି ପାରିଲେ ଓ ସେମାନେ କହିଲେ, ହେ ଅମକ ପୁତ୍ରର ମାତା ! ତୁମେ ଯେପରି ଚାହୁଁଥିଲି ଯେ, ଆଁହଜରତ ସ.ଅ ସକୁଶଳ ଅଛନ୍ତି କି ନାହିଁ, ତେବେ ଜାଣିନିଅ ଯେ, ରସୁଲୁଲ୍ଲାଃ ସ.ଅ ଅଲ୍ଲାଃତାଲାଙ୍କ କୃପାରୁ ସଂପୂର୍ଣ୍ଣ ସକୁଶଳ ଅଛନ୍ତି । ପ୍ରତ୍ୟୁତ୍ତର ସେହି ମହିଳା ଜଣକ କହିଲା, ତୁମେମାନେ ମୋତେ ଆଁହଜରତ ସ.ଅଙ୍କୁ ଦେଖାଅ ସେ କେଉଁଠି ଅଛନ୍ତି ? ଲୋକମାନେ କହିବାକୁ ଲାଗିଲେ, ଆଗକୁ ଚାଲିଯାଅ ଓ ହେଇ ଦେଖ ଆଁହଜରତ ସ.ଅ ଆଗରେ ଛିଡ଼ା ହୋଇଛନ୍ତି । ସେହି ମହିଳା ଜଣକ ଆଗକୁ ଦଉଡ଼ି ଯାଇ ଆପଣ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚିଗଲା ଏବଂ ଆପଣ ସ.ଅଙ୍କର କାନିକୁ ଧରି ପକାଇ କହିଲା ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ମୋର ପିତାମାତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇ ଯାଆନ୍ତୁ । ଆପଣ ସ.ଅ ଯେତେବେଳେ ସକୁଶଳେ ଅଛନ୍ତି ମୋର ଆଉ କିଛି ଦରକାର ନାହିଁ । ଯିଏ ମରୁଛି ପଛେ ମରୁ ମୁଁ କିନ୍ତୁ କେବଳ ଆପଣ ସ.ଅଙ୍କର କୁଶଳତା ହିଁ ଚାହେଁ ।

ପୁରୁଷମାନେ ଯୁଦ୍ଧରେ ବିଶ୍ୱାସରେ ଯେଉଁ ଅପୂର୍ବ ଉଦାହରଣ ପ୍ରଦର୍ଶନ କଲେ ଓ ମହିଳାମାନେ ଯୁଦ୍ଧରେ ନିଷ୍ଠା ଓ ଆନ୍ତରୀକକତାର ଉଦାହରଣ ପ୍ରଦର୍ଶନ କଲେ ତାହାର ଏକ ଦୃଷ୍ଟାନ୍ତ ମଧ୍ଧ ଉପସ୍ଥାପିତ କରିଛନ୍ତି । ଖ୍ରୀଷ୍ଟ ଧର୍ମର ମରିୟମ୍ ଅ.ସ ଓ ତାହାଙ୍କର ସଖୀ ମହିଳାମାନଙ୍କର ସାହାସିକତା ଉପରେ ଏତେ ପ୍ରସନ୍ନ ହେଲେ ଯେ, ସେ ଯୀଶୁଙ୍କ କବର ନିକଟରେ ପ୍ରାତଃ ସମୟରେ ଶତ୍ରୁଙ୍କ ଠାରୁ ଲୁଚି ପହଞ୍ଚୁଥିଲେ । ମୁଁ ତାଙ୍କୁ କୁହେ ଯେ, ଆସ ଟିକେ ମୋର ପ୍ରିୟତମଙ୍କ ନୈଷ୍ଠିକମାନଙ୍କ, ଉତ୍ସର୍ଗୀଙ୍କୁ ଦେଖ ! ସେମାନେ କେଉଁ ପରିସ୍ଥିତିରେ ତାଙ୍କୁ ସମର୍ଥନ ଜଣାଇଥିଲେ ଓ କେଉଁ ପରିସ୍ଥିତିରେ ସେମାନେ ଏକେଶ୍ୱରବାଦର ଧ୍ୱଜାକୁ ଉଚ୍ଚ କଲେ ।

ଏହି ପ୍ରକାରର ଉତ୍ସର୍ଗୀକୃତର ଆଉ ଏକ ଉଦାହରଣ ମଧ୍ଧ ଇତିହାସରେ ମିଳେ । ଆଁହଜରତ ସ.ଅ ଯେତେବେଳେ ଶୋହଦାମାନଙ୍କୁ କବର ଦେଇ ମଦିନା ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ମହିଳା ଓ ପିଲାମାନେ ସମସ୍ତେ ନଗର ବାହାରକୁ ବାହାରି ଆଁହଜରତ ସ.ଅଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ବାହାରି ଆସିଥିଲେ । ଆଁହଜରତ ସ.ଅଙ୍କର ଓଟର ଡୋର ମଦିନାର ଧନାଢ୍ୟ ବ୍ୟକ୍ତ ସାଆଦ୍ ବିନ୍ ମୁଆଜ୍ ର.ଅ ଧରିଥିଲେ ଏବଂ ସେ ଗର୍ବର ସହିତ ଆଗକୁ ଦଉଡି ଯାଉଥିଲେ । ସମ୍ଭବତଃ ସେ ସଂସାରବାସୀଙ୍କୁ ଏହା କହିବାକୁ ଚାହୁଁଥିଲେ ଯେ, ଦେଖିଲ ! ମୁଁ ଆଁହଜରତ ସ.ଅଙ୍କୁ ସକୁଶଳେ ନିଜ ଘରକୁ ନେଇ ଆସିଲି । ସହର ନିକଟରେ ତାଙ୍କୁ ନିଜର ବୃଦ୍ଧା ମାତା ଯାହାର ଦୃଷ୍ଟି ଶକ୍ତି କ୍ଷୀଣ ହୋଇଯାଇଥିଲା ସେ ଦଖି ନେଲ । ସେହି ବୃଦ୍ଧା ମାତାର ଜଣେ ପୁତ୍ର ଅମ୍ର ବିନ୍ ମୁଆଜ୍ ର.ଅ ମଧ୍ଧ ଶହୀଦ୍ ହୋଇଥିଲା । ସେହି ବୃଦ୍ଧା ମାତାଙ୍କୁ ଦେଖି ହ. ସାଆଦ୍ ବିନ୍ ମୁଆଜ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଉମ୍ମି । ଅର୍ଥାତ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ମା ଆସୁଛନ୍ତି । ଆପଣ ସ.ଅ କହିଲେ, ଅଲ୍ଲାଃତାଲାଙ୍କର କଲ୍ୟାଣ ମଧ୍ଧ ସାଙ୍ଗରେ ଆସୁ । ବୃଦ୍ଧା ଆଗକୁ ଅଗ୍ରସର ହେଲେ ଓ ନିଜର କ୍ଷୀଣ ଓ ଜୁଳୁଜୁଳିଆ ଚକ୍ଷୁରେ ଦେଖିଲା ଯେ, କାଳେ ତା'କୁ ଆଁହଜରତ ସ.ଅ ଦିଶି ଯାଆନ୍ତୁ । ପରିଶେଷରେ ସେହି ବୃଦ୍ଧା ମହିଳା ରସୁଲୁଲ୍ଲାଃ ସ.ଅଙ୍କ ମୁଖମଣ୍ଡଳ ଚିହ୍ନି ନେଲେ ଓ ପ୍ରସନ୍ନ ହୋଇଗଲେ ବୃଦ୍ଧା ଜଣକ । ରସୁଲୁଲ୍ଲାଃ ସ.ଅ କହିଲେ, ମାଉସୀ ! ତୁମର ସୁପୁତ୍ର ବୀରଗତି ପ୍ରାପ୍ତ କରିଥିବା ହେତୁ ମୁଁ ସନ୍ତପ୍ତ ଓ ମୁଁ ତୁମକୁ ସମବେଦନା ଜଣାଉଛି । ପ୍ରତ୍ୟୁତ୍ତରରେ ଜଣେ ପୁଣ୍ୟବାନ ମହିଳା ଜଣକ କହିଲେ, ହୁଜୁର ! ମୁଁ ଯେତେବେଳେ ଆପଣ ସ.ଅଙ୍କୁ ସକୁଶଳ ଦେଖିନେଲି ତେବେ ଜାଣିନିଅନ୍ତୁ ଯେ, ମୁଁ ବିପତ୍ତିକୁ ଅଗ୍ନୀରେ ଭାଜି ଖାଇଦେଲି । ଅର୍ଥାତ ଏହି ବାକ୍ୟଟି ଏକ ଆପ୍ତ ବାକ୍ୟ ଅଟେ । ଅର୍ଥାତ ପ୍ରେମର କେତେ ଗଭୀର ଭାବାବେଗ ବ୍ୟକ୍ତ କରିବାର ଶୈଳୀ ଯେ, ମନୁଷ୍ୟ ନିଜର ଦୁଃଖକୁ କିପରି ଖାଇ ଦେଇଥାଏ ଅର୍ଥାତ ପାସୋରି ଦେଇଥାଏ । ସେହି ମହିଳା ଯାହାର ବୃଦ୍ଧାବସ୍ଥାର ଅନ୍ଧର ଲଉଡ଼ି ତା'ର ପୁତ୍ର ଥିଲା ସେ ମୃତ୍ୟୁବରଣ କରିବାରୁ ତା'ର ଆଶା ବାଡ଼ିଟି ଭାଙ୍ଗିଗଲା । ସେହି ବୃଦ୍ଧା ମହିଳା ଜଣକ କିପରି ସାହାସର ସହିତ କହୁଛନ୍ତି ଯେ, ମୋ ପୁତ୍ରର ଦୁଃଖ ମୋତେ କ'ଣ ବା ଖାଇବ ଯେତେବେଳେ ଆଁହଜରତ ସ.ଅ ଜୀବିତ ଓ ସକୁଶଳେ ଅଛନ୍ତି । ମୁଁ ସେହି ଦୁଃଖକୁ ଖାଇଯିବି ଅର୍ଥାତ ପାସୋରି ଦେବିନି । ମୋ ପୁତ୍ରର ମୃତ୍ୟୁ ମୋତେ ମାରିବାର କାରଣ ହେବ ନାହିଁ ବରଂ ଏହି ଧାରଣାଟି ଯେ, ରସୁଲୁଲ୍ଲାଃ ସ.ଅଙ୍କ ସକାଶେ ମୋର ପୁତ୍ର ଜୀବନ ଦେଇଛି ତେଣୁ ଏହି ଧାରଣା ହିଁ ମୋର ବୃଦ୍ଧାବସ୍ଥାର ବଳ ତଥା ଶକ୍ତିର କାରଣ ହେବ । ହେ ଅନସାରମାନେ! ତୁମ ଉପରେ ମୋର ପ୍ରାଣ ଉତ୍ସର୍ଗ ହେଉ ତୁମେମାନେ କେତେ ପୁଣ୍ୟ ଅର୍ଜନ କରିନେଇ ଗଲଣି ?

**(ନବୀୟୋଁ କା ସର୍ଦ୍ଦାର ପୃ-91-93,ପ୍ରକାଶନ ସ୍ଥାନ -କାଦିଆନ, 2001 ମସିହା)**

ସମଗ୍ର ପ୍ରବାସକାରୀ ଓ ଅନ୍‌ସାରମାନେ ଅଲ୍ଲାଃ ଓ ତାହାଙ୍କ ବାର୍ତ୍ତାବହଙ୍କ ସକାଶେ ନିଜର ପ୍ରାଣୋତ୍ସର୍ଗ କରିବା ନିମନ୍ତେ ସର୍ଦବା ତତ୍ପର ଓ ବ୍ୟଗ୍ର ରହୁଥିଲେ। ଯାହାକୁ ଯେତେବେଳେ ବି କୌଣସି ଅବସର ମିଳୁଥିଲା ସେତେବେଳେ ସେ ଆନନ୍ଦର ସହକାରେ ନିଜର ପ୍ରାଣକୁ ଉତ୍ସର୍ଗ କରିଦେଲେ । ପବିତ୍ର କୁରଆନ୍ କରୀମ ଏହି ଘଟଣାକୁ ଦୁଇଟି ଶବ୍ଦରେ ଚତ୍ରିତ କରିଛି । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କୁହନ୍ତି, مِنْهُمْ مَّنْ قَضٰى نَحْبَهٗ وَمِنْهُمْ مَّنْ يَّنْتَظِرُ । ହ. ସାଆଦ୍ ବିନ୍ ରବିଇ ଅନ୍‌ସାରୀ ର.ଅଙ୍କ ଉତ୍ସର୍ଗୀକତାର ଉଦାହରଣ ଦେଖିନିଅନ୍ତୁ । ପ୍ରବାସକାରୀମାନେ ଯେତେବେଳେ ମକ୍କାରୁ ମଦିନାକୁ ପ୍ରବାସ କରି ଆସିଲେ ଓ ଆଁହଜରତ ସ.ଅ ପ୍ରତ୍ୟେକ ପ୍ରବାସକାରୀକୁ ଜଣେ ଜଣେ ଅନ୍‌ସାର୍‌ର ଭାଇ କଲେ ସେତେବେଳେ ଅନ୍‌ସାରମାନେ ସେମାନଙ୍କ ସହିତ ଅର୍ଥାତ ପ୍ରବାସକାରୀମାନଙ୍କ ସହିତ ନିଜର ପ୍ରକୃତ ଭାଇଠୁ ଅଧିକ ସ୍ନେହ ଓ ପ୍ରେମ କଲେ । ଅନ୍‌ସାରମାନେ ପ୍ରବାସକାରୀମାନଙ୍କୁ ନିଜର ଅର୍ଦ୍ଧାଧିକ ସମ୍ପତ୍ତି ହସ୍ତାନ୍ତର କରିବାକୁ ପ୍ରସ୍ତୁତ ଥିଲେ। କିନ୍ତୁ ଜଣେ ଅନ୍‌ସାରୀ ସାହାବି ଏପରି ମଧ୍ଧ ଥିଲେ ଯେକି ନିଜର ପ୍ରବାସକାରୀ ଭାଇ ଅବ୍‌ଦୁର୍ ରହେମାନ ବିନ୍ ଔଫଙ୍କୁ ଏହା ମଧ୍ଧ କହିଲେ ଯେ, ମୁଁ ନିଜର ଗୋଟିଏ ପତ୍ନୀକୁ ଛାଡ଼ପତ୍ର ଦେଇ ଦେଉଛି । ଇଦ୍ଦତ୍ ପରେ ତୁମେ ତା'କୁ ବିବାହ କରିନିଅ । ଏହି ସାହାବି ଜଣକ ହ. ସାଆଦ୍ ବିନ୍ ରବିଇ ଅନ୍‌ସାରୀ ର.ଅ ଥିଲେ। ଯେଉଁ ବ୍ୟକ୍ତି ନିଜର ପୋଷ୍ୟ ଭାଇ ପାଇଁ ଏପରି ଉତ୍ସର୍ଗୀକତାର ଉଦାହରଣ ପ୍ରଦର୍ଶନ କରିପାରେ, ରସୁଲୁଲ୍ଲାଃ ସ.ଅଙ୍କ ପାଇଁ ତା' ମନରେ ଯେଉଁ ଆବେଗ ଥିବ ତା'ର କ'ଣ ଅବସ୍ଥା ଥିବ ? ହ. ମିର୍ଜା ବଶୀର୍ ଅହେମଦ ସାହେବ କୁହନ୍ତି ଯେ, ଓହୋଦ୍ ଯୁଦ୍ଧ ଅବସେରରେ ଯେତେବଳେ ଯୁଦ୍ଧର ପରିସମାପ୍ତି ଘଟିଲା ଓ ଶୋହଦାମାନଙ୍କୁ କବର ତଥା ଆହତମାନଙ୍କର ଅବସ୍ଥା ପଚାରି ବୁଝିବାର କାର୍ଯ୍ୟ ଚାଲିଥିଲା ସେତେବେଳେ ରସୁଲୁଲ୍ଲାଃ ସ.ଅ କହିଲେ: "କେହି ଟିକିଏ ଯାଇ ସାଆଦ୍ ବିନ୍ ଅର୍ ରବିଇ ଅନ୍‌ସାରଙ୍କ କ'ଣ ଅବସ୍ଥା ରହିଛି ପଚାରି ବୁଝ । କ'ଣ ସେ ଜୀବିତ ଅଛନ୍ତି ନା ବୀରଗତି ପ୍ରାପ୍ତ କରିଛନ୍ତି ? କାରଣ ଯୁଦ୍ଧ ସମୟରେ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

" ଯେଉଁ ବ୍ୟକ୍ତି ଅଲ୍ଲଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜଲୁଲ ଇଫକତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ମୁଁ ତାଙ୍କୁ ଦେଖିଥିଲି ଯେ, ଶତ୍ରୁମାନେ ବର୍ଚ୍ଛାରେ ତାଙ୍କୁ ଅତ୍ୟନ୍ତ ଦୟନୀୟ ଭାବରେ ଘେରି ନେଇଥିଲେ । ଆପଣ ସ.ଅଙ୍କ କହିବା ଯୋଗୁଁ ଜଣେ ଅନ୍‌ସାରୀ ସାହାବି ଉବେି ବିନ୍ କାଆବ୍ ର.ଅ ଗଲେ ଓ ସେ ଯୁଦ୍ଧଭୂମିରେ ଏଣେତେଣେ ହ. ସାଆଦ୍‌ଙ୍କୁ ଖୋଜିବାକୁ ଲାଗିଲେ । କିନ୍ତୁ ତାଙ୍କର କିଛି ଖୋଜ ଖବର ମିଳିଲା ନାହିଁ। ସେ ନିରାଶ ହୋଇ ଫେରିଯିବାକୁ ବସିଥିଲେ କି ସେ ନିଜ ମନ ଭିତରେ ଏହି କଥା ଭାବିଲେ ଯେ, ମୁଁ କାହିଁକି ଆଁହଜରତ ସ.ଅଙ୍କ ନାମ ନେଇ ହ. ସାଆଦ୍‌ଙ୍କୁ ଯଦି ଡାକ ମାରେ ତେବେ ଏହିପରି ଭାବରେ ତାଙ୍କର କିଛି ସୁରାକ ଅବଶ୍ୟ ପାଇଯିବି। ସୁତରାଂ ସେ ଉଚ୍ଚ ସ୍ୱରରେ ଡାକ ମାରି କହିଲେ ସାଆଦ୍ ବିନ୍ ରବିଇ କେଉଁଠି ଅଛନ୍ତି ? ରସୁଲୁଲ୍ଲାଃ ସ.ଅ ମୋତେ ପ୍ରେରଣ କରିଛନ୍ତି । ଏହି ଡାକ ହ. ସାଆଦଙ୍କ ଅର୍ଦ୍ଧ ମୃତ ଶରୀରରେ ଏକ ବଦ୍ୟୁତ୍ ପ୍ରବାହ ଜାରି କରାଇଦେଲା । କିନ୍ତୁ ସାଆଦ୍‌ଙ୍କ ସ୍ୱର ଅତ୍ୟନ୍ତ କ୍ଷୀଣ ଥିଲା ସେ କ୍ଷୀଣ ସ୍ୱରରେ ଉତ୍ତର ଦେଲେ ଯେ, କିଏ ଅଛି ? ମୁଁ ଏଠାରେ ଅଛି । ହ. ଉବେି ବିନ୍ କାଆବ୍ ର.ଅ ଧ୍ୟାନର ସହିତ ହ. ସାଆଦ୍ ବିନ୍ ରବିଇଙ୍କୁ ଯେତେବେଳେ ଦେଖିଲେ ସେତେବେଳେ ସେ ମୃତାହତଙ୍କ ଏକ ସ୍ତୁପ ମଧ୍ୟରେ ହ. ସାଆଦଙ୍କୁ ଜୀବିତ ଥିବାର ପାଇଲେ । କାରଣ ସେ ସେତେବେଳେ ଶେଷାବସ୍ଥା ଜୀବନ ହାରିବାକୁ ଯାଉଥିଲେ । ଉବେି ବିନ୍ କାଆବ ତାଙ୍କୁ କହିଲେ, ଆଁହଜରତ ସ.ଅ ମୋତେ ଏଇଥି ପାଇଁ ପ୍ରେରଣ କରିଛନ୍ତି ଯେ, ମୁଁ ଆପଣଙ୍କ ଅବସ୍ଥା ସଂପର୍କରେ ଆଁହଜରତ ସ.ଅଙ୍କୁ ଅବଗତ କରାଇ ପାରିବି । ସାଆଦ୍ ଉତ୍ତର ଦେଲେ ଯେ, ରସୁଲୁଲ୍ଲାଃ ସ.ଅଙ୍କୁ ମୋର ସଲାମ (ପ୍ରଣାମ) ଜଣାଇବ ଯେ, ଈଶ୍ୱରଙ୍କ ବାର୍ତ୍ତାବାହମାନଙ୍କୁ ଓ ସେମାନଙ୍କର ଅନୁଗାମୀମାନଙ୍କୁ ବଳିଦାନ ଓ ନିଷ୍ଠା ଦେବା ଫଳରେ ଯେଉଁ ପୁଣ୍ୟ ଲାଭ ହୋଇଥାଏ ପ୍ରଭୁ ଆପଣ ସ.ଅଙ୍କୁ ମଧ୍ୟ ସେହି ସମସ୍ତ ପୁଣ୍ୟ ଅନ୍ୟ ବାର୍ତ୍ତାବହଙ୍କ ଅପେକ୍ଷା ଅଧିକ ପ୍ରଦାନ କରନ୍ତୁ, ଆପଣଙ୍କ ଚକ୍ଷୁକୁ ଶୀତଳ କରନ୍ତୁ, ମୋର ମୁସଲମାନ ଭାଇମାନଙ୍କୁ ମୋର ପ୍ରଣାମ ଜଣାଇବ, ମୋର ଜାତିକୁ ଯାଇ କହିବ ଯେ, ଯଦି ତୁମର ଜୀବନ ଥାଉ ଥାଉ ଆଁହଜରତ ସ.ଅଙ୍କୁ ଯଦି କୌଣସି କ୍ଷତି ପହଞ୍ଚେ ବା ଆଁହଜରତ ସ.ଅଙ୍କର କିଛି ଅନିଷ୍ଟ ହୁଏ ତେବେ ଈଶ୍ୱରଙ୍କ ଆଗରେ ତୁମର କୌଣସି ବାହାନା ଆଦୌ ଚଳିବ ନାହିଁ । ଏହା କହି ହ. ସାଆଦ୍ ବିନ୍ ରବିଇ ନିଃଶ୍ୱାସ ତ୍ୟାଗ କଲେ ।"

**(ସିରତ୍ ଖାତମୁନ୍ ନବୀୟିନ୍ , ପୃ-501)**

ବଦର୍ ଯୁଦ୍ଧ ଅବସରର ଆଁହଜରତ ସ.ଅ ଯେତେବେଳେ ବାରମ୍ବାର ସାହାବାମାନଙ୍କ ଠାରୁ ପରାମର୍ଶ ଲୋଡୁଥିଲେ ସେତେବେଳେ ଜଣେ ଅନ୍‌ସାରୀ ସାହାବି କହିଲେ, ହେ ଅଲ୍ଲାଙ୍କ ବାର୍ତ୍ତାବହ ! ଆମେ ଈଶ୍ୱରଙ୍କ ଶପଥ କରି କହୁଛୁ ଯେ, ଯେପରି ବନୀ ଇସ୍ରାଇଲ୍‌ର ଜାତି ହ. ମୁସା ଅ.ସଙ୍କୁ ଉତ୍ତର ଦେଇଥିଲେ ଆମେ ସେପରି ଉତ୍ତର ଦେବୁ ନାହିଁ । ଅର୍ଥାତ ସେମାନେ କହିଥିଲେ ଯେ, فَاذْهَبْ أَنْتَ وَرَبُّكَ فَقَاتِلَآ اِنَّا هَاهُنَا قَاعِدُوْنَ (ଅଲ୍ ମାଏଦା: 25) ଅର୍ଥାତ୍ ତୁମ୍ଭେ ଓ ତୁମ୍ଭର ପାଳନକର୍ତ୍ତା ଯାଇ ଲଢ ଆମେମାନେ ତ' ଏହିଠାରେ ହିଁ ବସି ରହିବୁ । ଯଦି ଯୁଦ୍ଧ ହୁଏ ତେବେ ଈଶ୍ୱରଙ୍କ ଶପଥ କରି କହୁଛୁ ! ଆମେମାନେ ଆପଣ ସ.ଅଙ୍କ ବାମ ପାର୍ଶ୍ୱରେ ମଧ୍ୟ ଲଢିବୁ ଓ ଦକ୍ଷିଣ ପାର୍ଶ୍ୱରେ ବି ଲଢିବୁ, ପଛରେ ଲଢିବୁ ଆଗରେ ଲଢିବୁ । ଯେପର୍ଯ୍ୟନ୍ତ ଶତ୍ରୁ ଆମର ଶବକୁ ପାଦ ତଳେ ଦଳି ଅତିକ୍ରମ କରିନେଇ ନାହିଁ ସେପର୍ଯ୍ୟନ୍ତ ଶତ୍ରୁ ଆପଣ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ । ହେ ଅଲ୍ଲାଙ୍କ ବାର୍ତ୍ତାବହ ! ଯୁଦ୍ଧ ତ' ଏକ ସାଧାରଣ କଥା, ଏଠାରୁ କିଛି ଦୂରତାରେ ଏକ ସମୁଦ୍ର ରହିଛି, ଆପଣ ଆମମାନଙ୍କୁ ଆଦେଶ ଦିଅନ୍ତି ଯେ, ଆମେମାନେ ସମୁଦ୍ରରେ ନିଜର ଅଶ୍ୱ ନିକ୍ଷେପ କରିଦେବୁ ତେବେ ଆମେମାନେ ନିଃଶଙ୍କୋଚ ସମୁଦ୍ର ମଧ୍ୟରେ ନିଜର ଅଶ୍ୱକୁ ନିକ୍ଷେପ କରିଦେବୁ ।

ଏହି ହେଉଛି ସେହି ଉତ୍ସର୍ଗୀକୃତା ଓ ନିଷ୍ଠାପରତାର ସେହି ଉଦାହରଣ ଯାହାର ଦୃଷ୍ଟାନ୍ତ ପୂର୍ବେ କୌଣସି ନବୀ ଉପସ୍ଥାପିତ କରିପାରିବ ନାହିଁ । ହ. ମୁସା ଅ.ସଙ୍କୁ ତ' ତାଙ୍କର ସାଥି ଓ ଜାତିର ଲୋକମାନେ ଉତ୍ତର ଦେଇ ସାରିଥିଲେ ଏବଂ ହ. ଯୀଶୁ ଖ୍ରୀଷ୍ଟଙ୍କ ହୱାରୀମାନେ ଶତ୍ରୁଙ୍କ ବିପକ୍ଷରେ ଯେଉଁ ଉଦାହରଣ ପ୍ରଦର୍ଶନ କରିଥିଲେ ଇଞ୍ଜିଲ ସେହି କଥାର ସାକ୍ଷୀ ଅଟେ । ଜଣେ ହୱାରୀ ତ' କେଇ ପଇସା ପାଇଁ ନିଜର ଶିକ୍ଷକଙ୍କୁ ଅନ୍ୟ ହାତରେ ବିକ୍ରି କରି ଦେଇଥିଲା । ଦ୍ୱିତୀୟ ହୱାରୀ ତାଙ୍କ ଉପରେ ଅଭିଶାପ ପକାଇଥିଲା ଓ ଅନ୍ୟ ଦଶ ଜଣ ହୱାରୀ ତାଙ୍କୁ ଛାଡ଼ି ଏଣେତେଣେ ପଳାୟନ କଲେ । କିନ୍ତୁ ହ. ମୁହମ୍ମଦ ସ.ଅଙ୍କର ସାଥିମାନେ କେବଳ ଦେଢ ବର୍ଷର ସାହଚର୍ଯ୍ୟତ୍ୱ ପ୍ରାପ୍ତ ହେବା ପରେ ବିଶ୍ୱାସରେ ଏତେ ଦୃଢୀଭୂତ ଓ ଅଟଳ ହୋଇଗଲେ ଯେ, ସେମାନେ ଆପଣ ସ.ଅଙ୍କ କଥାରେ ସମୁଦ୍ର ମଧ୍ୟକୁ ଲମ୍ଫ ପ୍ରଦାନ କରିବାକୁ ମଧ୍ୟ ପ୍ରସ୍ତୁତ ଥିଲେ ।

**(ନବୀୟୋଁ କା ସର୍ଦ୍ଦାର, ପୃ-74, ପ୍ରକାଶନ ସ୍ଥାନ- କାଦିଆନ, 2001 ମସିହା)**

ଆଁହଜରତ ସ.ଅ ନିଜର ସାହାବାମାନଙ୍କୁ ଯୁଦ୍ଧରେ ବନ୍ଦୀ ହୋଇଥିବା କୈଦୀମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ପ୍ରତି ତାଗିଦ୍ କରିଥିଲେ। ତେଣୁ ସାହାବାମାନେ କିପରି ନିଜର ପ୍ରିୟତମଙ୍କ କଥାକୁ ପାଳନ କରୁଥିଲେ ତାହା ଆପଣମାନେ ସ୍ୱୟଂ ଦେଖି ନିଅନ୍ତୁ: "ସାହାବାମାନେ ଯେକି ନିଜର ପ୍ରିୟ ମୁନିବଙ୍କର ପ୍ରତ୍ୟେକ ଅଭିଳଷାକୁ ପୂର୍ଣ୍ଣ କରିବା ପାଇଁ ତତ୍ପର ଥିଲେ ସେମାନେ ଆପଣଙ୍କ ଉପଦେଶକୁ ଏପରି କାର୍ଯ୍ୟାକାରୀ କଲେ ଯେ, ଇତିହାସରେ ଏହାର ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳୁ ନାହିଁ । ସୁତରାଂ ସ୍ୱୟଂ ସେହି କୈଏଦୀଙ୍କ ମଧ୍ୟରୁ ଜଣେ କୈଦୀ ଅଜିଜ୍ ବିନ୍ ଉମୈର୍ ନିଜେ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅଙ୍କ ଆଦେଶ ଯୋଗୁଁ ଅନ୍‌ସାର ମୋତେ ରନ୍ଧା ହୋଇଥିବା ରୁଟି ଖାଇବାକୁ ଦେଉଥିଲେ । କିନ୍ତୁ ନିଜେ ଖଜୁରୀ କୋଳି ଆଦି ଖାଇ ଜୀବନ୍ ଯାପନ କରୁଥିଲେ। ଅନେକଥର ଏପରି ମଧ୍ୟ ହେଉଥିଲା ଯେ, ସେମାନଙ୍କ ପାଖରେ ଯଦି ରୁଟିର ଛୋଟ ଖଣ୍ଡ ମଧ୍ୟ ହେଉଥିଲା ତେବେ ସେମାନେ ମୋତେ ସେହି ରୁଟିର ଟୁକୁଡ଼ା ଖାଇବୋ ପାଇଁ ଦେଉଥିଲେ ଏବଂ ସ୍ୱୟଂ କିଛି ଆହାର ଖାଉ ନଥିଲେ । ମୁଁ ଯଦି ଲଜ୍ଜିତ ହୋଇ ରୁଟିର ଖଣ୍ଡ ସେମାନଙ୍କୁ ଫେରସ୍ତ କରିଦଉଥିଲି ସେତେବେଳେ ସେମାନେ ଜିଦ୍ କରି ମୋତେ ପୁଣି ଖାଇବା ପାଇଁ ସେହି ରୁଟି ଖଣ୍ଡ ଦେଇ ଦେଉଥିଲେ ।"

**(ସିରତ୍ ଖାତମୁନ୍ ନବୀୟିନ୍, ପୃ-365)**

ଆଁହଜରତ ସ.ଅ କୈଦୀମାନଙ୍କର ସୁବିଧା ଓ ଆରାମ ସଂପର୍କରେ ସାହାବାମାନଙ୍କୁ ଏଭଳି ତାଗିଦ୍ କରୁଥିଲେ ଯେ, ସାହାବାମାନେ ତହିଁରୁ ପ୍ରଭାବିତ ନିଜର କାମିସ୍ (ବସ୍ତ୍ର) ଓହ୍ଲାଇ ରକ୍ତ ପିପାସୁ କୈଦୀମାନଙ୍କୁ ଦେଇ ଦେଇଥିଲେ । ସ୍ୱୟଂ ଶୁଷ୍କ ଖଜୁରୀ କୋଳି ଖାଇ ଜୀବନ ଅତିବାହିତ କରିଥିଲେ । ସାହାବାମାନେ କୈଏଦୀମାନଙ୍କୁ ରନ୍ଧା ଖାଦ୍ୟ ଦେଇଥିଲେ । ସାହାବାମାନେ ନିଜେ ଚାଲି ଚାଲି ଗଲେ ଏବଂ କୈଏଦୀମାନଙ୍କୁ ଅଶ୍ୱ ଓଟ ଉପରେ ବସାଇ ନେଉଥିଲେ । କ'ଣ ପୃଥିବୀରେ କୌଣସି ଯୁଗରେ ଏପରି ଜାତି ଅଛି ଯିଏ ଏପରି ଦୃଷ୍ଟାନ୍ତ ଉପସ୍ଥାପିତ କରିପାରିବ ? **(ସିରତ୍ ଖାତମୁନ୍ ନବୀୟିନ୍, ପୃ-411)**

ସାହାବାମାନଙ୍କର ଆଁହଜରତ ସ.ଙ୍କ ପ୍ରତି ଥିବା ପ୍ରେମ ଓ ଆନ୍ତରୀକତାର ଅନନ୍ୟ ଉଦାହରଣ ପାଠକମଣ୍ଡଳୀଙ୍କ ଦୃଷ୍ଟିଗୋଚର ହେଉ । ହ. ଉସୈଦ୍ ବିନ୍ ହୁଜୈର୍ ଅନସାରୀ ର.ଅଙ୍କ ସଂପର୍କରେ ଏକ ବର୍ଣ୍ଣନା ରହିଛି, ଯେ, ହ. ଉସୈଦ୍ ର.ଅ ଅତ୍ୟନ୍ତ କୁତୁହଳ ବ୍ୟକ୍ତି ଥିଲେ । ଦିନ ଲୋକଙ୍କ ଗହଣରେ ବସି ହସ ଖୁସିରେ କଥାବାର୍ତ୍ତା କରୁଥିଲେ କି ଆଁହଜରତ ସ.ଅ ତାଙ୍କ ପାର୍ଶ୍ୱରେ ଆସି (ପ୍ରେମର ସହିତ) ଏକ ବାଡ଼ି ଚୁଭାଇ (ଖେଞ୍ଚି) ଦେଲେ । ଫଳତଃ ହ. ଉସୈଦ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ତ' କାମିସ୍ (ପୋଷାକ) ପିନ୍ଧିଛନ୍ତି ଏବଂ ମୁଁ ତ' ଫୁଙ୍ଗୁଳା ଶରୀର ଅଛି । ସୁତରାଂ ହୁଜୁର ସ.ଅ ହ. ଉସୈଦଙ୍କୁ ପ୍ରତିଶୋଧ ନେବା ନିମନ୍ତେ ନିଜେ ପିନ୍ଧିଥିବା ପୋଷାକକୁ ଉପରକୁ ଉଠାଇଲେ ବା ଟେକିଲେ । ଉସୈଦ୍ ବିନ୍ ହୁଜୈର ହୁଜୁର୍ ସ.ଅଙ୍କୁ ଆଲିଙ୍ଗନ କରିନେଲେ ଓ ଆଁହଜରତ ସ.ଅଙ୍କର ପବିତ୍ର ଶରୀରକୁ ଆଲିଙ୍ଗନ କରି ଚୁମ୍ବନ ଦେବାକୁ ଲାଗିଲେ ଓ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ତ' କେବଳ ଏହି ଉଦ୍ଦେଶ୍ୟ ହିଁ ରହିଥିଲା ଯେ, ମୁଁ ଆପଣ ସ.ଅଙ୍କୁ ଆଲିଙ୍ଗନ କରି ଆପଣଙ୍କ ଶରୀରକୁ ଚୁମ୍ବନ ଦେବି (ମୁଁ କଲ୍ୟାଣ ପ୍ରାପ୍ତ କରିବା ସକା ମନରେ ଏହି ଯୋଜନା ପାଞ୍ଚିଥିଲି ) ।

**(ହଦିକତୁସ୍ ସାଲିହିନ୍, ହଦିସ୍ ସଂଖ୍ୟା-72, ଲେଖକ-ମଲକ୍ ସୈଫୁର୍ ରହେମାନ ସାହେବ)**

ତତସଂକ୍ରାନ୍ତୀୟ ଏଠାରେ ଏହା ଉଲ୍ଲେଖ କରିଦେବା ଜରୁରୀ ଯେ, ହ. ଉସୈଦ୍ ବିନ୍ ହୁଜୈର୍ ୱସ୍ ସଂପ୍ରଦାୟର ବନୁ ଅବଦ୍ଦୁଲ୍ ଅଶହଲ୍ ବଂଶୀୟ ବ୍ୟକ୍ତି ଥିଲେ ଓ ବରିଷ୍ଠ ସାହାବାମାନଙ୍କ ମଧ୍ୟରେ ଗଣ୍ୟ ହେଉଥିଲେ । ତାଙ୍କର ପିତାଶ୍ରୀ ବୁଆସ୍ ଯୁଦ୍ଧରେ ୱସ୍ ସଂପ୍ରଦାୟର ବରିଷ୍ଠ ବ୍ୟକ୍ତି ଥିଲା । ଉସୈଦ୍ ଅତ୍ୟନ୍ତ ନିଷ୍ଠାବାନ ଓ ଅତ୍ୟନ୍ତ ବୁଦ୍ଧିମାନ, ଶୃଙ୍ଖଳିତ ବ୍ୟକ୍ତି ଥିଲେ । ହ. ଆଏଶା ର.ଅ କୁହନ୍ତି ଯେ, ଅନସାରଙ୍କ ମଧ୍ୟରୁ ତିନି ଜଣ ବ୍ୟକ୍ତି ନିଜର ଶ୍ରେଷ୍ଠ ମର୍ଯ୍ୟାଦାରେ ଅନ୍ୟମାନଙ୍କ ତୁଳନାରେ ଅନନ୍ୟ ଥିଲେ । ସେହି ତିନିଜଣ ବ୍ୟକ୍ତି ହେଲେ ଯଥା- ହ. ଉସୈଦ୍ ବିନ୍ ଅଲ୍ ହୁଜୈର୍, ସାଆଦ୍ ବିନ୍ ମୁଆଜ୍ ର.ଅ ଓ ହ. ଉବାଦାହ୍ ବିନ୍ ବିଶର । ତହିଁରେ କୌଣସି ମତଦ୍ୱୈଧ ନାହିଁ ଯେ, ଉସୈଦ୍ ଜଣେ ତୁଙ୍ଗ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ହ. ଅବୁ ବକର ର.ଅ ଉସୈଦ୍ ର.ଅଙ୍କୁ ବହୁତ ସମ୍ମାନ ଜଣାଉଥିଲେ ।

**(ସିରତ୍ ଖାତମୁନ୍ ନବୀୟିନ୍, ପୃ-229)**

ଅଲ୍ଲାଃତାଲା ସମସ୍ତ ସାହାବାମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । କାରଣ ସେମାନେ ବିଶ୍ୱାସର ପ୍ରକୃତ କର୍ତ୍ତବ୍ୟ ନିର୍ବାହ କରି ଦେଇଛନ୍ତି । ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଆମେମାନେ ମଧ୍ୟ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତର ପ୍ରକୃତ କର୍ତ୍ତବ୍ୟ ସମ୍ପାଦନ କରିବାକୁ ସକ୍ଷମ ହେଉ । ଆମିନ୍

**(ମନ୍‌ସୁର୍ ଅହେମଦ ମସ୍‌ରୁର୍)**

☆ ☆ ☆

# ଶାନ୍ତି ସ୍ଥାପନ ପ୍ରସଙ୍ଗରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ

(ମୁହମ୍ମଦ୍ ଇନାମ ଗୌରୀ, ନାଜିର୍ ଆଲା ସଦର୍ ଅଞ୍ଜୁମନ୍ ଅହେମଦିୟା, କାଦିଆନ୍)

يَّهْدِيْ بِهِ اللهُ مَنِ اتَّبَعَ رِضْوَانَهٗ سُبُلَ السَّلٰمِ وَيُخْرِجُهُمْ مِّنَ الظُّلُمٰتِ اِلَى النُّوْرِ بِاِذْنِهٖ وَيَهْدِيْهِمْ اِلٰي صِرَاطٍ مُّسْتَقِيْمٍ

**(ଅଲମାଏଦା-17)**

ଅନୁବାଦ୍: ଯେଉଁମାନେ ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ସକାଶେ ଚେଷ୍ଟା କରନ୍ତି ସେ ଏହାଦ୍ୱାରା ସେମାନଙ୍କୁ ଶାନ୍ତି ପଥରେ ପରିଚାଳିତ କରାଇଥାଆନ୍ତି ଏବଂ ସେମାନଙ୍କୁ ନିଜ ଆଶୀର୍ବାଦ ବଳରେ ଅନ୍ଧକାର ମଧ୍ୟରୁ ଜ୍ୟୋତି ଆଡ଼କୁ ଘେନି ଯାଆନ୍ତି ଏବଂ ସେମାନଙ୍କୁ ସରଳ ପଥ ଆଡ଼କୁ ପରିଚାଳିତ କରାନ୍ତି ।

ଇସ୍‌ଲାମ୍ ଧର୍ମର ଅର୍ଥ ହିଁ ଶାନ୍ତି ଓ ସୌହାର୍ଦ୍ଦ୍ୟ ଅଟେ । ଇସ୍‌ଲାମ୍ ଧର୍ମର ସଂସ୍ଥାପକ ହ. ମୁହମ୍ମଦ ସ.ଅ ଆନ୍ତର୍ଜାତିକ ଶାନ୍ତି ଓ ସୌହାର୍ଦ୍ଦ୍ୟର ଦୂତ ତଥା ପ୍ରବର୍ତ୍ତକ ଅଟନ୍ତି ।

ମନେ ରଖିବା ଉଚିତ୍ ଯେ, ଶାନ୍ତି, ସୁଖ, ସୌହାର୍ଦ୍ଦ୍ୟ ମୌଳିକ ରୂପେ ଦୁଇ ପ୍ରକାରର ହୋଇଥାଏ । ଯଥା- (1) ବ୍ୟକ୍ତିଗତ ଶାନ୍ତି (2) ସାମୂହିକ ଶାନ୍ତି ।

ବ୍ୟକ୍ତିଗତ ପ୍ରକାରର ଶାନ୍ତି ଓ ସନ୍ତୁଷ୍ଟି ମନୁଷ୍ୟର ନିଜସ୍ୱ ଅସ୍ତିତ୍ୱ, ତା'ର ମନ ମସ୍ତିଷ୍କ ଏବଂ ଶାରୀରୀକ ସ୍ୱାସ୍ଥ୍ୟ, ସେହିପରି ନିଜର ପରିବାର ବର୍ଗ ସଂପର୍କିତ ଓ ବଂଶ ପ୍ରତି ଥିବା ନିଜର ଦାୟିତ୍ୱାବଳୀ ଅନୁଯାୟୀ କିମ୍ବା ନିଜର ପରିଧି ଅନୁଯାୟୀ ହୋଇଥାଏ ।

ସେହିପରି ସାମୂହିକ ଶାନ୍ତି ମନୁଷ୍ୟର ସାମାଜିକ ଜୀବନ ଅର୍ଥାତ ସାଇ ପଡିଶା କିମ୍ବା ସହର ଅବା ନିଜର ଦେଶ ତଥା ଭୂପୃଷ୍ଠରେ ସମସ୍ତ ଶାନ୍ତି ଓ ସଦ୍‌ଭାବନା ସହିତ ଜଡ଼ିତ ଅଟେ ।

☆ ପ୍ରତ୍ୟେକ ବ୍ୟକ୍ତି ଏହା ଚାହିଁଥାଏ ଯେ, ସେ ଶାନ୍ତିର ସହିତ ଜୀବନ ଯାପନ କରୁ, ତା'ର ସ୍ୱାସ୍ଥ୍ୟାବସ୍ଥା ଭଲ ରହୁ, ସନ୍ତୁଳିତ ଆହାର ତା'କୁ ମିଳୁ, ରହିବା ନିମନ୍ତେ ଉପଯୁକ୍ତ ଏବଂ ବୋସୋପଯୋଗୀ ବାସସ୍ଥାନ ମିଳୁ, ପତ୍ନୀ ମିଳୁ, ପୁଣ୍ୟବାନ ସନ୍ତାନ ପ୍ରାପ୍ତ ହେଉ । ବଂଶର ସଦସ୍ୟ, ଅଭିଭାବକ, ଭାଇ, ଭଉଣୀ ଓ ଅନ୍ୟାନ୍ୟ ଦୂର ତଥା ନିକଟ ସଂପର୍କୀୟ ସମସ୍ତେ ସକୁଶଳେ ରୁହନ୍ତୁ । ପରସ୍ପର ମଧ୍ୟରେ କଳହ ଆଦି ନହେଉ ।

☆ ପ୍ରତ୍ୟେକ ସଭ୍ୟ ସମାଜର ପ୍ରତ୍ୟେକ ବ୍ୟକ୍ତି ଓ ଶିକ୍ଷିତ ଏବଂ ଅଶିକ୍ଷିତ ବ୍ୟକ୍ତିର ହେଉ ଅବା ଧନୀ ଦରିଦ୍ର ହେଉ କଳା ଗୋରା ହେଉ, ସେ ଆରବ୍ୟ ହେଉ ଅବା ଅଣ ଆରବ୍ୟ ହେଉ, ପୂର୍ବୀୟ ବ୍ୟକ୍ତି ହେଉ ଅବା ପାଶ୍ଚାତ୍ୟ ବ୍ୟକ୍ତି ହେଉ ସେ ଏହି ଅଭିଳାଷା କରିଥାଏ ଯେ, ସେ ଶାନ୍ତି ସୌହାର୍ଦ୍ଦ୍ୟ, ସୁଖ ପ୍ରାପ୍ତି କରି ଶାନ୍ତିର ସହିତ ଜୀବନ ଯାପନ କରୁ ।

ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ନିମନ୍ତେ ଜଣେ ବ୍ୟକ୍ତି ଅନ୍ୟକୁ କଷ୍ଟରେ ପକାଇବାକୁ ପଡୁ ପଛେ, ବ୍ୟକ୍ତିଗତ ସ୍ୱାର୍ଥ ପ୍ରାପ୍ତ ପାଇଁ ଅନ୍ୟମାନଙ୍କୁ କଷ୍ଟ ଦେବା ପାଇଁ ମଧ୍ୟ କୁଣ୍ଠାବୋଧ ମନେକରେ ନାହିଁ । ଯେତେବେଳେ ଅନ୍ୟ ବ୍ୟକ୍ତି ନିଜର ଶାନ୍ତି ପ୍ରାପ୍ତି, ନିଜର ପୀଡ଼ା ଦୂରୀକରଣ ବା ନିବାରଣ ନିମନ୍ତେ, ନିଜ କ୍ଷତିର କ୍ଷତିଭରଣା ନିମନ୍ତେ ସେହି ଆଚରଣ ତଥା ବ୍ୟବହାର ପ୍ରଦର୍ଶନ କରିଥାଏ ଯାହା ପ୍ରଥମ ବ୍ୟକ୍ତି ଜଣକ ତା' ସହିତ ଆଚରଣ ପ୍ରଦର୍ଶନ କରିଥିଲା । ଫଳତଃ ଉଭୟଙ୍କ ପକ୍ଷରୁ ଅଶାନ୍ତି ଓ ବିଶୃଙ୍ଖଳା ଦେଖିବାକୁ ମିଳିଥାଏ ଓ ଅଶାନ୍ତି ଏବଂ ବିଶୃଙ୍ଖଳାର ପରମ୍ପରା ଆରମ୍ଭ ହୋଇଯାଇଥାଏ ।

ଏହିପରି ବ୍ୟକ୍ତିଗତ ଅଶାନ୍ତି ଓ ବିଶୃଙ୍ଖଳାର ପରିଧି ମଧ୍ୟରୁ ବାହାରି ସାଇ ପଡ଼ିଶା, ସହରରୁ ସହର ହୋଇ ସମଗ୍ର ଦେଶକୁ ନିଜର ବଳୟ ମଧ୍ୟକୁ ଟାଣି ଆଣିଥାଏ । ପରିଶେଷରେ ଏହି ବିପତ୍ତି ବା ଦୁର୍ଭାଗ୍ୟ ଆନ୍ତର୍ଜାତିକ ଅଶାନ୍ତି ପରିଣତି ସ୍ୱରୂପ ଉପନୀତ ହୋଇଥାଏ ।

ଏହା କୌଣସି କୃତ୍ରିମ ବା କପୋଳ କଳ୍ପିତ ଗଳ୍ପ କି କାହାଣୀ ନୁହେଁ । ଆଜିର ସଂସାର ପୂର୍ବ ଓ ପଶ୍ଚିମ, ଉତ୍ତର ଓ ଦକ୍ଷିଣରେ ଯଦି ଦୃଷ୍ଟିକୁ ଗତିଶୀଳ କରାଇ ଦେଖି ନିଅନ୍ତୁ । ଆନ୍ତର୍ଜାତିକ ଅଶାନ୍ତି, ବିଶୃଙ୍ଖଳା, ଅରାଜକତା ହିଁ ସମସ୍ତେତ ଲୋକମାନଙ୍କର ଦିନା ଓ ରାତିର ନିଦ ହଜାଇ ଦେଇଛି । ଏହା ଅଭଳି ଏକ ଅଖଣ୍ଡନୀୟ ବାସ୍ତବ ଯେ, ଏହାକୁ ସର୍ବସାଧାରଣମାନେ ସ୍ୱୀକାର କରିଥାନ୍ତି । ମୁଦ୍ରଣ ମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ପ୍ରତ୍ୟେକ ପ୍ଲାଟଫର୍ମ ଉପରେ ଏହାର ଚର୍ଚ୍ଚା ରହିଛି ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ, ବ୍ୟକ୍ତିଗତ, ସାମୂହିକ, ରାଷ୍ଟ୍ରୀୟ ଓ ଆନ୍ତର୍ଜାତିକ ଶାନ୍ତିକୁ କିପରି ସ୍ଥାପନ କରାଯାଇ ପାରିବ ? ଏହାର ଉତ୍ତର ଏହିକି ଯେ, କେବଳ ଘୋଷଣା, ପ୍ରଚାର, ନାରାବାଜି କରିଦେବା ଦ୍ୱାରା କୌଣସି ସେମସ୍ୟାର ସମାଧାନ ହୋଇପାରିବ ନାହିଁ । ବ୍ୟବହାରିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ଏବଂ ଏହି ଯାତ୍ରା ନିଜ ଘରୁ ଆରମ୍ଭ କରି , ସାଇ ପଡ଼ିଶା, ସହର, ଦେଶ ଠାରୁ ନେଇ ଆନ୍ତର୍ଜାତିକ ସ୍ତର ପର୍ଯ୍ୟନ୍ତ ପହଞ୍ଚିବା ଓ ପହଞ୍ଚାଇବାର ଆବଶ୍ୟକତା ରହିଛି ।

ଆସନ୍ତୁ ଏ ସଂପର୍କରେ ମାନବବାଦୀ, ମାନବ ଉପକାର ତଥା ଉଦାରବାଦୀ ମହାମାନ୍ୟ ହ. ମୁହମ୍ମଦ ସ.ଙ୍କ ପବିତ୍ର ଜୀବନୀ ଉପରେ ପକ୍ଷୀ ପରି ଏକ ଦୃଷ୍ଟିପାତ କରିବା ଓ ଇସଲାମୀୟ ଶିକ୍ଷା ତଥା ଆଁହଜରତ ସ.ଅଙ୍କର ଉତ୍ତମ ଆଦର୍ଶର କେତେକ ଚର୍ଚ୍ଚା କରିଦେବା ।

**ଗୃହର ଶାନ୍ତି:**

ସର୍ବ ପ୍ରଥମେ ଏହା ଦେଖିବା ଜରୁରୀ ଯେ, ଘରମାନଙ୍କରେ ଶାନ୍ତି କିପରି ସ୍ଥାପନ ହୋଇପାରିବ । ଏଥିପାଇଁ ସ୍ୱାମୀ ସ୍ତ୍ରୀଙ୍କର ଅଧିକାର, କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରତି ଧ୍ୟାନ ରଖିବାକୁ ହେବ । ପରସ୍ପରର ଆବେଗ ଓ ଅନୁଭୂତିକୁ ଦୃଷ୍ଟିରେ ରଖିବାକୁ ହେବ, ନିଜର ସୁଖଠୁ ବଳି ଜୀବନ ସାଥିର ସୁଖ ପ୍ରତି ଚିନ୍ତା ରଖିବା ଜରୁରୀ ଅଟେ ଅନ୍ୟଥା ଦୈନନ୍ଦିନ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳି ଝଗଡ଼ା ହେବା ଫଳରେ ଘରର ସୁଖ ଶାନ୍ତି ସବୁ ନଷ୍ଟ ହୋଇଯାଇଥାଏ । ପିଲାମାନଙ୍କର ସଂସ୍କାର ଉପରେ ଏହାର ଅତ୍ୟନ୍ତ କୁପ୍ରଭାବ ମଧ୍ୟ ପଡ଼ିଥାଏ । ଏହାର ବିସ୍ତୃତ ବିବରଣୀକୁ ଯିବା ଦରକାର ନାହିଁ । ହ. ରସୁଲ୍ କରୀମ୍ ସ.ଅଙ୍କ ଶାନ୍ତିପୂର୍ଣ୍ଣ ପାରିବାରିକ ଜୀବନ ସଂପର୍କରେ ଏଠାରେ କେତେକ ହଦିସ୍ ଉପସ୍ଥାପିତ କରିଦେଉଛି ।

☆ ତିର୍ମିଜିର ଏକ ହଦିସ୍‌ରେ ଆଁହଜରତ ସ.ଅ କୁହନ୍ତି: ତୁମମାନଙ୍କ ମଧ୍ୟରୁ ସର୍ବୋତ୍ତମ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ନିଜର ପତ୍ନୀ ତଥା ପରିବାରର ସଦସ୍ୟଙ୍କ ପ୍ରତି ସଦବ୍ୟବହାର ପ୍ରଦର୍ଶନ କରିଥାଏ ଏବଂ ମୁଁ ତୁମମାନଙ୍କ ଅପେକ୍ଷା ନିଜ ପରିବାର ପ୍ରତି ସର୍ବାଧିକ ଉତ୍ତମ ଆଚରଣ ପ୍ରଦର୍ଶନ କରିଥାଏ । ତହିଁରେ କୌଣସି ସନ୍ଦେହ ନୁହେଁ ଯେ, ଆପଣ ସ.ଅଙ୍କୁ ସାଂସ୍କାରିକ ଓ ଜାତୀୟତା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅସଂଖ୍ୟ ବିବାହ କରିବାକୁ ପଡ଼ିଥିଲା ଏବଂ ଏକା ସମୟରେ ନଅ ଜଣ ପତ୍ନୀ ଆପଣ ସ.ଅଙ୍କ ଘରେ ରହୁଥିଲେ । ଆପଣ ସ.ଅ ସମସ୍ତ ପତ୍ନୀଙ୍କ ପ୍ରତି ସଦ୍‌ବ୍ୟବାହର, ନ୍ୟାୟ ପ୍ରଦର୍ଶନ କରିବାରୁ ସମସ୍ତେ ଆପଣ ସ.ଅଙ୍କ ଠାରୁ ସନ୍ତୁଷ୍ଟ ଓ ପ୍ରସନ୍ନ ଥିଲେ ।

☆ ମୁସ୍‌ଲିମ୍‌ର ଏକ ହଦିସ୍ ଉପସ୍ଥାପିତ କରି ଦେଉଛି । ଆଁହଜରତ ସ.ଅ ବଳିଦାନ ଓ ତ୍ୟାଗର ପକ୍ଷକୁ ଦୃଷ୍ଟିରେ ରଖି ସ୍ୱାମୀ ସ୍ତ୍ରୀଙ୍କୁ ପରସ୍ପର ମଧ୍ୟରେ ସୁଗୁଣ ଖୋଜିବାକୁ ଉପଦେଶ ଦେଇ କୁହନ୍ତି: ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ମଧ୍ୟରେ ଦୋଷ ଦୁର୍ବଳତା ଦୃଶ୍ୟମାନ ହୁଏ ଅବା ତା'ର କୌଣସି ଭାବ ଭଙ୍ଗୀ ଭଲ ନଲାଗେ ତେବେ ଅନେକ ସୁଗୁଣଗୁଡ଼ିକ ମଧ୍ୟ ରହିଛି ଯାହା ତା'କୁ ପସନ୍ଦ ମଧ୍ୟ ଥିବ । ତେଣୁ ଯେଉଁ ଗୁଣଗୁଡ଼ିକ ଭଲ ଲାଗିବ ତା'କୁ ଦୃଷ୍ଟିରେ ରଖି ବଳିଦାନର ପକ୍ଷକୁ ଅବଲମ୍ବନ କରି ମୈତ୍ରିକ ପରିବେଶ ସୃଷ୍ଟି କରିବା ଉଚିତ୍ ।

☆ କୌଣସି ଜଣେ ବ୍ୟକ୍ତି ହ. ଆଏଶା ର.ଅଙ୍କୁ ପଚାରିଲା ଯେ, ହେ ଆଏଶା ର.ଅ ! ଆଁହଜରତ ସ.ଅ ଘରେ କ'ଣ କ'ଣ କାର୍ଯ୍ୟ କରୁଥିଲେ ? ହ. ଆଏଶା ର.ଅ ଉତ୍ତର ଦେଲେ ଯେ, ଆପଣ ସ.ଅ ସମସ୍ତ ମନୁଷ୍ୟଙ୍କ ପରି ଜଣେ ମନୁଷ୍ୟ ଥିଲେ। ନିଜ ପରିହିତ ପୋଷାକରେ ନିଜେ ଛିଦ୍ରକୁ ନିଜେ ତାଳି ପକାଉଥିଲେ, ଛେଳୀ ନିଜେ ଦୁହି ଦେଉଥିଲେ ଓ ନିଜର ବ୍ୟକ୍ତିଗତ କାର୍ଯ୍ୟ ସ୍ୱୟଂ କରି ନେଉଥିଲେ ।

**(ମସ୍‌ନଦ୍ ଅହେମଦ୍)**

ରାତ୍ର ସମୟରେ ଯେତେବେଳେ ଆପଣ ସ.ଅ ବିଳମ୍ବରେ ଘରକୁ ଆସୁଥିଲେ ସେତେବେଳେ କାହାରିକୁ କିଛି କଷ୍ଟ ନଦେଇ, ନିଦରୁ କାହାକୁ ନ ଉଠାଇ ସ୍ୱୟଂ ଖାଦ୍ୟ ଖାଉଥିଲେ ଓ କ୍ଷୀର ପାନ କରି ନେଉଥିଲେ । **(ମୁସ୍‌ଲିମ୍)**

☆ ଏହିପରି ଭାବରେ ହ. ଆଏଶା ର.ଅଙ୍କର ପାରିବାରିକ ଜୀବନ ସଂକ୍ରାନ୍ତରେ ଏହି ସାକ୍ଷ୍ୟ ମଧ୍ୟ ପ୍ରାପ୍ତ ହୋଇଛି ହ. ନବୀ କରୀମ୍ ସ.ଅ ସମସ୍ତ ବ୍ୟକ୍ତିମାନଙ୍କ ଅପେକ୍ଷା ଅଧିକ କୋମଳ ସ୍ୱଭାବ ଓ ସର୍ବାଧିକ ଦୟାଳୁ, ସାଧାରଣ ମଣିଷଙ୍କ ପରି ନିଃଶଙ୍କୋଚରେ ଘରେ ରହୁଥିଲେ । ଆପଣ ସ.ଅ କେବି ବି କାହା ଉପରେ କ୍ଷୁବ୍ଧ ହେଉ ନଥିଲେ । ସର୍ବଦା ସ୍ମିତହାସ୍ୟ ପ୍ରକାଶ କରୁଥିଲେ । ସେହିପରି ଆପଣ (ହ. ଆଏଶା ର.ଅ) କୁହନ୍ତି ଯେ, ନିଜର ସମଗ୍ର ଜୀବନରେ ଆପଣ ସ.ଅ କେବେ ବି କୌଣସି ପତ୍ନୀଙ୍କ ଉପରକୁ ହାତ ଉଠାଇ ନଥିଲେ ଓ ନା ହିଁ କେବେ କୌଣସି ଦାସକୁ ମାରିଥିଲେ । **(ତିର୍ମିଜି)**

ଆଁହଜରତ ସ.ଅ କୈଦୀମାନଙ୍କର ସୁବିଧା ଓ ଆରାମ ସଂପର୍କରେ ସାହାବାମାନଙ୍କୁ ଏଭଳି ତାଗିଦ୍ କରୁଥିଲେ ଯେ, ସାହାବାମାନେ ତହିଁରୁ ପ୍ରଭାବିତ ନିଜର କାମିସ୍ (ବସ୍ତ୍ର) ଓହ୍ଲାଇ ରକ୍ତ ପିପାସୁ କୈଦୀମାନଙ୍କୁ ଦେଇ ଦେଇଥିଲେ । ସ୍ୱୟଂ ଶୁଷ୍କ ଖଜୁରୀ କୋଳି ଖାଇ ଜୀବନ ଅତିବାହିତ କରିଥିଲେ । ସାହାବାମାନେ କୈଏଦୀମାନଙ୍କୁ ରନ୍ଧା ଖାଦ୍ୟ ଦେଉଥିଲେ । ସାହାବାମାନେ ନିଜେ ଚାଲି ଚାଲି

ଗଲେ ଏବଂ କୈଏଦୀମାନଙ୍କୁ ଅଶ୍ୱ ଓଟ ଉପରେ ବସାଇ ନେଉଥିଲେ । କ'ଣ ପୃଥିବୀରେ କୌଣସି ଯୁଗରେ ଏପରି ଜାତି ଅଛି ଯିଏ ଏପରି ଦୃଷ୍ଟାନ୍ତ ଉପସ୍ଥାପିତ କରିପାରିବ ? **(ସିରତ୍ ଖାତମୁନ୍ ନବୀୟିନ୍, ପୃ-411)**

ଆମର ପ୍ରିୟ ମୁନିବ ହ. ମୁହମ୍ମଦ ସ.ଅଙ୍କ ସୌନ୍ଦର୍ଯ୍ୟ ଓ ଉପକାରର ସେହି ଅପୂର୍ବ ଦର୍ଶନ ନିଃସନ୍ଦେହ ଆପଣ ସ.ଅଙ୍କର ପାରିବାରିକ ଜୀବନକୁ ଅତ୍ୟନ୍ତ ଶାନ୍ତିମୟ, ସରସ, ସୁନ୍ଦର ଓ ସ୍ୱର୍ଗ ପରି ସୁନ୍ଦର ଓ ଅଦ୍ଭୁତ କରିଦେଇଥିଲା । ଏହି କାରଣ ରହିଛି ଯେ, ଆପଣ ସ.ଅଙ୍କର ସମସ୍ତ ପତ୍ନୀମାନେ ସର୍ବଦା ଆପଣ ସ.ଅଙ୍କ ଉପରେ ମୁଗ୍ଧ ଓ ଆପଣ ସ.ଅଙ୍କ ପ୍ରତି ଆସକ୍ତ ଥିଲେ ।

اللهم صل علیٰ محمد وآل محمد وبارک وسلم

## ଶାଇ ପଡ଼ିଶାଙ୍କ ଶାନ୍ତି:

ଘରୁ ବାହାରି ଡାହାଣ, ବାମ, ଆଗ ପଛ ପଡ଼ୋଶୀମାନଙ୍କ ସହିତ କିପରି ସଂପର୍କ ରହିବା ଉଚିତ ସେହି ସ୍ତର ଆସିଥାଏ । ପବିତ୍ର କୁରଆନ୍ କରୀମ୍ ଏହା ତାଗିଦ୍ କରି ଆଦେଶ ଦେଇଛି ଯେ, ନିଜର ଅଭିଭାବକମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କର । ସେହିପରି ନିଜର ନିକଟ ସଂପର୍କୀୟମାନଙ୍କ ପ୍ରତି, ଅନାଥମାନଙ୍କ ପ୍ରତି, ଦରିଦ୍ରମାନଙ୍କ ପ୍ରତି, ସଂପର୍କୀୟ ପଡ଼ୋଶୀମାନଙ୍କ ପ୍ରତି ତଥା ସମୀପବର୍ତ୍ତୀ ବ୍ୟକ୍ତିମାନଙ୍କ ପ୍ରତି, ପଥିକମାନଙ୍କ ପ୍ରତି ଏବଂ ଯେଉଁମାନେ ତୁମମାନଙ୍କର କର୍ତ୍ତୃତ୍ୱାଧୀନ ହୋଇଛନ୍ତି ସେମାନଙ୍କ ପ୍ରତି ସଦୟ ହୁଅ ।

ଏ ସଂକ୍ରାନ୍ତରେ କେତେକ ହଦିସ୍ ଉପସ୍ଥାପିତ କରିଦେଉଛି:

☆ ହ. ଅବ୍ଦୁଲ୍ଲାଃ ବିନ୍ ମସଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ରସୁଲ୍ କରୀମ୍ ସ.ଅଙ୍କୁ କହିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଭଲ କିମ୍ବା ମନ୍ଦ କାର୍ଯ୍ୟ କରୁଛି ବୋଲି କିପରି ଜାଣିବି ? ଆପଣ ସ.ଅ କହିଲେ, ଯେତେବେଳେ ତୁମେ ନିଜ ପଡ଼ୋଶୀମାନଙ୍କୁ ଏହା କହୁଥିବାର ଶୁଣ ଯେ, ସେମାନେ ତୁମ ବିଷୟରେ ରହିବେ ଯେ, ଆଜ୍ଞା ଆପଣ ବହୁତ ଭଲ ବ୍ୟକ୍ତି ଅଟନ୍ତି । ତେବେ ତୁମ ଜାଣିନିଅ ଯେ, ତୁମର କର୍ମଶୈଳୀ ଉତ୍ତମ ଅଟେ ଏବଂ ଯେତେବେଳେ ପଡ଼ୋଶୀମାନେ ତୁମ ସଂକ୍ରାନ୍ତରେ ଏହି ମତ ବ୍ୟକ୍ତ କରନ୍ତି ଯେ, ତୁମ ବହୁତ ମନ୍ଦ ବ୍ୟକ୍ତି ଅଟ । ତେବେ ତୁମେ ଜାଣିନିଅ ଯେ, ତୁମର ଆଚରଣ ମନ୍ଦ ଅଟେ । **(ଇବ୍ନେ ମାଜା)**

☆ ହ. ଇବ୍ନେ ଉମର୍ ର.ଅ ଓ ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ଜିବ୍ରାଇଲ୍ ଅ.ସ ମୋତେ ପଡ଼ୋଶୀମାନଙ୍କ ସହିତ ସର୍ବଦା ଉତ୍ତମ ଆଚରଣ ପ୍ରଦର୍ଶନ କରିବା ପ୍ରତି ଅନୁପ୍ରାଣିତ କରୁଛନ୍ତି । ଏପର୍ଯ୍ୟନ୍ତକି ମୁଁ ଏହା ବିଚାର କଲି ଯେ, ସେ (ଜିବ୍ରାଇଲ୍ ଅ.ସ) ପଡ଼ୋଶୀଙ୍କୁ ମୋର ଉତ୍ତରାଧିକାରୀ ନକରି ଦିଅନ୍ତୁ । **(ବୁଖାରୀ)**

☆ ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ସେହି ବ୍ୟକ୍ତି ବିଶ୍ୱାସାକୀର ବ୍ୟକ୍ତି ନୁହେଁ । ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ସେହି ବ୍ୟକ୍ତି ବିଶ୍ୱାସାକୀର ବ୍ୟକ୍ତି ନୁହେଁ। ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ସେହି ବ୍ୟକ୍ତି ବିଶ୍ୱାସାକୀର ବ୍ୟକ୍ତି ନୁହେଁ। (ଅର୍ଥାତ ଆପଣ ସ.ଅ ତିନି ଥର ଏହି ବାକ୍ୟର ପୁନରାବୃତ୍ତି କଲେ) ଆପଣ ସ.ଅଙ୍କୁ ପଚରା ଗଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କିଏ ବିଶ୍ୱାସକାରୀ ନୁହେଁ ? ଆପଣ ସ.ଅ ଉତ୍ତର ଦେଲେ ଯେ, ସେହି ବ୍ୟକ୍ତି ଯାହାର ପଡ଼ୋଶୀ ତା'ର ଉପଦ୍ରବ ଓ ତା'ର ସହସା ଅକ୍ରମଣରୁ ଯଦି ସୁରକ୍ଷିତ ନରୁହେ । **(ବୁଖାରୀ)**

ସହସା ଆକ୍ରମଣ ବିଭିନ୍ନ ଶୈଳୀରେ ହୋଇଥାଏ । କେତେବେଳେ ରାତିରେ ଅର୍ଥାତ ଯେତେବେଳେ ରାତ୍ର ସମୟରେ ରେଡ଼ିଓ, ଟି.ଭି ଇତ୍ୟାଦି ଉଚ୍ଚ ସ୍ୱରରେ କାର୍ଯ୍ୟକ୍ରମ ଶୁଣିଥାଉ । ଯଦ୍ୱାରା ପଡ଼ୋଶୀ ଶାନ୍ତିରେ ଶୋଇପାରି ନଥାଏ । ତ' ଆଉ କେତେବେଳେ ଘରର ଅଳିଆ ଆବର୍ଜନା ପଡ଼ୋଶୀର ଦୁଆର ଆଗରେ ନେଇ ପକାଇ ଦେବା ଦ୍ୱାରା ହୋଇଥାଏ ଇତ୍ୟାଦି ଇତ୍ୟାଦି ।

☆ ହ. ଅବୁ ଜର ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ହେ ଅବୁ ଜର ! ତୁମେ ଯେତେବେଳେ ନିଜ ଘରେ ଭଲ ତରକାରୀ ରାନ୍ଧ ତେବେ ଟିକିଏ ଅଧିକ ଝୋଳ ରାନ୍ଧି ନିଅ ଏବଂ ନିଜର ପଡ଼ୋଶୀମାନଙ୍କର ମଧ୍ୟ ଧ୍ୟାନ ରଖ । ଅର୍ଥାତ କୌଣସି ନା କୌଣସି ପଡ଼ୋଶୀକୁ ତରକାରୀ ପ୍ରେରଣ କରିଦିଅ। **(ମୁସ୍ଲିମ୍)**

ଯେତେବେଳେ ସମସ୍ତ ସାଇ ପଡ଼ିଶାମାନେ ନିଜ ନିଜ ପଡ଼ୋଶୀମାନଙ୍କର ଏହିପରି ଯତ୍ନ ନେବେ ଓ ପ୍ରତ୍ୟେକ ପ୍ରକାରର ଅନିଷ୍ଟ ସାଧନରୁ ନିବୃତ୍ତ ରହିବେ ତେବେ ନିଶ୍ଚିତ ରୂପେ ସାଇ ପଡ଼ିଶାରେ ଶାନ୍ତି ଓ ସଦ୍ଭାବନା ଅବଶ୍ୟ ସ୍ଥାପିତ ହେବ ।

## ସହରର ଶାନ୍ତି:

ସାଧାରଣ ନାଗରିକମାନଙ୍କର ଅଧିକାର ଓ କର୍ତ୍ତବ୍ୟ ନିର୍ବାହର ଯେଉଁଠି ପ୍ରଶ୍ନ ରହିଛି ତା'ର ସଠିକ୍ ଜ୍ଞାନ ରହିବା ଓ ତଦନୁଯାୟୀ କର୍ତ୍ତବ୍ୟ ସମ୍ପାଦନ କରିବାର ଉଦ୍ୟମ କରିବା, ସମଗ୍ର ସହରକୁ ଶାନ୍ତିର ଦୋଳି କରିବାର କାରଣ ପାଲଟି ଯାଇଥାଏ । ତତ୍ସଂକ୍ରାନ୍ତରେ କେତେକ ନିର୍ଦ୍ଦେଶାବଳୀ ଓ ଉପଦେଶାବଳୀ ପାଠକମାନଙ୍କର ଦୃଷ୍ଟିଗୋଚର ହେଉ ।

☆ ଆମେମାନେ ଯେତେବେଳେ ବି ପରସ୍ପରକୁ ଭେଟ ହେଉ ସେତେବେଳେ **ଅସ୍ ସଲାମୁ ଅଲୈକୁମ୍** କୁହନ୍ତୁ । ଅର୍ଥାତ ତୁମ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ । ଆମ ଏଠାରେ ଅର୍ଥାତ ଭାରତ ବର୍ଷରେ ବିଭିନ୍ନ ଧର୍ମର ଲୋକମାନେ ନିଜ ନିଜ ପ୍ରଥା ଅନୁଯାୟୀ ନମସ୍ତେ, ସତ୍ ଶ୍ରୀ ଅକାଲ୍, ଗୁଡ୍ ମର୍ଣ୍ଣିଂ ଆଦି ଶବ୍ଦର ପ୍ରୟୋଗ କରି ପରସ୍ପରକୁ ଅଭିବାଦନ ଜଣାଇ ଥାଆନ୍ତି । ପୁନଶ୍ଚ ପରସ୍ପରର କରମର୍ଦ୍ଦନ କରି ଥାଆନ୍ତି । ଏପରି କରିବା ଫଳରେ ପରସ୍ପରକୁ ଆମେମାନେ ଚିହ୍ନିଥାଉ ଓ ପ୍ରେମ ବୃଦ୍ଧି ପାଇଥାଏ । ମନ ଭିତରେ ଥିବା ଘୃଣା ତଥା ଆବର୍ଜନା ଦୂରୀଭୂତ ହୋଇଥାଏ ।

☆ ଦ୍ୱିତୀୟ ଏହିକି ଯେ, ଯଦିବି ଆମେ ରାସ୍ତାଘଟ ଓ ପଡ଼ୋଶୀଙ୍କ ଦୁଆର ଆଗରେ ଅଳିଆ ଆବର୍ଜନା ନ ବି ଫିଙ୍ଗୁ । କିନ୍ତୁ ପଥିକମାନଙ୍କୁ କଷ୍ଟ ଦେଉଥିବା ବସ୍ତୁକୁ ମାର୍ଗରୁ ହଟାଇବାକୁ ଚେଷ୍ଟା କରିବା ଉଚିତ । ଆଁହଜରତ ସ.ଅ କହିଲେ, ମାର୍ଗରୁ କ୍ଷତିକାରକ, କଷ୍ଟଦାୟକ ବସ୍ତୁକୁ ହଟାଇବା ମଧ୍ୟ ସଦ୍କା (ଦାନ) ଅଟେ ।

☆ ପୁନଶ୍ଚ ଏହି ନିର୍ଦ୍ଦେଶ ମଧ୍ୟ ରହିଛି ଯେ, ସର୍ବସାଧାରଣ ସ୍ଥାନରେ ଜୋରରେ ଚିତ୍କାର କରିବା, କଳି ଝଗଡ଼ା କରିବା ଅନୁଚିତ । ଏପରି କରିବା ଦ୍ୱାରା ଲୋକମାନଙ୍କର ଶାନ୍ତି ଓ ବିଶ୍ରାମ ବ୍ୟାହତ ଓ କ୍ଷୁର୍ଣ୍ଣ ହୋଇଥାଏ ଏବଂ ଯେଉଁଠି ମହିଳାମାନେ ଓ ଛୋଟ ଶିଶୁମାନ ଥାଆନ୍ତି ସେଠାରେ ପାଟି କରିବା, ଜୋରରେ ଚିତ୍କାର କରିବା ଦ୍ୱାରା ମହିଳା ଓ ଛୋଟ ଶିଶୁମାନଙ୍କୁ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ ଓ ସେମାନେ ବ୍ୟସ୍ତ ବିବ୍ରତ ହୋଇ ପଡ଼ନ୍ତି ।

☆ ମାର୍ଗର ମଧ୍ୟବର୍ତ୍ତୀ ସ୍ଥାନରେ ବୃତ୍ତାକାର ହୋଇ କିମ୍ବା ସଭା କରିବାରୁ ସର୍ବଦା ନିବୃତ୍ତ ରହିବା ଉଚିତ । ରସୁଲ୍ କରୀମ୍ ସ.ଅ କହିଲେ, **اِيَّاكُمْ وَالْجُلُوْسَ عَلَى الطُّرُقَاتِ** ଅର୍ଥାତ ସାବଧାନ ! ମାର୍ଗ ରେ ବସ ନାହିଁ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ସେହି ସଭାରେ ବସିବା ଛଡ଼ା ଆମ ନିକଟରେ ଆଉ କୌଣସି ଉପାୟ ନାହିଁ । ଆମେମାନେ ସେହି ସ୍ଥାନମାନଙ୍କରେ ବସୁ ଓ ପରସ୍ପର ମଧ୍ୟରେ ପରାମର୍ଶ କରିଥାଉ । ଆପଣ ସ.ଅ କହିଲେ, ତୁମେମାନେ ଯଦି ରହିପାରୁ ନାହଁ ତେବେ ମାର୍ଗର ଅଧିକାର ସମ୍ପାଦନ କର । ସାହାବାମାନେ ପୁନଶ୍ଚ ପ୍ରଶ୍ନ କଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ସେହି ଅଧିକାରଗୁଡ଼ିକ କ'ଣ କ'ଣ ? ଆପଣ ସ.ଅ କହିଲେ, ମାର୍ଗରେ ବସିଲାବେଳେ ନିଜର ଦୃଷ୍ଟିକୁ ତଳମୁହାଁ ରଖିବ, କୌଣସି ବ୍ୟକ୍ତିକୁ କିଛି କଷ୍ଟ ଦେବ ନାହିଁ, ସଲାମ୍ କରିବ, ସଲାମ୍ର ଉତ୍ତର ଦେବ, ଭଲ କଥା କହିବା ପାଇଁ ପରସ୍ପରକୁ ଅନୁପ୍ରାଣିତ କରିବ ଓ ମନ୍ଦ କଥା କିହାବରୁ ଅନ୍ୟକୁ ରୋକିବା । **(ମୁଉଫିକ୍ ଅଲୈହି)**

☆ ଏହା ମଧ୍ୟ ନିର୍ଦ୍ଦେଶ ରହିଛି ଯେ, ରୋଗୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ଓ ସେମାନଙ୍କୁ ସୁପରାମର୍ଶ ତଥା ଉତ୍ସାହିତ କରିବା ସଙ୍ଗେସଙ୍ଗେ ସେମାନଙ୍କର ଆରୋଗ୍ୟ ଲାଭ ପାଇଁ ମଧ୍ୟ ପ୍ରର୍ଥନା କରିବା ଉଚିତ ।

☆ ଏହି ନିର୍ଦ୍ଦେଶାବଳୀ ମଧ୍ୟ ରହିଛି ଯେ, ଯେଉଁ ବ୍ୟକ୍ତି ମୃତ୍ୟୁବରଣ କରନ୍ତି ତେବେ ତାଙ୍କର ଅନ୍ତିମ ସଂସ୍କାର କାର୍ଯ୍ୟରେ ସହଯୋଗ କରାଯାଉ ଏବଂ ନିଜ ନିଜ ପ୍ରଥା ଓ ପରମ୍ପରା ଅନୁଯାୟୀ ମୃତକକୁ ସମ୍ମାନର ସହିତ ଅନ୍ତିମ ସଂସ୍କାରର ଅନ୍ତ୍ୟୋଷ୍ଟି କ୍ରିୟା ସମ୍ପାଦନ କରାଯାଉ । ଜଣେ ଇହୁଦୀର ଯନାଜାଃ ଯେତେବେଳେ ଆଁହଜରତ ସ.ଅଙ୍କ ପାଖ ଦେଇ ଅତିକ୍ରମ କରିଥିଲା ସେତେବେଳେ ଆପଣ ସ.ଅ ଏହା ଦେଖି ସମ୍ମାନ ସ୍ୱରୂପ ଛିଡ଼ା ହୋଇପଡ଼ିଲେ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ଅନ୍ତିମ ସଂସ୍କାରଟି ତ' ଇହୁଦୀ ବ୍ୟକ୍ତିର ଅଟେ ଆପଣ କାହିଁକି ଛିଡ଼ା ହେଉଛନ୍ତି ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, କ'ଣ ଉକ୍ତ ମୃତକ ବ୍ୟକ୍ତିର ଶରୀରରେ ଆତ୍ମା ନଥିଲା ? କ'ଣ ସେ ମଣିଷ ନଥିଲା ? କହିବାର ତାତ୍ପର୍ଯ୍ୟ ଏହିକିଯେ, ସମସ୍ତ ମନୁଷ୍ୟ ଏକାପରି ଅଟନ୍ତି ଏବଂ ସମସ୍ତଙ୍କ ମଧ୍ୟରେ ଆତ୍ମା ବିରାଜମାନ ରହିଛି । ତେଣୁ ମାନବିକତା ଦୃଷ୍ଟିରୁ ମୁଁ ଏକ ମୃତକର ଶବକୁ ସମ୍ମାନ ପ୍ରଦର୍ଶନ କରିବାକୁ ଯାଇ ଛିଡ଼ା ହୋଇପଡ଼ିଲି ।

ଏହିପରି ଭାବରେ ଅନେକ ନିର୍ଦ୍ଦେଶାବଳୀ ରହିଛି ଯାହାକି ନାଗରିକମାନଙ୍କୁ ଶାନ୍ତି, ସୁରକ୍ଷା ପ୍ରଦାନ କରିବା ଓ ସେମାନଙ୍କ ପାଇଁ ଶାନ୍ତି, ସଦ୍ଭାବନା, ସୌହାର୍ଦ୍ଦ୍ୟର ପରିବେଶ ସୃଷ୍ଟି କରିବା ପାଇଁ ନିହାତି ଜରୁରୀ ଅଟେ । ଏହି ଅଧମ ସମୟକୁ ଦୃଷ୍ଟିରେ ରଖି କେତେକ ଉଦାହରଣର ଚର୍ଚ୍ଚା ଏଠାରେ କରିଦେଉଛି । ତତସଂକ୍ରାନ୍ତୀୟ ଆହାଦିସ ଅତିରିକ୍ତ ରୂପେ ଉପସ୍ଥାପିତ କରିଦେଉଛି ।

☆ ହ. ଅବ୍ଦୁଲ୍ଲାଃ ବିନ୍ ଉମୈର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ହେ ଲୋକମାନେ ! ପରସ୍ପର ପ୍ରତି ଈର୍ଷା କର ନାହିଁ । ପରସ୍ପରକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତିଯୋଗୀ ମନୋଭାବ ରଖି ଜିନିଷ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କର ନାହିଁ । ପରସ୍ପର ପ୍ରତି ବିଦ୍ୱେଷାଭାବ ରଖ ନାହିଁ । ପରସ୍ପର ପ୍ରତି ସଂପର୍କ ଛିନ୍ନ କର ନାହିଁ । ଜଣେ ବ୍ୟକ୍ତି ଯେତେବେଳେ ଦ୍ରବ୍ୟର ମୂଲ୍ୟ ନିରୂପଣ କରିଛି ତେବେ ତା'ର ନିରୂପିତ ମୂଲ୍ୟ ଉପରେ ତୁମେ ମୂଲ୍ୟ ବୃଦ୍ଧି ଓ ମୂଲ୍ୟ ନିରୂପଣ କର ନାହିଁ । ବରଂ ହେ ଈଶ୍ୱରଙ୍କର ଭକ୍ତମାନେ ! ପରସ୍ପର ମଧ୍ୟରେ ଭାଇ ଭାଇ ହୋଇ

ରୁହ । **(ମୁସଲିମ୍)**

☆ ହ. ଅମ୍ର ବିନ୍ ଶୋଏବ୍ ନିଜ ପିତା ଓ ନିଜର ଦଦାଙ୍କ ଠାରୁ ବର୍ଣ୍ଣନା କରି କୁହନ୍ତି ଯେ, ଆଁହଜରତ ସ.ଅ କହିଲେ, ଯେଉଁ ବ୍ୟକ୍ତି ବଡ଼ ହୋଇ ସାନଙ୍କ ଉପରେ ଦୟା କରେ ନାହିଁ ଓ ସାନ ହୋଇ ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ କରେ ନାହିଁ ତେବେ ସେହି ବ୍ୟକ୍ତିର ଆମ ସହିତ କୌଣସି ସଂପର୍କ ନାହିଁ । **(ତିର୍ମିଜି)**

☆ ହ. ଅବ୍ଦୁଲ୍ଲାଃ ବିନ୍ ମସଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ସୃଷ୍ଟିର ସମସ୍ତ ଜୀବ ପ୍ରଭୁଙ୍କ ପରିବାର ଅଟନ୍ତି । ଅର୍ଥାତ ଅଲ୍ଲାଃତାଲାଙ୍କ କୁଟୁମ୍ବ । (ବସୁଧୈବ କୁଟୁମ୍ବକମ୍) । ଅତଏବ ଅଲ୍ଲାଃତାଲାଙ୍କୁ ନିଜର ପ୍ରାଣୀମାନଙ୍କ ମଧ୍ଯରୁ ସେହି ବ୍ୟକ୍ତି ସର୍ବାଧିକ ପ୍ରିୟ ଯିଏ ତାହାଙ୍କ ସୃଷ୍ଟଜ ଅନ୍ୟ ପ୍ରାଣୀମାନଙ୍କ ପ୍ରତି ସଦ୍‌ବ୍ୟବାହର ତଥା ଉତ୍ତମ ବ୍ୟବହାର ପ୍ରଦର୍ଶନ କିରଥାଏ ଏବଂ ସେମାନଙ୍କର ଆବଶ୍ୟକତାକୁ ପୂରଣ କରିଥାଏ ।

☆ ରସୁଲ କରୀମ୍ ସ.ଅ ମୁସଲମାନମାନଙ୍କର ଏହି ଲକ୍ଷଣ ଦର୍ଶାଇଛନ୍ତି ଯେ, ମୁସଲମାନ ହେଉଛି ସେହି ବ୍ୟକ୍ତି ଯାହାର ହସ୍ତ ଓ ତୁଣ୍ଡରୁ ଅନ୍ୟ ବ୍ୟକ୍ତିକୁ ଯେପରି କ୍ଷତି ନ ପହଞ୍ଚୁ ବା ତା'ର ଅନିଷ୍ଟ କିଛି ନହୁଏ । ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, "ମୁସଲମାନ ହେଉଛି ସେହି ବ୍ୟକ୍ତି ଯାହାର ହସ୍ତ ଓ ତୁଣ୍ଡରୁ ଅନ୍ୟ ମୁସଲମାନମାନେ ସୁରକ୍ଷିତ ରହିବେ ଏବଂ ବିଶ୍ଵାସକାରୀ ହେଉଛି ସେହି ବ୍ୟକ୍ତି ଯେଉଁ ବ୍ୟକ୍ତି ଠାରୁ ଲୋକମାନଙ୍କର ଧନ ଓ ଜୀବନକୁ କୋଣସି ବପଦ ନଥିବ ।" (ତିର୍ମିଜି)

☆ କେବଳ ମନୁଷ୍ୟମାନଙ୍କ ଠାରୁ ନୁହେଁ ବରଂ ଜୀବଜନ୍ତୁଙ୍କୁ ମଧ୍ୟ କଷ୍ଟ ଦେବାକୁ ଆଁହଜରତ ସ.ଅ ବାରଣ କରିଛନ୍ତି । ହ. ଇବ୍‌ନେ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ମହିଳାକୁ ନିଜର ମାର୍ଜାର (ବିଲେଇ)କୁ କଷ୍ଟ ଦେବା ଯୋଗୁଁ ଦଣ୍ଡ ମିଳିଥିଲା । କାରଣ ଉକ୍ତ ମହିଳା ଜଣକ ବିଲେଇକୁ ବନ୍ଦ କରି ଭୋକିଲା ମାରି ଦେଇଥିଲା । ଅର୍ଥାତ ବିଲେଇକୁ ଖାଇବାକୁ ପଇବାକୁ ନଦେଇ ଯଦି ଛାଡ଼ି ଦେଇଥାଆନ୍ତା ତେବେ ସେ ଭୂମିର ମୂଷା ଆଦି ଜୀବକୁ ଖାଇ ନିଜର ପେଟ ପୋଷି ପାରିଥାଆନ୍ତା । ତେଣୁ ମହିଳା ଜଣକ ନିରୀହ ପ୍ରାଣୀ ଉପରେ ଏପରି ଅକଥନୀୟ ଅତ୍ୟାଚାର କରିବା ଯୋଗୁଁ ସେ ନର୍କାଗ୍ନୀରେ ନିକ୍ଷିପ୍ତ ହୋଇଥିଲା । **(ମୁସଲିମ୍)**

☆ ହ. ଅବ୍ଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଏକ ଯାତ୍ରାରେ ଥିଲୁ । ଆପଣ ସ.ଅ କୌଣସି ଆବଶ୍ୟକତା ସକାଶେ ବାହାରକୁ ଯାଇଥିଲେ । ଆମେମାନେ ହୁମ୍ରାହ୍ ନାମକ ଏକ ପକ୍ଷୀକୁ ଦେଖିଲୁ ତା'ର ଦୁଇଟି ଛୁଆ ମଧ୍ୟ ଥିଲେ । ଆମେମାନେ ସେହି ପକ୍ଷୀର ଦୁଇଟି ଛୁଆକୁ ଧରି ପକାଇଲୁ । ତେଣୁ ସେହି ଛୁଆର ମା ଆମ ମୁଣ୍ଡ ଉପରେ ଆସି ଉଡ଼ି ବୁଲିବାକୁ ଲାଗିଲା । ଠିକ୍ ସେହି ସମୟରେ ରସୁଲୁଲ୍ଲାଃ ସ.ଅ ଫେରି ଆସିଲେ ଏବଂ କହିଲେ, କିଏ ଏହି ପକ୍ଷୀର ଛୁଆକୁ ଧରିନେଇଛି ଏବଂ ଉକ୍ତ ପକ୍ଷୀକୁ ହଇରାଣ କରିଛି ? ପକ୍ଷୀଟିର ଛୁଆକୁ ତା ମା'କୁ ଫେରାଇ ଦିଅ । ପୁନଶ୍ଚ ଆପଣ ସ.ଅ ଦେଖିଲେ ଯେ, କେହି ଜଣେ ବ୍ୟକ୍ତି ପିମ୍ପୁଡ଼ିର ବିଲ ବା ଗାତକୁ ନିଆଁ ଲଗାଇ ଦେଇଛି । ଆପଣ ସ.ଅ କହିଲେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିକୁ ଏହି ଅଧିକାର ପ୍ରାପ୍ତ ହୋଇ ନାହିଁ ବା ବ୍ୟକ୍ତି ପକ୍ଷେ ଉଚିତ ନୁହଁ ଯେ, ସିଏ କୌଣସି ଜୀବକୁ ଜୀଅନ୍ତା ଜାଳିଦେଉ । **(ଅବୁ ଦାଉଦ୍)**

ପ୍ରକାଶ୍ୟ ରୂପେ ଦେଖିବାକୁ ଗଲେ ଏହା ଅତ୍ୟନ୍ତ ସାଧାରଣ ନିର୍ଦ୍ଦେଶାବଳୀ ପ୍ରତିତ ହେଉଛି କିନ୍ତୁ ଅନ୍ୟ ବ୍ୟକ୍ତିମାନଙ୍କୁ ତଥା ଅନ୍ୟ ଜୀବକୁ କଷ୍ଟ ଦେବାରୁ ସର୍ବଦା ନିବୃତ୍ତ ରହିବା କଷ୍ଟରୁ ସେହି ଜୀବମାନଙ୍କୁ ରକ୍ଷା କରିବା ଓ ସେମାନଙ୍କୁ ଉପଶମ ଓ ଆରାମ୍ ପ୍ରଦାନ କରିବା ସେମାନଙ୍କ ପକ୍ଷେ ଶାନ୍ତି ସ୍ଥାପନ କରିବା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ଵପୂର୍ଣ୍ଣ ଓ ମୌଳିକ କର୍ତ୍ତବ୍ୟର ଅଧିକାରୀ ଅଟେ ।

## ସରକାରଙ୍କର ଅଧିକାର ଓ ଦାୟିତ୍ଵାବଳୀ:

ପ୍ରକାଶ୍ୟ ବର୍ତ୍ତମାନ ସୁଦ୍ଧା ସାଧାରଣ ମନୁଷ୍ୟମାନଙ୍କର ପାରସ୍ପାରିକ ସଂପର୍କ ଓ ସେମାନଙ୍କର ଅଧିକାର ତଥା କର୍ତ୍ତବ୍ୟ ଉପରେ ଆଲୋକପାତ କରାଯାଇଛି । ଏବଂ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପ୍ରତି ଯେଉଁ କର୍ତ୍ତବ୍ୟ ତଥା ଅଧିକାର ରହିଛି ସେସଂପର୍କରେ ମଧ୍ୟ କିଛିଟା ଆଲୋଚନା କରିଦେବା ଆବଶ୍ୟକ ଅଟେ ।

ସର୍ବ ପ୍ରଥମ କର୍ତ୍ତବ୍ୟ ଯେକୌଣସି ସରକାର ହେଉ ପଛେ ଏହା ଯେ, ଜନତାଙ୍କର ମୌଳିକ ଆବଶ୍ୟକତା, ସୁବିଧା ସୁଯୋଗ ଯେପରିକି ଜନତାଙ୍କୁ ଉଚିତ୍ ଖାଦ୍ୟ ବସ୍ତ୍ର ଓ ବାସଗୃହ ଆଦି ସରକାରଙ୍କ ସମ୍ବଳ ଅନୁଯାୟୀ ସେମାନଙ୍କୁ ପ୍ରଦାନ କରିବା ଉଚିତ୍ ।

ସୁତରାଂ ଉପରୋକ୍ତ ମୌଳିକ ମାନବିକ ଆବଶ୍ୟକତାକୁ ଉପଲବ୍ଧ କରାଇ ଦିଗରେ ପବିତ୍ର କୁରଆନ୍ କରୀମ୍ ଏହି ମାର୍ଗଦର୍ଶନ କରି କହିଛି ଯେ,

(ତା ହା:119-120) إِنَّ لَكَ أَلَّا تَجُوعَ فِيهَا وَلَا تَعْرَىٰ ۔ وَأَنَّكَ لَا تَظْمَؤُا فِيهَا وَلَا تَضْحَىٰ ।

ଏଠାରେ ଅର୍ଥାତ୍ ଏହି ବୈକୁଣ୍ଠରେ ତୁମ୍ଭେ ଓ ତୁମ୍ଭର ସାଙ୍ଗମାନେ କେବେ କ୍ଷୁଧାର୍ତ୍ତ ହେବେ ନାହିଁ କି ଉଲଗ୍ନ ରହିବ ନାହିଁ । ଏବଂ ତୁମ୍ଭେ ସେଠାରେ ତୃଷାର୍ତ୍ତ ହେବ ନାହିଁ କି ରୌଦ୍ର ତାପରେ କଷ୍ଟ ପାଇବ ନାହିଁ ।

ଯଦିଓ କ୍ଷୁଧା (ଭୋକ), ତୃଷା (ଶୋଷ), ବସ୍ତ୍ରର ଆବଶ୍ୟକତାର ସାହାଯ୍ୟ ପାରସ୍ପାରିକ ରୂପେ ଲୋକମାନେ ମଧ୍ୟ ଧ୍ୟାନ ତଥା ଯତ୍ନ ରଖିବା ପାଇଁ ଉଦ୍ୟମ କରିଥାନ୍ତି ଏବଂ ବିଭିନ୍ନ ସଂସ୍ଥା ତଥା NGO ସଂଗଠନ ଆଦିମାନେ ମଧ୍ୟ ସମସ୍ତ ଜୀବ ଏବଂ ମାନବ ପ୍ରତି ସମବେଦନା ପ୍ରକାଶ କରିବାରେ ଅଭ୍ୟସ୍ତ ଅଟନ୍ତି । କିନ୍ତୁ ସରକାରଙ୍କର ଏହି ମୁଖ୍ୟ ଦାୟିତ୍ଵ ଯେ, ସେ ନିଜର ଜନତାମାନଙ୍କ ସକାଶେ ଏଭଳି ସ୍ଥାୟୀ ମାଧ୍ୟମ ଓ ସମ୍ବଳ ଉପଲବ୍ଧ କରିବାର ବ୍ୟବସ୍ଥା କରୁ ଯଦ୍ଦ୍ୱାରା ସେମାନଙ୍କୁ ଆବଶ୍ୟକତା ଅନୁଯାୟୀ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଆଦି ସୁବିଧାରେ ଉପଲବ୍ଧ ହୋଇଯିବା ଉଚିତ୍ । କୌଣସି ସରକାର କିମ୍ବା କୌଣସି ରାଷ୍ଟ୍ର ଏହି ମୌଳିକ ଦାୟିତ୍ଵକୁ ନିର୍ବାହ କରିବାରେ ଅବହେଳା କିମ୍ବା ଅବ୍ୟବସ୍ଥା ଯୋଗୁଁ ଅସଫଳ ରୁହେ । ତେବେ ତଦନୁଯାୟୀ ଜନତାଙ୍କ ମଧ୍ୟରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି ହଇଯାଇଥାଏ । ଫଳତଃ ବିଭିନ୍ନ ଅପରାଧ ସୃଷ୍ଟି ହୋଇଥାଏ ।

ଏ ସଂକ୍ରାନ୍ତରେ ଏକଥା ମଧ୍ୟ ଅତୀବଗୁରୁତ୍ଵପୂର୍ଣ୍ଣ ଯେ, ଲୋକମାନଙ୍କୁ ସେମାନଙ୍କ ଅବସ୍ଥା ଅର୍ଥାତ ଯୋଗ୍ୟତା ଅନୁଯାୟୀ ରୋଜଗାର ଉପଲବ୍ଧ କରାଯାଉ। ଲୋକମାନଙ୍କୁ ସେମାନଙ୍କ ସାମର୍ଥ୍ୟାନୁଯାୟୀ ଆତ୍ମ ନିର୍ଭର ହେବା ନିମନ୍ତେ ଉଦ୍ୟମ କରାଇବା ଉଚିତ୍ । ସେମାନଙ୍କୁ ଭିକ୍ଷାଟନ ବୃତ୍ତି ଅବଲମ୍ବନ କରିବାରୁ ନିବୃତ୍ତ କରାଯାଉ । ଏସଂକ୍ରାନ୍ତରେ ଆଁହଜରତ ସ.ଅଙ୍କର କେତେକ ନିର୍ଦ୍ଦେଶାବଳୀ ଓ ଆପଣ ସ.ଅଙ୍କର ବ୍ୟବାହାରିକ ଉଦାହରଣ ଉପସ୍ଥାପିତ କରିଦେଉଛି ।

☆ ହଜରତ ଅବ୍ଦୁଲ୍ଲାଃ ବିନ୍ ମସଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ଅଲ୍ଲାଃତାଲାଙ୍କ ଦ୍ଵାରା ନିର୍ଦ୍ଧାରିତ କର୍ତ୍ତବ୍ୟ ସମ୍ପାଦନ କରିବା ପରି ପରିଶ୍ରମ କରି ରୋଜଗାର କରିବା ମଧ୍ୟ ଅନିର୍ବାର୍ଯ୍ୟ ଅଟେ । **(ମିଶକାତ୍)**

☆ ହଜରତ୍ ମିକଦାଦ୍ ବିନ୍ ମୁଆଦ୍ ୟକରବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ନିଜ ହସ୍ତରୁ ଉପାର୍ଜନ କରିଥିବା ରୋଜଗାର ଠାରୁ ଉତ୍ତମ ଅନ୍ୟ କୌଣସି ରୋଜଗାର ନାହିଁ । **(ବୁଖାରୀ)**

☆ ଯଦିଓ ଆଁହଜରତ ସ.ଅ ଭିକ ମାଗିବାକୁ ପସନ୍ଦ କରୁ ନଥିଲେ ଏବଂ କହୁଥିଲ ଯେ, ଉପରର ହସ୍ତ ନିମ୍ନ ହସ୍ତ (ଭିକ୍ଷା ମାଗୁଥିବା ବ୍ୟକ୍ତିର ହସ୍ତ) ଠାରୁ ସର୍ବାଧିକ ଶ୍ରେଷ୍ଠ ଅଟେ । କିନ୍ତୁ ଆପଣ ସ.ଅଙ୍କ ଦରବାରରୁ କୌଣସି ଅଭାବି ବ୍ୟକ୍ତି ଶୂନ୍ୟ ହସ୍ତରେ ଫେରୁ ନଥିଲା । କିନ୍ତୁ ଯଦି କୌଣସି ମାଗୁଥିବା ବ୍ୟକ୍ତିକୁ ଆପଣ ସ.ଅ ବାରଣ କରୁଥିଲେ ତେବେ ପୁନଶ୍ଚ ଏଥିପାଇଁ ସର୍ବୋତ୍କୃଷ୍ଟ ବିକଳ୍ପ ବ୍ୟବସ୍ଥା ମଧ୍ୟ କରୁଥିଲେ ।

☆ ସୁତରାଂ ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ଅନ୍‌ସାରୀ ବ୍ୟକ୍ତି ଭିକ୍ଷୁକ ହୋଇ ବା ଭିକ୍ଷୁକ ବେଶରେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା । ଆପଣ ସ.ଅ ଉକ୍ତ ଭିକ୍ଷୁକ ବ୍ୟକ୍ତିକୁ କିଛି ଦେବା ପରିବର୍ତ୍ତେ ପଚାରିଲେ, ତୁମ ଘରେ କ'ଣ ଅଛି ? ସେ କହିଲା, ଗୋଟିଏ ଚଦର ଓ ଜଳର ଏକ ମାଟି ପାତ୍ର । ଆପଣ ସ.ଅ କହିଲେ, ଉଭୟ ବସ୍ତୁ ନେଇ ଆସ । ସୁତରାଂ ସେହି ବ୍ୟକ୍ତି ଉଭୟ ବସ୍ତୁ ଧରି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା। ପୁନଶ୍ଚ ଆପଣ ସ.ଅ ସେହି ଉଭୟ ଜିନିଷିକୁ ସାହାବାମାନଙ୍କ ମଧ୍ୟରେ ନିଲାମ କରାଇଲେ । ଜଣେ ବ୍ୟକ୍ତି କହିଲା ମୁଁ ଏକ ଦିର୍‌ହମ୍‌ରେ ଏହି ଦୁଇଟି ଯାକ ବସ୍ତୁ କ୍ରୟ କରିନେବି । ଅନ୍ୟ ଜଣେ ବ୍ୟକ୍ତି କହିଲା, ମୁଁ ଦୁଇ ଦିର୍‌ହମ୍‌ରେ ଏହି ଦୁଇଟି ଯାକ ଜିନିଷି କ୍ରୟ କରିନେବି । ସୁତରାଂ ହୁଜୁର ସ.ଅ ଦୁଇ ଦିର୍‌ହମ୍‌ରେ ସେହି ଉଭୟ ଜିନିଷକୁ ବିକ୍ରିୟ କରିଦେଲେ ଏବଂ ସେହି ଅନସାରୀକୁ କହିଲେ, ହେଇ ନିଅ ଗୋଟିଏ ଦିରହମ୍‌ରୁ ଖାଇବା ପିଇବାର ଜିନିଷ କିଣି ଘରେ ଦେଇଦେବ ଓ ଅନ୍ୟ ଦିର୍‌ହମ୍‌ରୁ କୁରାଢ଼ୀ କିଣି ମୋ ପାଖକୁ ନେଇ ଆସ । ସୁତରାଂ ଯେତେବେଳେ ଉକ୍ତ ବ୍ୟକ୍ତି ଜଣକ କୁରାଢ଼ୀ କିଣି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ସେତେବେଳେ ଆଁହଜରତ ସ.ଅ ସ୍ଵୟଂ ସେହି କୁରଢ଼ୀରେ କାଠର ଏକ ଦସ୍ତା ବା ମୁଠା ପୂରାଇଲେ ଓ କହିଲେ, ଯାଅ ! ଏଥିରୁ କାଠ କାଟି ବିକ୍ରି କର ଓ ଏବଂ ପନ୍ଦର ଦିନରୁ ପୂର୍ବେ ମୁଁ ତୁମକୁ ଏପଟେ ଆସୁଥିବାର ଯେପରି ନଦେଖେ। ସୁତରାଂ ସେହି ବ୍ୟକ୍ତି ଜଣକ କାଠ ହାଣି ବିକ୍ରି କରୁଥିଲା । ଏପର୍ଯ୍ୟନ୍ତକି ସେ ଯେତେବେଳେ ହୁଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳକୁ ସେ ଦଶ ଦିର୍‌ହମ୍ ରୋଜଗାର କରିନେଇଥିଲା । ହୁଜୁର ସ.ଅ ତା'କୁ କହିଲେ ଯେ, ବସ୍ ତୁମେ ଭିକ୍ଷା ମାଗିବା ଅପେକ୍ଷା ସ୍ଵ ଉପାର୍ଜନ କରି ଆହାର ଖାଇବା ଅଧିକ ଶ୍ରେୟସ୍କର ଅଟେ। **(ଅବୁ ଦାଉଦ୍)**

☆ ଶ୍ରମିକକୁ ଶ୍ରମର ମୂଲ୍ୟ ଦେବା ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କର ଏକ କଥନାବଳୀ ରହିଛି ଯେ, ଶ୍ରମିକର ଝାଳ ଶୁଖିବା ପୂର୍ବରୁ ତା'ର ଶ୍ରମର ମୂଲ୍ୟ ପୈଠ କରିଦିଆଯାଉ ବା ଦେଇ ଦିଆଯାଉ । **(ଇବ୍‌ନେ ମାଜା)**

ସେହିପରି ଆପଣ ସ.ଅ କୁହନ୍ତି: ଯେଉଁ ବ୍ୟକ୍ତି ଶ୍ରମିକକୁ ତା' ଶ୍ରମର ମୂଲ୍ୟ ପୈଠ କରେ ନାହିଁ ତେବେ ପ୍ରଳୟ ଦିବସରେ ମୁଁ ସେହି ଶ୍ରମିକ ପକ୍ଷରୁ ଉକ୍ତ ବ୍ୟକ୍ତି ସହିତ କଳହ (ଝଗଡ଼ା) କରିବି । ତହିଁରୁ ଆମେ ଏହି ଫଳାଫଳରେ ଉପନୀତ ହେଲୁ ଯେ, ଯଦି କୌଣସି ମାଲିକ ମୂଲିଆର ମୂଲ ନଦିଏ ତେବେ ସରକାରଙ୍କ ଓ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 27-JULY 3-AUGUST 2023 Issue No. 30-31

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ପ୍ରଶାସନର ଏହି କର୍ତ୍ତବ୍ୟ ଯେ, ଉକ୍ତ ଶ୍ରମିକକୁ ତା'ର ଶ୍ରମର ଉଚିତ୍ ମୂଲ୍ୟ ଅର୍ଥାତ ପାରିଶ୍ରମିକ ପ୍ରଦାନ କରିବାରେ ସାହାଯ୍ୟ କରିବା ଉଚିତ୍ ।

ସମ୍ମାନିତ ପାଠକ ମଣ୍ଡଳୀ ! ସରକାର ଓ ପ୍ରଶାସନର ମୌଳିକ କର୍ତ୍ତବ୍ୟ ଏହା ମଧ୍ୟ ରହିଛି ଯେ, ପ୍ରଜାମାନଙ୍କ ସହିତ ନ୍ୟାୟ ଓ ସାମ୍ୟତାମୂଳକ ବ୍ୟବହାର ପ୍ରଦର୍ଶନ କରିବା ଉଚିତ ଏବଂ ପ୍ରତ୍ୟେକ ପ୍ରକାରର ଅନ୍ୟାୟ ତଥା ଅତ୍ୟାଚାରକୁ ସମାପ୍ତ କରିବା ଉଦ୍ୟମ ସରକାର କରୁ ।

ସାଂପ୍ରତିକ କାଳରେ ନ୍ୟାୟ ଓ ସାମ୍ୟତାର ଅଭାବ ଯୋଗୁଁ ହିଁ ସମସ୍ତ ପ୍ରକାରର ଅଶାନ୍ତି, ବିଶୃଙ୍ଖଳାର କାରଣ ତଥା ଆନ୍ତର୍ଜାତିକ ଅଶାନ୍ତିର ମୂଳ କାରଣ ଅଟେ। ଏଥିସଂକ୍ରାନ୍ତରେ ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ବାରମ୍ବାର ପୃଥିବୀର ଧନାଢ୍ୟ ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରୁଛନ୍ତି ଓ ଧ୍ୟାନ ଦେବା ପାଇଁ କହୁଛନ୍ତି । ସୁତରାଂ ଆପଣ ଅ.ବ କ୍ୟାପିଟାଲ୍ ହିଲ୍ ୱାଶିଂଟନ୍ ଡି.ସିରେ 2012 ମସିହାରେ ନିଜର ଏକ ଉଦ୍‌ବୋଧନରେ କହିଲେ:

"ପବିତ୍ର କୁରଆନ୍ କରୀମ୍ ସ୍ପଷ୍ଟ ରୂପେ କହିଛି ଯେ, ସମସ୍ତ ଲୋକମାନେ ମନୁଷ୍ୟ ହିସାବରେ ସମାନ ଅଟନ୍ତି । ଆଁହଜରତ ସ.ଅ ନିଜର ଅନ୍ତିମ ଖୁତ୍‌ବାରେ ସମସ୍ତ ମୁସଲମାନମାନଙ୍କୁ ଆଦେଶ ଦେଲେ ଯେ, ସେମାନେ ସର୍ବଦା ସ୍ମରଣ ରଖନ୍ତୁ ଯେ, କୌଣସି ଆରବ୍ୟ ବ୍ୟକ୍ତିକୁ ଅଣଆରବ୍ୟ ବ୍ୟକ୍ତି ଉପରେ କୌଣସି ଶ୍ରେଷ୍ଠତ୍ୱ ପ୍ରାପ୍ତ ହୋଇ ନାହିଁ । ସେହିପରି ନା ହିଁ କୌଣସି ଅଣଆରବ୍ୟ ବ୍ୟକ୍ତିକୁ ଆରବ୍ୟ ବ୍ୟକ୍ତି ଉପରେ ଶ୍ରେଷ୍ଠତ୍ୱ ପ୍ରାପ୍ତ ହୋଇଛି । ଆପଣ ସ.ଅ ଏହି ଶିକ୍ଷା ଦେଇଛନ୍ତି ଯେ, କୌଣସି ସବର୍ଣ୍ଣ (ଧଳା ବା ଉଚ୍ଚ) ବ୍ୟକ୍ତିକୁ ଅସବର୍ଣ୍ଣ (କଳା ବା ନୀଚ) ବ୍ୟକ୍ତି ଉପରେ କୌଣସି ଅଗ୍ରାଧିକାର ବା ଶ୍ରେଷ୍ଠତ୍ୱ ପ୍ରାପ୍ତ ହୋଇ ନାହିଁ। ସେହି ଅସବର୍ଣ୍ଣ ବ୍ୟକ୍ତିକୁ ସବର୍ଣ୍ଣ ବ୍ୟକ୍ତି ଉପରେ କୌଣସି ଶ୍ରେଷ୍ଠତ୍ୱ ପ୍ରାପ୍ତ ହୋଇ ନାହିଁ । ସୁତରାଂ ଇସଲାମ୍‌ର ଏହି ସ୍ପଷ୍ଟ ଶିକ୍ଷା ଯେ, ସମସ୍ତ ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମାନ ଅଟନ୍ତି । ଆପଣ ସ.ଅ ଏହା ମଧ୍ୟ କହିଲେ ଯେ, ସମସ୍ତ ଲୋକମାନଙ୍କୁ ବିନା କୌଣସି ପାର୍ଥକ୍ୟ ଓ ବିନା କୌଣସି ବିଦ୍ୱେଷରେ ସମାନ ଅଧିକାର ମିଳିବା ଉଚିତ୍ । ଏହା ହେଉଛି ସେହି ମୌଳିକ ଓ ସୁବର୍ଣ୍ଣ ନୀତି ଯାହା ଆନ୍ତର୍ଜାତିକ ଶାନ୍ତି ଓ ଏକ ସ୍ୱର, ଏକ ପରାମର୍ଶର ମୂଳଦୁଆ ସ୍ଥାପନ କରିଥାଏ ।"

**ଆନ୍ତର୍ଜାତିକ ସଂପର୍କ:**

ଦେଶୀୟ ତଥା ଜାତିଗତ ଅଧିକାର ଓ କର୍ତ୍ତବ୍ୟ ପରେ ବର୍ତ୍ତମାନ ଆନ୍ତର୍ଜାତିକ ସଂପର୍କ ସଂକ୍ରାନ୍ତରେ ସଂକ୍ଷିପ୍ତ ରୂପେ କିଛି କହିଦେବାକୁ ଚାହୁଁଛି । ବିଶେଷ କରି ସାଂପ୍ରତିକ ପରିବେଶରେ ଯେତେବେଳେ ପ୍ରତ୍ୟେକ ବୃହତ୍ ଶକ୍ତି କ୍ଷୁଦ୍ର ଶକ୍ତିକୁ ଚାପି ଦେଇ ଚାଲିଛି ଏବଂ ବିଭିନ୍ନ ଆଳ, କୌଶଳ ମାଧ୍ୟମରେ କ୍ଷୁଦ୍ର ଶକ୍ତିମାନଙ୍କର ଜୀବନ ସୀମାକୁ ସଂକୁଚିତ କରିଦେବାକୁ ତତ୍ପର ହୋଇଛନ୍ତି । ଯଦି ସେହି ସମସ୍ତ ଯୁଦ୍ଧ, କଳହର କାରଣ ଉପରେ ବିଚାର କରାଯାଏ ତେବେ ମୁଖ୍ୟ କାରଣ ଏହା ହିଁ ଦୃଷ୍ଟି ସମ୍ମୁଖକୁ ଆସିଥାଏ ଯେ, କେବଳ ପରସ୍ପର ଦେଶ ଉପରେ ଲୋଲୁପ ଦୃଷ୍ଟି ରଖିବା ଅବା ପରସ୍ପର ଠାରୁ ଅବୈଧ ଲାଭ ପ୍ରାପ୍ତ କରିବା କିମ୍ବା କ୍ଷୁଦ୍ର ରାଷ୍ଟ୍ରକୁ ପରାସ୍ତ କରି ନିଜର ଆଧିପତ୍ୟ ବିସ୍ତାର କରିବାର ଉଦ୍ୟମ ଅବ୍ୟାହତ ରହିଛି ।

ଇସଲାମ୍ ଧର୍ମ ଏହି ଆତ୍ମ ସ୍ୱାର୍ଥ୍ୟର ମୂଳଦୁଆକୁ ସମାପ୍ତ କରିବା ପାଇଁ ପବିତ୍ର କୁରଆନ୍‌ର ସୁରାହ୍ ତାହାର ଆୟତ୍ ସଂଖ୍ୟା 132ରେ ଏହି ଆଦେଶ ଦିଏ ଯେ, "ଆମ୍ଭେ ସେମାନଙ୍କ ମଧ୍ୟର କେତେକଙ୍କୁ ଯାହା କିଛି ପାର୍ଥିବ ଜୀବନରେ ଚାକଚକ୍ୟତା ପ୍ରଦାନ କରିଅଛୁ ତୁମ୍ଭେ ନିଜ ଦୃଷ୍ଟି ବିସ୍ତାରିତ କରି ଦେଖ ନାହିଁ । କାରଣ ସେଗୁଡ଼ିକ ସେମାନଙ୍କୁ ଏଥି ସକାଶେ ପ୍ରଦାନ କରାଯାଇଅଛି ଯେ, ଆମ୍ଭେ ସେମାନଙ୍କୁ ତଦ୍ୱାରା ପରୀକ୍ଷା କରିବୁ ଏବଂ ତୁମ୍ଭ ପାଳନକର୍ତ୍ତା ପ୍ରଦତ୍ତ ଜୀବିକା ସର୍ବୋତ୍କୃଷ୍ଟ ଓ ସ୍ଥାୟୀ ଅଟେ ।" ଏବଂ ଦ୍ୱିତୀୟ ମୌଳିକ ଆଦେଶ ସୁରାହ୍ ମାଏଦାର ଆୟତ୍ ସଂଖ୍ୟା 9 ରେ ଏହା ଦିଆଯାଇଛି ଯେ, "ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟସଂଗତ ଭାବରେ ସାକ୍ଷ୍ୟ ପ୍ରଦାନ କି ଅଲ୍ଲାହଙ୍କ ଉଦ୍ଦେଶ୍ୟରେ ଦୃଢ ରୁହ ଏବଂ କୌଣସି ସଂପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟ ଭିନ୍ନ ଅନ୍ୟଥା କରିବାକୁ କଦାପି ପ୍ରବର୍ତ୍ତାଉ । ତୁମେମାନେ ନ୍ୟାୟ କର । କାରଣ ତାହା ଧର୍ମପରାୟଣତାର ଅଧିକ ସମୀପବର୍ତ୍ତୀ ଏବଂ ଅଲ୍ଲାଃତାଲାଙ୍କୁ ଭୟ କର। ତୁମେମାନେ ଯାହା କରୁଅଛ ବାସ୍ତବରେ ଅଲ୍ଲାଃତାଲା ସେ ବିଷୟରେ ଅବଗତ ଅଛନ୍ତି ।"

ଆଜି ଦେଖୁନିଅ ପାଶ୍ଚାତ୍ୟ ଶକ୍ତିମାନେ ମଧ୍ୟ ଓ ପୂର୍ବୋତ୍ତର ଶକ୍ତିମାନେ ମଧ୍ୟ, ଉତ୍ତର ଶକ୍ତି ମଧ୍ୟ ତଥା ଦକ୍ଷିଣ ଶକ୍ତି ମଧ୍ୟ ପରସ୍ପରର ଜିନିଷ ପତ୍ର ଉପର ଲୋଲୁପ ଦୃଷ୍ଟି ରଖିଛନ୍ତି ଏବଂ ଅନ୍ୟ ଦେଶକୁ ଅକ୍ତିଆର କରିବାକୁ, ଅନ୍ୟମାନଙ୍କୁ ନିଜ ଅଧୀନ ଆଣିବାକୁ, ନିଜର ଆଧିପତିତ୍ୱତା ମୂଳକ ହସ୍ତକୁ ସାବ୍ୟସ୍ତ କରିବା ନିମନ୍ତେ ତଥା ନିଜର ସ୍ୱାର୍ଥ ରକ୍ଷା କରିବାରେ ବ୍ୟସ୍ତ ଅଛନ୍ତି । ଏପରି କରିବା ଦ୍ୱାର ଯଦି ଅନ୍ୟ ରାଷ୍ଟ୍ରର କ୍ଷତି ଘଟୁଛି ଘଟୁ, ଜାତି ଧ୍ୱଂସ ପାଉ ପଛେ, ଲୋକମାନେ ମରନ୍ତୁ ପଛେ କିନ୍ତୁ ଶକ୍ତିଶାଳୀ ରାଷ୍ଟ୍ରଙ୍କୁ ଏଥିପାଇଁ କିଛି ଫରକ ପଡ଼ୁ ନାହିଁ । ସେମାନେ ଏଥିପାଇଁ ଚିନ୍ତିତ ନାହାନ୍ତି କି ଏହାକୁ ଭ୍ରୁକ୍ଷେପ ମଧ୍ୟ କରନ୍ତି ନାହିଁ ।

ଜମାଅତେ ଅହେମଦିଆରେ ଚତୁର୍ଥ ଖଲିଫା ହ. ଖଲିଫତୁଲ୍ ମସିହୁର୍ ରାବେ ର.ଅ ଆଜିଠୁ ଅନେକ ବର୍ଷ ପୂର୍ବେ କହିଥିଲେ: "ସାଂପ୍ରତିକ କାଳରେ ରାଜନୀତି ଅତ୍ୟନ୍ତ କଳୁଷିତ ହୋଇଯାଇଛି । ନ୍ୟାୟ ଓ ଧର୍ମପରାୟଣତାରୁ ମୁକ୍ତ ହୋଇ ସେହି ମୁସଲମାନ ରାଷ୍ଟ୍ରଗୁଡ଼ିକ ଯେଉଁମାନେ ଇସଲାମ୍ ଧର୍ମ ନାମରେ ନିଜକୁ ଶ୍ରେଷ୍ଠ ବୋଲି ବିବେଚିତ ତଥା ଦାବି କରୁଛନ୍ତି ସେମାନଙ୍କର ବିଶ୍ୱସ୍ତତା ମଧ୍ୟ ଆଜି ଇସଲାମୀୟ ଚରିତ୍ର ଦ୍ୱାରା ନୁହେଁ ଓ ଇସଲାମ୍‌ର ଉଚ୍ଚ ତଥା ନ୍ୟାୟର ନୀତିରୁ ନୁହେଁ ବରଂ ନିଜର ସ୍ୱାର୍ଥ ସହିତ .......(ଅନ୍ୟ ପକ୍ଷେ) ଅନ୍ୟ ଜାତିମାନଙ୍କରେ ନ୍ୟାୟ ନାଁରେ ବଡ଼ ବଡ଼ ଦାବି କରୁଛନ୍ତି । ଯେପରିକି ସହିମାନେ ହିଁ ସଂସାରରେ ନ୍ୟାୟକୁ ସ୍ଥାପନ କରିବାରେ ନିୟୋଜିତ ହୋଇଛନ୍ତି ଏବଂ ସେମାନଙ୍କ ବ୍ୟତୀତ, ସେମାନଙ୍କର ଶକ୍ତି ବ୍ୟତୀତ ନ୍ୟାୟ ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ । କିନ୍ତୁ ଯେତେବେଳେ ଆପଣ ବିସ୍ତୃତ ବିବରଣୀକୁ ଅନୁଧ୍ୟାନ କରନ୍ତି ତେବେ ନ୍ୟାୟର ଅର୍ଥାତ ସେହି ନ୍ୟାୟ ସଂପର୍କରେ ପବିତ୍ର କୁରଆନ୍ କରୀମ୍ ଯାହା ଉପସ୍ଥାପିତ କରିଥାଏ, ଗୋଟିଏ ପଟରେ ନ୍ୟାୟର ଅଭାବ ରହିଛି ଓ ଅନ୍ୟ ପଟରେ ମଧ୍ୟ ନ୍ୟାୟର ଅଭାବ ରହିଛି ।"

**(ଖଲିଜ୍ କା ବୁହରାନ୍, ପୃ-14)**

**ଧାର୍ମିକ ସଂପର୍କ:**

ପୁନଶ୍ଚ ଶାନ୍ତି ସଂପର୍କରେ ଧାର୍ମିକ ସଂପର୍କର ମଧ୍ୟ ଅଧିକ ପ୍ରଭାବ ଓ ପ୍ରବେଶ ରହିଛି । ଆଜିକାଲି ଧାର୍ମିକ ଶିକ୍ଷାକୁ ସଠିକ୍ ଢଙ୍ଗରେ ନଜାଣିବା ଓ ନବୁଝିବା ଯୋଗୁଁ ଧର୍ମ ସଂସ୍ଥାପକମାନଙ୍କର ପ୍ରକୃ ଶିକ୍ଷାକୁ ପିଠି ପଛରେ ଫିଙ୍ଗି ଦେଇ ନାମକୁ ମତ୍ର ଧାର୍ମିକ ମାର୍ଗଦର୍ଶକ ଓ ଧର୍ମଗୁରୁଙ୍କର ବ୍ୟକ୍ତିଗତ ଦୃଷ୍ଟିକୋଣ ଓ ବିଚାରଧାରାର ଅନ୍ଧ ଅନୁକରଣତ୍ୱ ଫଳରେ ବିଭିନ୍ନ ଧର୍ମର ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଘୃଣା ପ୍ରସାରିତ କରାଯାଉଛି ଏବଂ ଏହିପରି ଧାର୍ମିକ ସ୍ୱାଧୀନତା ଓ ଧାର୍ମିକ ସ୍ୱୀକୃତି, ଧାର୍ମିକ ସହନଶୀଳତାର ଅଭାବ ସେହି ଲୋକମାନଙ୍କର ଶାନ୍ତି ଓ ସନ୍ତୁଷ୍ଟିକୁ ଏଭଳି ଭାବରେ ବର୍ବାଦ କରୁଅଛି ଯେ, ଲୋକମାନେ ଧର୍ମରୁ ହିଁ ଅପ୍ରସନ୍ନ, ଅସନ୍ତୁଷ୍ଟ ଓ ଅନାସକ୍ତ ହୋଇଚାଲିଛନ୍ତି ଏବଂ ଯେଉଁମାନେ ଧର୍ମ ସହିତ ସଂଶ୍ଳୀଷ୍ଟ ଅଛନ୍ତି ସେମାନଙ୍କ ମଧ୍ୟରୁ ବି ଅନେକ କେବଳ ପରମ୍ପରା ରୂପେ ଧର୍ମ ସହିତ ସଂଶ୍ଳୀଷ୍ଟ ଅଛନ୍ତି । ଅନ୍ୟଥା ସେମାନଙ୍କୁ ନିଜ ଧର୍ମର ସଠିକ୍ ଶିକ୍ଷା, ଆସ୍ଥା ଓ ଧର୍ମମତର ମଧ୍ୟ କିଛି ସାଧାରଣ ଜ୍ଞାନ ମଧ୍ୟ ନାହିଁ ।

(ଅବଶିଷ୍ଟାଂଶ ପରବର୍ତ୍ତୀ ଶୁମାରାରେ......)

☆☆☆

**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

ହ. ମୁସଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ନୁହଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)

**ନବୀ ସ.ଅଙ୍କ ବାଣୀ:-**

**"ଇଜତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍ କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan